ବର୍ଷ-୨୪, ସଂଖ୍ୟା-୨୦୮
ଭୁବନେଶ୍ୱର
୨୮ ଅଗଷ୍ଟ, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 208
Bhubaneswar
28 August, 2024, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

କଙ୍ଗନାଙ୍କୁ ହତ୍ୟା ଧମକ



# ମମତାଙ୍କ ବିରୋଧରେ ଛାତ୍ରଙ୍କ ଗର୍ଜନ

## 'ନବାନ୍ନ ରାଲି' : ବ୍ୟାରିକେଡ୍ ଭାଙ୍ଗି ଧସେଇ ପଶିଲେ ଛାତ୍ର, ପାଣି ମାଡ଼ କଲେ ପୋଲିସ

## ପୋଲିସ ଦମନମୂଳକ କାର୍ଯ୍ୟାନୁଷ୍ଠାନକୁ ବିଜେପିର ନିନ୍ଦା, ଆଜି ବନ୍ଦ ଡାକରା

କୋଲକାତା, ୨୭।୮ (ମହାଭାରତ): 'ନବାନ୍ନ ରାଲି': ବ୍ୟାରିକେଡ୍ ଭାଙ୍ଗି ଧସେଇ ପଶିଲେ ଛାତ୍ର, ପାଣି ମାଡ଼ କଲା ପୁଲିସଅଭୟାଙ୍କୁ ନ୍ୟାୟ ଦେବାକୁ ଆଜି ମମତାଙ୍କ ଗଡ଼ରେ ହୋଇଛି ମହା ବିକ୍ଷୋଭ। ଛାତ୍ର ସଂଗଠନର ଆନ୍ଦୋଳନ ବେଳେ ପୁଲିସ ସହ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ବ୍ୟାରିକେଡ୍ ଡେଇଁ ଧସେଇ ପଶିବାକୁ ଉଦ୍ୟମ କରିଛନ୍ତି ଛାତ୍ରଛାତ୍ରୀ। ଏତିକି ବେଳେ ଉତ୍ତେଜନା ପରିସ୍ଥିତି ଦେଖା ଦେଇଛି। ଏମାନଙ୍କ ମୁକାବିଲା ଲାଗି ସମସ୍ତ ଶକ୍ତି ଲଗାଇ ଦେଇଛନ୍ତି ମମତା ସରକାର। ଏହି ମାମଲାରେ ଆଜିଆଗୁଆ। ୪ ଜଣ ଛାତ୍ରଙ୍କୁ ଅଟକ ରଖି ହେପାଜତକୁ ନିଆଯାଇଛି। ଆଜି ୧୦ ପୋଲିସ କର୍ମଚାରୀ ଆହତ ହୋଇଥିବାବେଳେ ୧୪୪ ଜଣ ଛାତ୍ରଛାତ୍ରୀ ଗିରଫ ହୋଇଛନ୍ତି। ଅନ୍ୟ ପକ୍ଷରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରି ଆସନ୍ତାକାଲି ୧୨ ଘଂଟିଆ ବନ୍ଦ ଡାକରା ଦେଇଛି ବିଜେପି। ବିଜେପି ବନ୍ଦ ଡାକରା ବିରୋଧରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମସ୍ତ ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟାଳୟକୁ ଆସିବା ବାଧ୍ୟତାମୂଳକ କରିଛନ୍ତି।

ବିକ୍ଷୋଭକାରୀଙ୍କୁ ଅଟକାଇବା ପାଇଁ ପୁଲିସ ଲାଠିଚାର୍ଜ କରିଛି। କେବଳ ସେତିକି ନୁହେଁ ପାଣି ମାଡ଼ କରିବା ସହ ଲୁହ ବୁହା ଗ୍ୟାସ୍‌ମଧ୍ୟ ପ୍ରୟୋଗ କରିଛି। ରାଜ୍ୟ ସଚିବାଳୟ ବାହାରେ ବ୍ୟାପକ ସଂଖ୍ୟାରେ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଛାତ୍ର ସଂଗଠନକୁ ଅଟକାଇବା ପାଇଁ ବ୍ୟାରିକେଡ୍ ସାଙ୍ଗକୁ, ଲୁହା, ବାଉଁଶ ଓ ବଡ଼ ବଡ଼ କଣ୍ଟେନର ରାସ୍ତା ଉପରେ ରଖି ସିଲ୍ କରାଯାଇଛି। ଛାତ୍ରମାନଙ୍କୁ ରୋକିବା ପାଇଁ କୋଲକାତା ପୁଲିସ୍ ଅନେକ ରାସ୍ତା ବନ୍ଦ କରି ଦେଇଛି। ଡ୍ରୋନ୍ ସହାୟତାରେ ବିଭିନ୍ନ ସ୍ଥାନ ଉପରେ ନଜର ରଖାଯାଇଛି। ପୁଲିସ୍ ଦ୍ୱାରା ଯେଉଁ ବାରିକେଡ୍ କରାଯାଇଛି ତାହାକୁ ବିକ୍ଷୋଭକାରୀ ଛାତ୍ରମାନେ ଭାଙ୍ଗିବାରେ ଲାଗି ପଡ଼ିଛନ୍ତି।



ଆର.ଜି କର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଦୁଷ୍କର୍ମ-ହତ୍ୟା ମାମଲାକୁ ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅଫିସ୍ 'ନବାନ୍ନ' ଘେରାଉ ପାଇଁ ଏକାଠି ହୋଇଛନ୍ତି ହଜାର ହଜାର ଛାତ୍ରଛାତ୍ରୀ। ଟିଏମସି ସରକାର ବିରୋଧରେ ସବୁଠୁ ବଡ଼ ଆନ୍ଦୋଳନର ଡାକରା ଦେଇଛି ଛାତ୍ର ସଂଗଠନ। ବିନା କୌଣସି ରାଜନୈତିକ ବ୍ୟାନରରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ଛାତ୍ରଛାତ୍ରୀ। ଦୁଷ୍କର୍ମ ଓ ହତ୍ୟା ପୀଡ଼ିତାଙ୍କୁ ନ୍ୟାୟ, ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡ ଓ ମମତାଙ୍କ ଇସ୍ତଫା ଭଳି ତିନୋଟି ଦାବି ନେଇ ରାସ୍ତାକୁ ଓହ୍ଲାଇ ଛାତ୍ର ସଂଗଠନ। ସେମାନଙ୍କ ଦାବି ପୂରା ନହେଲେ ଏହି ଅଭିଯାନ ଜାରି ରହିବ ବୋଲି ଛାତ୍ରମାନେ ଧମକ ଦେଇଛନ୍ତି।

ତେବେ ଶାସକ ଦଳ ତୃଣମୂଳ କଂଗ୍ରେସ ଏହି ପ୍ରଦର୍ଶନରେ ବିରୋଧୀର ହାତ ଥିବା ସନ୍ଦେହ କରୁଛି। ଟିଏମସିର କହିବା କଥା ହେଲା ବିରୋଧୀମାନେ ରାଜ୍ୟରେ ଅଶାନ୍ତି ଖେଳାଇବାକୁ ଚାହାନ୍ତି। ପରିସ୍ଥିତିକୁ ବଦଳାଇବା ପାଇଁ ବିରୋଧୀ ଏହି ବିରୋଧ ପ୍ରଦର୍ଶନକୁ ଇନ୍ଧନ ଯୋଗାଉଛି।

# ପରିବାରର ସମସ୍ତ ମହିଳାଙ୍କୁ 'ସୁଭଦ୍ରା'

**ଭୁବନେଶ୍ୱର, ୨୭।୮ (ମହାଭାରତ):** 'ସୁଭଦ୍ରା' ଯୋଜନାର ଗାଇଡ୍‌ଲାଇନ୍ ଆସିବା ପରେ ଜନସାଧାରଣଙ୍କ ମନରେ ନାନାପ୍ରକାର ଦ୍ୱନ୍ଦ୍ୱ ଦେଖାଦେଇଛି। ଏହି ଯୋଜନାକୁ ନେଇ ଶାସକ ଦଳକୁ ଟାର୍ଗେଟ୍ କରୁଛନ୍ତି ବିରୋଧୀ ଦଳ। ସୁଭଦ୍ରା ଯୋଜନା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାନସଭାରେ ଆଜି ବଡ଼ ଘୋଷଣା କରିଛନ୍ତି। ଏପରିକି ଗୋଟିଏ ପରିବାର ଭିତରେ ତିନି ଜଣ ଥିଲେ ମଧ୍ୟ ସମସ୍ତଙ୍କୁ ରାଜ୍ୟ ସରକାରଙ୍କ ଯୋଜନାରେ ସାମିଲ କରାଯିବ। ସେହିପରି ବିଧବା ମହିଳା କି ଛାତ୍ର ବୃତି ପାଉଥିବା କଲେଜ ଝିଅଙ୍କୁ ବି ମଧ୍ୟ ଏହି ଯୋଜନାରେ ସାମିଲ କରାଯିବ।



ଆଜି ବିଧାନସଭାରେ ମହିଳା ଓ ଶିଶୁବିକାଶ ବିଭାଗ, ମିଶନଶକ୍ତି ଏବଂ ପର୍ଯ୍ୟଟନ ବିଭାଗର ଖର୍ଚ୍ଚଦାବିର ଆଲୋଚନାର ଉତ୍ତର ରଖି ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ, ସୁଭଦ୍ରା ଯୋଜନା ପାଇଁ ଯେଉଁ ଗାଇଡଲାଇନ୍ ସରକାର ଜାରି କରିଛନ୍ତି। ସେ କହିଛନ୍ତି, ରାଜ୍ୟରେ ୧ କୋଟି ୮ ଲକ୍ଷ ମହିଳାଙ୍କୁ 'ସୁଭଦ୍ରା' ଯୋଜନାରେ ସାମିଲ କରାଯିବ। ୨୧ରୁ ୬୦ ବୟସ୍କ ମହିଳାଙ୍କ ସଂଖ୍ୟା ୨ କୋଟି ୨୫ ଲକ୍ଷ। ସ୍ୱଚ୍ଛଳ ବର୍ଗଙ୍କୁ ଛାଡ଼ିଦେଲେ ୨୧ରୁ ୬୦ ବର୍ଷର ମହିଳାଙ୍କ ସଂଖ୍ୟା ପାଖାପାଖି ୧ କୋଟି ୮ ଲକ୍ଷ। ସୁଭଦ୍ରା ଯୋଜନାରେ ଗୋଟିଏ ପରିବାରରେ ଯେତେ ମହିଳା ଥିଲେ ବି ସେଥିରେ କିଛି ଅସୁବିଧା ନାହିଁ। ଗୋଟିଏ ପରିବାରରେ ଏହି ବୟସର ୩/୪ ଜଣ ଅବା ଯେତେଜଣ ଥିଲେ ସମସ୍ତେ ସୁଭଦ୍ରା ଟଙ୍କା ପାଇବେ। ବିଧବା ମହିଳା ଓ ଛାତ୍ରବୃତ୍ତି ପାଉଥିବା କଲେଜ ଝିଅଙ୍କୁ ବି ସୁଭଦ୍ରା ଟଙ୍କା ମିଳିବ ବୋଲି ଶ୍ରୀମତୀ ପରିଡ଼ା ସ୍ପଷ୍ଟ କରିଛନ୍ତି। ସୁଭଦ୍ରା କାର୍ଡ ମାଧ୍ୟମରେ ଅନଲାଇନରେ ଏହି ୧୦ହଜାର ଟଙ୍କା ଦୁଇଟି କିସ୍ତିରେ ଯୋଗାଇ ଦିଆଯିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ଏହାପରେ ବି ଯଦି କେହି ଯୋଗ୍ୟ ମହିଳା ବାଦ୍ ପଡ଼ିବେ ସରକାର ତାଙ୍କୁ ମଧ୍ୟ ଯୋଜନାର ସୁବିଧା ଯୋଗାଇ ଦେବେ।

ସେ ଆହୁରି କହିଛନ୍ତି ଯେ ଆମେ କହିଥିଲୁ ୫୦ ହଜାର ଦେବୁ ୫୦ ହଜାର ଦେଉଛୁ। ବିଜେପି ଯାହା କହି ସରକାରକୁ ଆସିଛି ତାହା ସବୁ ଦେବୁ। ୭୪ ହଜାର ଅଙ୍ଗନବାଡି କେନ୍ଦ୍ରରେ ଆବେଦନ ପାଇଁ ଫର୍ମ ମିଳିବ। ଯିଏ ଲଲିପପ୍ ଦେଖାଉଥାଏ ତାକୁ ସବୁ ଜିନିଷରେ ଲଲିପପ୍ ଦେଖାଯାଏ। କିନ୍ତୁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ।

ସୂଚନାଯୋଗ୍ୟ, ଚଳିତ ଆର୍ଥିକ ବର୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗ ପାଇଁ ୧୫୧୮୦ କୋଟି ୯୦ଲକ୍ଷ ଟଙ୍କାର ଖର୍ଚ୍ଚଦାବି ଉପସ୍ଥାପିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୃଷ୍ଟି ଯୋଜନାରେ ୧୮.୫୨ଲକ୍ଷ ମହିଳା, କିଶୋରୀ ଓ ଶିଶୁ ହିତାଧିକାରୀଙ୍କ ପୃଷ୍ଟିକର ଖାଦ୍ୟ ଯୋଗାଇ ଦିଆଯିବ। ରାଶି ଲଡ୍ଡୁ, ପୃଷ୍ଟିକର ମୁଢ଼ି, ବାଦାମ, ବୁଟ, ଭଜାବୁଟ ଓ ଖଜୁରୀ ପ୍ରଦାନ କରାଯିବାକୁ ବ୍ୟବସ୍ଥା ହୋଇଛି। ଏଥିପାଇଁ ଚଳିତବର୍ଷ ୫୫୩.୭୯କୋଟି ଟଙ୍କା ଖର୍ଚ୍ଚ କରାଯିବ।

# ସିବିଆଇ ଓ ଇଡିର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୭।୮ (ମହାଭାରତ): ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତିକୁ ନେଇ ବଡ଼ ମତ ରଖିଛନ୍ତି ସୁପ୍ରିମକୋର୍ଟ। ଘଟଣାର ତଦନ୍ତ କରି ଇଡି ଓ ସିବିଆଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଠାରୁ ଆରମ୍ଭ କରି କେ କିବତାଙ୍କ ଭଳି ହେଭିୱେଟ ରାଜନେତାଙ୍କୁ ଗିରଫ କରିଛନ୍ତି। ହେଲେ ସିବିଆଇ ଓ ଇଡିର ନିରପେକ୍ଷତା ଓ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି।

ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ବିଆର ଗବାଇ ଓ ଜଷ୍ଟିସ କେଭି ବିଶ୍ୱନାଥନଙ୍କ ଦୁଇ ଜଣିଆ। ଖଣ୍ଡପୀଠ କହିଛନ୍ତି ଯେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା କେବଳ ଅଭିଯୁକ୍ତରୁ ରାଜସାକ୍ଷୀ ବନିଥିବା ବ୍ୟକ୍ତିଙ୍କ ବୟାନ ଉପରେ ନିର୍ଭର କରି ରହିପାରିବ ନାହିଁ। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାକୁ ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ କରିବାକୁ ପଡ଼ିବ। ଯେଉଁ ବ୍ୟକ୍ତିଙ୍କ ଉପରେ ଅଭିଯୋଗ ରହିଥିଲା, ସେ ନିଜେ ସାକ୍ଷୀ ? ଆପଣମାନେ ନିଜ ଇଚ୍ଛାରେ ଚିହ୍ନଟ ଓ ଚୟନ କରିପାରିବେ ନାହିଁ। ଏହା କେଉଁ ପ୍ରକାରର ନିରପେକ୍ଷତା ଓ ସ୍ୱଚ୍ଛତା ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

ଅବକାରୀ ନୀତି ଦୁର୍ନୀତି ଘଟଣାରେ ଗତ ମାର୍ଚ୍ଚରେ ବିଆରଏସ୍ ନେତ୍ରୀ କେ କବିତାଙ୍କୁ ଇଡି ଗିରଫ କରିଥିଲା। ଏହାପରେ ସିବିଆଇ ଦ୍ୱାରା ମଧ୍ୟ ସେ ଗିରଫ ହୋଇଥିଲେ। ତାଙ୍କ ଜାମିନ ଆବେଦନକୁ ଇଡି ଓ ସିବିଆଇ ପକ୍ଷରୁ ବିରୋଧ ହେଉଥିବା ବେଳେ ସୁପ୍ରିମକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ ଏପରି ମତ ରଖିଛନ୍ତି। କବିତାଙ୍କ ଜାମିନ ଆବେଦନକୁ ବିରୋଧ କରି ଅତିରିକ୍ତ ସଲିସିଟର ଜେନେରାଲ ଏସଭି ରାଜୁ ଅଭିଯୁକ୍ତରୁ ରାଜସାକ୍ଷୀ ବନିଥିବା ବୁଚି ବାବୁ ଓ ରାଘବ ମଙ୍ଗୁଟା ରେଡ୍ଡୀ ଦେଇଥିବା ତଥାକଥିତ ସ୍ୱାଧୀନ ପ୍ରମାଣ କଥା କହିଥିଲେ। ଏହି ଦୁଇ ରାଜସାକ୍ଷୀ ଦେଇଥିବା ପ୍ରମାଣ କବିତାଙ୍କ ସଂପୃକ୍ତିକୁ ଦର୍ଶାଉଛି ବୋଲି ସେ ଯୁକ୍ତି ରଖିଥିଲେ। ତେବେ କିବତାଙ୍କ ପାଇଁ ମାମଲା ଲଢ଼ୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ କହିଥିଲେ ଯେ ଅନେକ ଥର, ସମାନ ବ୍ୟକ୍ତିଙ୍କ ସମାନ ବିବୃତିକୁ ମାମଲା ସହ ଜଡ଼ିତ ପ୍ରମାଣ ଭାବେ ଦର୍ଶାଯାଉଛି।

# ରାଜ୍ୟସଭାକୁ ମମତା ମହାନ୍ତ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଭୁବନେଶ୍ୱର, ୨୭।୮ (ମହାଭାରତ): ରାଜ୍ୟସଭା ସାଂସଦ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ବିଜେପି ପ୍ରାର୍ଥୀ ମମତା ମହାନ୍ତ। ଅନ୍ୟତମ ବିଜେପି ନେତା ଜଗନ୍ନାଥ ପ୍ରଧାନ ରାଜ୍ୟସଭା ନିର୍ବାଚନରୁ ଓହରିଯିବା

## ପ୍ରାର୍ଥୀପତ୍ର ପ୍ରତ୍ୟାହାର କଲେ ଜଗନ୍ନାଥ



ପରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ମମତା। ଏହାପରେ ମମତା ମଙ୍ଗଳବାର ରାଜ୍ୟସଭା ନିର୍ବାଚନ ରିଟର୍ଣ୍ଣିଂ ଅଫିସରଙ୍କଠାରୁ ସେ ତାଙ୍କ ସାର୍ଟିଫିକେଟ ଗ୍ରହଣ କରିଛନ୍ତି। ରାଜ୍ୟସଭା ସାଂସଦ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ମମତା ମହାନ୍ତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି।

ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ରାଜ୍ୟସଭା ସାଂସଦ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଆମ ଦଳର ପ୍ରାର୍ଥୀନୀ ମମତା ମହାନ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ମୁଁ ଦୃଢ଼ ନିଶ୍ଚିତ ମହିଳା ସଶକ୍ତିକରଣ ଏବଂ ରାଜ୍ୟବାସୀଙ୍କ ସ୍ୱାର୍ଥ ପୂରଣ ପାଇଁ ଓଡ଼ିଶାର ସ୍ୱର ସାଜିବା ସହ ବିକଶିତ ଓଡ଼ିଶା ଗଠନରେ ଆପଣଙ୍କ ଭୂମିକା ଗୁରୁତ୍ୱ ବହନ କରିବ। ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ବିଜେପି ନେତା ଜଗନ୍ନାଥ ପ୍ରଧାନ କହିଛନ୍ତି, ଦଳୀୟ ନେତୃତ୍ୱଙ୍କ ନିଷ୍ପତ୍ତି ଅନୁସାରେ ମୁଁ ପ୍ରାର୍ଥିପତ୍ର ଦାଖଲ କରିଥିଲି। ଦଳ ନିଷ୍ପତ୍ତି କ୍ରମେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛି। ପାର୍ଟିର ଶୃଙ୍ଖଳିତ କାର୍ଯ୍ୟକର୍ତ୍ତା ଭାବେ ଦଳୀୟ ନିଷ୍ପତ୍ତି ପାଳନ କରିଛି। ଦଳର ଏହା ଆଭ୍ୟନ୍ତରୀଣ ଷ୍ଟ୍ରାଟେଜି ଥିଲା। ମୁଁ ଜଣେ ଦଳର ଶୃଙ୍ଖଳିତ କର୍ମୀ। ଦଳ ମୋ ଉପରେ ଭରସା କରି ବଡ଼ ଦାୟିତ୍ୱ ଦେଇଥିଲା। ମୁଁ ଦଳ ନିଷ୍ପତ୍ତି ଅନୁସାରେ କାର୍ଯ୍ୟ କରିଥିଲି।

## ୧୧ ରାଜ୍ୟସଭା ଆସନରେ ଏନ୍‌ଡିଏ ବିଜୟୀ

**ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି):** ରାଜ୍ୟସଭାକୁ ଆଜି ୧୨ ଜଣ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହା ମଧ୍ୟରେ ବିଜେପିର ୯ ଜଣ ଓ ଆଉ ୨ ଜଣ ସଦସ୍ୟ ସହଯୋଗୀ ଦଳରୁ ରାଜ୍ୟସଭାର ସାଂସଦ ହୋଇଛନ୍ତି। ୧୧ ରାଜ୍ୟସଭା ଆସନ ହାସଲ କରିବା ପରେ ରାଜ୍ୟସଭାରେ କୌଣସି ବିଲ୍ ପାସ୍ କରାଇବା ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର। ଏବେ ବିଜେପି ନେତୃତ୍ୱାଧୀନ ଏନଡିଏ ପାଖରେ ହୋଇଯାଇଛି। ଆଜି ବିଜେପି ଟିକେଟରୁ ୯ ଜଣ ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ଯିବା ପରେ ଉଚ୍ଚ ସଦନରେ ଦଳର ସଦସ୍ୟ ସଂଖ୍ୟା ୯୬ରେ ପହଞ୍ଚିଛି। ସେହିପରି ଏନଡିଏର ରାଜ୍ୟସଭା ସାଂସଦଙ୍କ ସଂଖ୍ୟା ୧୧୨ ଛୁଇଁଛି। ଆଜି ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ଯାଉଥିବା ୧୨ ଜଣଙ୍କ ମଧ୍ୟରୁ ୯ ଜଣ ବିଜେପିର, ଅଜିତ ପାୱାରଙ୍କ ଏନସିପି ଓ ଏନଡିଏ ମେଣ୍ଟରେ ଥିବା ରାଷ୍ଟ୍ରୀୟ ଲୋକ ମଞ୍ଚର ଜଣେ ଲେଖାଏ ସଦସ୍ୟ ଓ କଂଗ୍ରେସରୁ ଅଭିଷେକ ମନୁ ସିଂଘଭୀ ରହିଛନ୍ତି।

# ଗୁଜରାଟ ଜଳାର୍ଣ୍ଣବ

ଗାନ୍ଧୀନଗର, ୨୭।୮ (ମହାଭାରତ): ଦୁଇ ଦିନ ହେବ ଲଗାଣ ବର୍ଷା ପରେ ଗୁଜରାଟରେ ସବୁଠି ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। କାନ୍ଥ ଭୁଶୁଡ଼ି କିମ୍ବା ଅନ୍ୟାନ୍ୟ କାରଣରୁ ତିନି ଜଣଙ୍କ ମୃତ୍ୟୁ ଘଟି ଥିବାବେଳେ ୨୦ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଆଗାମୀ କିଛି ଦିନ ମଧ୍ୟ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରିଛି ପାଣିପାଗ ବିଭାଗ।



ଭାରତ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଅଗଷ୍ଟ ୨୯ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆରବ ସାଗରରେ ସୃଷ୍ଟ ଲଘୁଚାପ ଗଭୀର ଅବପାତର ରୂପ ନେଇଥିବାରୁ ଗୁଜରାଟରେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଏହି ସମୟରେ କ୍ଷୟକ୍ଷତି ହେବାର ଆଶଙ୍କା କରାଯାଉଛି। ତେଣୁ ତଳିଆ ଅଞ୍ଚଳବାସୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହେବାକୁ ପରାମର୍ଶ ଦିଆଯାଇଛି। ସେହିପରି ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ସମୁଦ୍ର ମଧ୍ୟକୁ ନ ଯିବାକୁ ସତର୍କ କରାଯାଇଛି ଆସନ୍ତା ତିନି ଦିନ ପର୍ଯ୍ୟନ୍ତ ରାଜ୍ୟର ୨୭ଟି ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ଏହି ସବୁ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ରେଡ୍ ଆଲର୍ଟ ଜାରି କରାଯାଇଥିବା ଜିଲ୍ଲା ମଧ୍ୟରେ କୁଚ୍, ମୋର୍ବି, ସୁରେନ୍ଦ୍ରନଗର, ଜାମନଗର, ରାଜକୋଟ, ଦ୍ୱାରକା, ପୋରବନ୍ଦର, ଗିର ସୋମନାଥ, ଜୁନାଗଡ, ପଞ୍ଚମାହଲ, ଦାହୋଦ, ତାପି, ନାଭସାରୀ, ଭଲସାଦ, ଅହମ୍ମଦାବାଦ, ବୋତାଡ, ଆମ୍ରେଲି, ଆନନ୍ଦ, ଖେଡା, ମହିଷାଗର, ପଞ୍ଚମାହଲ, ନର୍ମଦା, ଭଦୋଦରା, ଛୋଟା ଉଦେପୁର, ସୁରଟ, ଏବଂ ଦାଙ୍ଗ। ସେହିପରି ବନାସକାନ୍ତ, ପାଟନ, ମେହସାନା, ଗାନ୍ଧିନଗର, ସାବରକାନ୍ତ, ଏବଂ ଅରବାଲିକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।

# ରାଜ୍ୟରେ ଆଉ ଏକ ଲଘୁଚାପ

**ଭୁବନେଶ୍ୱର, ୨୭।୮ (ମହାଭାରତ):** ରାଜ୍ୟରେ ବର୍ଷା ଜାରି ରହିଥିବା ବେଳେ ପୁଣି ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଭାସ ମିଳୁଛି। ବଙ୍ଗୋପସାଗରରେ ହେବାକୁ ଥିବା ଲଘୁଚାପ ଦ୍ୱାରା ବର୍ଷାର ପରିମାଣ ବଢ଼ିବାର ଆଶଙ୍କା ଦେଖାଯାଉଛି। ଅଗଷ୍ଟ ୨୮ରୁ ୩୧ ତାରିଖ ଯାଏଁ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ପାଣିପାଗ ବିଭାଗ ୨୮ ତାରିଖ ସକାଳ ସାଢ଼େ ୮ଟାରୁ ପରବର୍ତ୍ତୀ ୨୪ ଘଣ୍ଟା ପାଇଁ କେନ୍ଦୁଝର, ମୟୂରଭଂଜ, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଓ ଗଂଜାମ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ସେହିପରି ୨୯ ତାରିଖ ସକାଳ ସାଢ଼େ ୮ଟାରୁ ପରବର୍ତ୍ତୀ ୨୪ ଘଣ୍ଟା ପାଇଁ ମାଲକାନଗିରି, କୋରାପୁଟ, ନବରଂଗପୁର ଓ ରାୟଗଡ଼ା ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି କହିଛି। ପାଣିପାଗ ବିଭାଗ ଅଗଷ୍ଟ ୨୮ରେ କେନ୍ଦୁଝର, ମୟୂରଭଂଜ, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଓ ଗଂଜାମ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ସେହିପରି ୨୯ ତାରିଖ ସକାଳ ସାଢ଼େ ୮ଟାରୁ ପରବର୍ତ୍ତୀ ୨୪ ଘଣ୍ଟା ପାଇଁ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି କହିଛି ପାଣିପାଗ ବିଭାଗ।

# ମିଳିଲା ଛାତ୍ରୀଙ୍କ ମୃତଦେହ

ସମ୍ବଲପୁର, ୨୭।୮ (ମହାଭାରତ): ମିଳିଲା ନିଖୋଜ ଛାତ୍ରୀଙ୍କ ମୃତଦେହ। ସମ୍ବଲପୁର ଚଉଁରପୁର ସେତୁରୁ ଡେଇଁ ଆତ୍ମହତ୍ୟା କରିଥିବା ଛାତ୍ରୀଙ୍କ ମୃତଦେହ ଦୀର୍ଘ ୪ ଦିନ ପରେ ମଙ୍ଗଳବାର ଆଠଗଡ ଥାନା କନ୍ଦରପୁର ସ୍ଥିତ ମହାନଦୀ କୂଳରୁ ଠାବ ହୋଇଛି। ତାଙ୍କ ନାମ କାଜଲ ବୋଲି ଜଣାପଡିଛି। କନ୍ଦରପୁର ସ୍ଥିତ ମହାନଦୀ କୂଳରେ ମୃତଦେହ ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଚଉଁରପୁର ସେତୁରୁ ଡେଇଁ ଆତ୍ମହତ୍ୟା କରିଥିବା ନାବାଳିକାଙ୍କ ମୃତଦେହ ବୋଲି ଜଣାପଡିଛି।

# 'ସବୁ ଦୁର୍ନୀତିର ହେବ ତଦନ୍ତ'

ଭୁବନେଶ୍ୱର, ୨୭।୮ (ମହାଭାରତ): ଆଜି ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ସବୁ ଦୁର୍ନୀତିର ତଦନ୍ତ ହେବ ବୋଲି ରୋକଠୋକ ଶୁଣାଇଛନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ, ମିଶନ ଶକ୍ତି ମହିଳାଙ୍କୁ ସବୁଜ ଶାଢ଼ୀ ପିନ୍ଧାଇ କଲସେଂଟରରୁ କିଏ ଶଙ୍ଖ ଚିହ୍ନରେ ଭୋଟ୍ ମାଗିବାକୁ କହିଥିଲା ତାର ବି ତଦନ୍ତ କରାଯିବ। ଅଙ୍ଗନବାଡ଼ି ଛତୁଆର ଦୁର୍ନୀତି କିଏ କରିଛି ତାର ତଦନ୍ତ କରାଯିବ। ଶ୍ରୀମତୀ ପରିଡ଼ା ଆହୁରି ମଧ୍ୟ କହିଛନ୍ତି ଯେ, ସିଏମଓର ଜଣେ ଅଧିକାରୀ ରାଜ୍ୟ ତମାମ ବୁଲିବୁଲି ନିଜ ପକେଟରୁ ଦେଲା ଭଳି ଟଙ୍କା ବାଣ୍ଟିଛନ୍ତି। ପର୍ଯ୍ୟଟନ ବିଭାଗରୁ ମଠ ମନ୍ଦିରକୁ ଟଙ୍କା ବାଣ୍ଟିଲେ। କିନ୍ତୁ ବିଭାଗୀୟ ଅଧିକାରୀମାନଙ୍କୁ ବିଶ୍ୱାସକୁ ନେଲେ ନାହିଁ। ୩-୪ଜଣ ସଚିବ ସବୁ କଲେ। ଏହାର ତଦନ୍ତ ହେବାର ଆବଶ୍ୟକତା ରହିଛି। ଆମ ସରକାର ନିଶ୍ଚିତ ଟାସ୍କଫୋର୍ସ ଗଠନ କରିବେ ଓ ଏସବୁର ତଦନ୍ତ ହେବ। ସେହିପରି ପିପିପି ମୋଡରେ ପର୍ଯ୍ୟଟନ ଭିତ୍ତିଭୂମିକୁ କିଏ ବିକ୍ରି କରିଥିଲା ତାର ମଧ୍ୟ ତଦନ୍ତ ହେବ ବୋଲି ସେ ସୂଚନା ଦେଇଛନ୍ତି।

# ମହାରାଷ୍ଟ୍ରରେ ନର୍ସିଂ ଛାତ୍ରୀଙ୍କୁ ଅଟୋ ଚାଳକଙ୍କ ଦୁଷ୍କର୍ମ

ମୁମ୍ବାଇ, ୨୭।୮ (**ମହାଭାରତ**): ପୁଣି ଲଜ୍ଜା; ନିଶା ଦେଇ ନର୍ସିଂ ଛାତ୍ରୀଙ୍କୁ ଦୁଷ୍କର୍ମକୋଲକାତା ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ଦେଶବ୍ୟାପୀ ହଡ଼ତାଳ ମଧ୍ୟରେ ମହାରାଷ୍ଟରେ ଜଣେ ନର୍ସିଂ ଛାତ୍ରୀଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସ୍ୱାସ୍ଥ୍ୟକର୍ମୀ ଓ ନର୍ସମାନେ ଆନ୍ଦୋଳନକୁ ଓହ୍ଲାଇବା ସହ ଡାକ୍ତରଖାନା ଘେରାଉ କରିଛନ୍ତି।



ସୂଚନା ଅନୁସାରେ, ମହାରାଷ୍ଟ୍ରର କିଛି ଲୋକେ ଜଣେ ଯୁବତୀଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଦେଖିବାକୁ ପାଇଥିଲେ। ତାଙ୍କ ଶରୀରରେ ଏକାଧିକ ଆଘାତ ଲାଗିଥିବାରୁ ଉଦ୍ଧାର କରି ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ସେ ଜଣେ ନର୍ସିଂ ଛାତ୍ରୀ ବୋଲି ଜଣାପଡିଛି। ଡାକ୍ତରଖାନା ସୂତ୍ର ଅନୁଯାୟୀ ପୀଡିତାଙ୍କ ଶରୀରରେ ଗଭୀର ଆଘାତ ଲାଗିଛି। ଦୁଷ୍କର୍ମର ଶିକାର ହୋଇଥିବା ନେଇ ସନ୍ଦେହ କରାଯାଉଛି। ସମସ୍ତ ପ୍ରକାର ଡାକ୍ତରୀ ପରୀକ୍ଷା ଚାଲିଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ଛାତ୍ରୀ ଜଣକ କଲେଜରୁ ଅଟୋ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଅଟୋ ଡ୍ରାଇଭର ତାଙ୍କୁ ପାଣି ପିଇବାକୁ ଦେଇଥିଲେ। ପାଣି ପିଇବା ପରେ ସେ ଚେତାଶୂନ୍ୟ ହୋଇଯିବାରୁ ତାଙ୍କୁ ଅନ୍ୟ ଏକ ସ୍ଥାନକୁ ନେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଡ୍ରାଇଭର ଜଣକ ପାଣିରେ ନିଶାଦ୍ରବ୍ୟ ମିଶାଇଥିବା ସନ୍ଦେହ କରାଯାଉଛି। ସେପଟେ ଏହି ଘଟଣାକୁ ନେଇ ନର୍ସିଂ ଛାତ୍ରୀମାନଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ନର୍ସ ଏବଂ ହସ୍ପିଟାଲର କର୍ମଚାରୀମାନେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଡାକ୍ତରଖାନା ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ୟାନର ଧରି ସ୍ଲୋଗାନ୍ ଦେଇଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଆନ୍ଦୋଳନ ସ୍ଥଳରେ ପହଞ୍ଚି ନର୍ସମାନଙ୍କୁ ବୁଝାସୁଝା କରିଛି। କୋଲକାତା ଘଟଣାକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ମଧ୍ୟରେ ପୁଣି ଏପରି ଘଟଣା ଘଟିବା ବାସ୍ତବରେ ଚିନ୍ତାଜନକ। ତୁରନ୍ତ ଏ ଉପରେ କଠୋର ଆଇନ ଆଣିବାକୁ ନର୍ସମାନେ ଦାବି କରିଛନ୍ତି।

# ସ୍କାନରରେ ୯୧ ବିଡ଼ିଓ

**ଭୁବନେଶ୍ୱର, ୨୭।୮ (ମହାଭାରତ):** ନୂଆ ସରକାରଙ୍କ ସ୍କାନରରେ ରାଜ୍ୟର ୯୧ ଜଣ ବିଡ଼ିଓ ଅଛନ୍ତି। ବିଜେଡି ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରଶ୍ନ ରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଏହି ଲିଖିତ ଉତ୍ତର ଦେଇଛନ୍ତି। ସେ କହିଛନ୍ତି ଯେ, ବିଭିନ୍ନ ଅଭିଯୋଗ ଆଧାରରେ ୯୧ ବିଡ଼ିଓଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ବିଚାରକୁ ନିଆଯାଇଛି। ତେବେ ମନ୍ତ୍ରୀଙ୍କ ଏହି ଉତ୍ତର ପରେ ଆରମ୍ଭ ହୋଇଛି ରାଜନୈତିକ ବୟାନବାଜି। ନୂଆ ସରକାର ଆସିବା ପରେ, ବଡ ବଡ ବାବୁଙ୍କ ଉପରେ ଛାଟ ପଡିଛି। ତେଣୁ ଯେଉଁ ୯୧ ବିଡିଓଙ୍କ କଥା କୁହାଯାଉଛି, ସେମାନଙ୍କ ବିରୋଧରେ କି ଅଭିଯୋଗ ରହିଛି ? ସେମାନଙ୍କ ବିରୋଧରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି କି ନାହିଁ ତାହା ବେଶ୍ ଗୁରୁତ୍ୱପୂର୍ଣ୍ଣ।

# ୧୯୧ ବେଆଇନ ଆପାର୍ଟମେଣ୍ଟରେ ଚାଲିବ ବୁଲ୍‌ଡୋଜର

**ଭୁବନେଶ୍ୱର, ୨୭।୮ (ମହାଭାରତ):** ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହରରେ ବେଆଇନ ଆପାର୍ଟମେଣ୍ଟ ଗଢ଼ି ଉଠିଛି। ଭୁବନେଶ୍ୱରରେ ଏହି ସଂଖ୍ୟା ପାଖାପାଖି ୧୯୧ ହେବ। ତେଣୁ ଭୁବନେଶ୍ୱରରେ ବେଆଇନ ଭାବେ ନିର୍ମାଣ ହୋଇଥିବା ୧୯୧ଟି ଆପାର୍ଟମେଣ୍ଟ ଓ ଘରକୁ ସମ୍ପୂର୍ଣ୍ଣ ଭୂମିସାତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।



ଆଜି ବିଧାନସଭାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଶ୍ରୀ ମହାପାତ୍ର କହିଛନ୍ତି ଯେ, ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ (ବିଡିଏ) ଅଂଚଳରେ ବେଆଇନ ଭାବେ ଆପାର୍ଟମେଣ୍ଟ ଓ କୋଠା ନିର୍ମାଣ ହୋଇଥିବାରୁ ମୋଟ ୪୯୧ଟି ମାମଲା ରୁଜୁ ହୋଇଛି। ସେଥିରୁ ୧୯୧ଟି ମାମଲାରେ ଉଭୟ ଅପୋର୍ଟମେଂଟ ଓ ଘର ଭୂମିସାତ କରିବାକୁ ଆଦେଶ ଦିଆଯାଇଛି। ୬୩ଟି ମାମଲାକୁ ଖାରଜ କରାଯାଇଛି। ବାକି ୨୩୭ଟି ମାମଲା ଏବେବି ବିଚାରାଧୀନ ରହିଛି। ଏହି ବେଆଇନ ଆପାର୍ଟମେଣ୍ଟଓ କୋଠା ନିର୍ମାଣକାରୀଙ୍କ ବିରୁଦ୍ଧରେ ମୋଟ ୧୪୪୪ଟି ମାମଲା ରୁଜୁ ହୋଇଥିଲାବେଳେ ସେଥିରୁ ୪୫୧ଟି ମାମଲାର ଫଇସଲା ସରିଛି। ୯୯୩ଟି ମାମଲା ଏବେବି ବିଚାରାଧୀନ ରହିଛି। ଆଇନ ଉଲ୍ଲଙ୍ଘନ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଅଧିନିୟମ-୧୯୮୨ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ରାଜଧାନୀ ସମେତ କଟକ, ପୁରୀ, ଖୋର୍ଦ୍ଧା, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର, ଝାରସୁଗୁଡ଼ା, ଅନୁଗୁଳ, କେନ୍ଦୁଝର ସମେତ ପ୍ରାୟ ସବୁ ଜିଲ୍ଲାର ସହରାଞ୍ଚଳରେ ଲକ୍ଷାଧିକ ଆପାର୍ଟମେଣ୍ଟ ଗଢ଼ିଉଠିଛି। ଏହାକୁ ଛାଡ଼ି ମାଳ ମାଳ ବହୁତଳ ପ୍ରାସାଦ ଓ ଆବାସିକ କୋଠା ତିଆରି ହୋଇଛି ଅନେକ କୋଠା ବେଆଇନ ଭାବେ ତିଆରି ହୋଇଛି। ଲୋକଙ୍କ ସୁରକ୍ଷାକୁ ଅଣଦେଖା କରି ଏସବୁ ତିଆରି ହେଉଛି। ବିଗତ ଦିନରେ କିଛି ଆପାର୍ଟମେଣ୍ଟ ଓ କୋଠାରେ ନିଆଁ ଲାଗିବା ସମୟରେ ଏହାକୁ ଲିଭାଇବା ପାଇଁ ଅଗ୍ନିଶମ ବାହିନୀ ନାକେଦମ୍ ହୋଇଥିବା ଦେଖିବାକୁ ମିଳିଛି।

ଆପାର୍ଟମେଣ୍ଟ ଓ କୋଠାଗୁଡ଼ିକ ଆବଶ୍ୟକ ଅନୁମତି ନେଉନଥିବାରୁ ସରକାର ରାଜସ୍ୱ ବି ହରାଉଛନ୍ତି। ତେବେ ଅନେକ କ୍ଷେତ୍ରରେ ସରକାରଙ୍କ ଅନାବଶ୍ୟକ କଟକଣା ଯୋଗୁ ଲୋକେ ଅନୁମୋଦନ ନ ନେଇ କୋଠା ତିଆରି କରୁଛନ୍ତି। ମାତ୍ରାଧିକ ଜଟିଳ ବ୍ୟବସ୍ଥା ଯୋଗୁ ଲୋକେ ସରକାରୀ ଅନୁମୋଦନକୁ ଏଡ଼ାଇ ଯାଉଛନ୍ତି। ବିଲ୍ଡିଂ ପ୍ଲାନ୍ ଅନୁମୋଦନ ପାଇଁ ଆବେଦନ କଲେ ମାସ ମାସ ଲାଗୁଛି। କିଛି କ୍ଷେତ୍ରରେ ଏହା ବର୍ଷେ ଟପିଯାଉଛି। ପୁଣି ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ଓ ଅକ୍ୟୁପାନ୍ସି ସାର୍ଟିଫିକେଟ୍ ଦେବା ବ୍ୟବସ୍ଥାକୁ ସରଳୀକରଣ କରାଯାଉନି ବୋଲି ଅନେକ ରିଅଲ ଇଷ୍ଟେଟ୍ ସଂସ୍ଥା ଓ ଘରୋଇ ଲୋକେ ଅଭିଯୋଗ କରୁଛନ୍ତି।

## ପତ୍ରପୋଡ଼ା ଦେଶୀ କୁକୁଡ଼ା

**ଆବଶ୍ୟକ ସାମଗ୍ରୀ:** ଗୋଟା ଦେଶୀ କୁକୁଡ଼ା, ଲୁଣ, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ, ପିଆଜ, ରସୁଣ ବଟା, ସୋରିଷ ବଟା, ଜୀରା ଧନିଆଁ, ଗୁଜୁରାତି, ଡାଲଚିନି ବଟା, ତେଲ ଓ ଶାଳପତ୍ର

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପର ଓ ଚମଡ଼ା ଉତାରି ଗୋଟା ଦେଶୀ କୁକୁଡ଼ାରେ ଭଲଭାବେ ତେଲ ମାରିଦିଅନ୍ତୁ। ଏହା ପରେ ସେଥିରେ ଲୁଣ, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ, ପିଆଜ, ରସୁଣ ବଟା, ସୋରିଷ ବଟା, ଜୀରା ଧନିଆଁ, ଗୁଜୁରାତି, ଡାଲଚିନି ବଟା ଦେଇ ଭଲ ଭାବେ ଗୋଳାନ୍ତୁ। ମସଲା ଭଲ ଭାବେ ଗୋଳେଇ ହବା ପରେ ଏକ ଶାଳପତ୍ରରେ ମସଲା ଗୋଳା କୁକୁଡ଼ାକୁ ରଖି ପୁଣି ଏକ କଦଳୀପତ୍ରରେ ରଖି ତାକୁ କାଠି ଦ୍ୱାରା ବନ୍ଦ କରି ଦିଅନ୍ତୁ। ଏହାପରେ କଦଳୀପତ୍ର ଗୁଡ଼ା ଦେଶୀ କୁକୁଡ଼ାକୁ ନିଆଁ ଅଙ୍ଗାରରେ ରଖନ୍ତୁ। ପାଖାପାଖି ୪୦ ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ଦେଶୀ କୁକୁଡ଼ା ପତ୍ରପୋଡ଼ା।



ଖବର

## କଙ୍ଗନାଙ୍କୁ ମିଳିଲା ହତ୍ୟା ଧମକ



ବଲିଉଡ ଅଭିନେତ୍ରୀ ତଥା ବିଜେପି ସାଂସଦ କଙ୍ଗନା ରଣାଓ୍ୱତଙ୍କୁ ହତ୍ୟା ଧମକା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କୁ ଯେଉଁ ଭଳି ହତ୍ୟା କରାଯାଇଥିବା ସେହିଭଳି କଙ୍ଗନାଙ୍କୁ ଜୀବନରେ ମାରିବାକୁ ଧମକ ମିଳିଥିବା ଅଭିଯୋଗ ହୋଇଛି। ଶିଖ ସଙ୍ଗଠନ ତାଙ୍କୁ ଧମକ ଦେଇଛି। ତାଙ୍କ ଅପ୍କମିଂ ଫିଲ୍ମ 'ଏମରଜେନ୍ସି'ରେ ଟ୍ରେଲର ରିଲିଜ ହେବା ପରଠାରୁ ତାଙ୍କୁ ଏହି ଧମକ ମିଳିଛି।ଜଣେ ଖ୍ରୀଷ୍ଟିଆନ୍ ନିହଙ୍ଗା ଶିଖ ପାଲଟିଥିବା ବିକି ଥମସ ସିଂହ ଏକ ଭିଡିଓ ଜାରି କରିଛନ୍ତି। ଏଥିରେ କଙ୍ଗନାଙ୍କୁ ସେ ଖୋଲାଖୋଲି ଭାବେ ଜୀବନରେ ମାରି ଦେବାକୁ ଧମକ ଦେଇଛନ୍ତି। ସେ କହିଛନ୍ତି, 'ଯଦି ଏହି ଫିଲ୍ମରେ ମୃତ ଖଲିସ୍ତାନୀ ହିରୋ ଜର୍ଣ୍ଣେଲ ସିଂହ ଭିଣ୍ଡରାବାଲେଙ୍କୁ ଆତଙ୍କବାଦୀ ଭାବରେ ଚିତ୍ରଣ କରାଯାଇଛି, ତେବେ ଇନ୍ଦିରା ଗାନ୍ଧୀଙ୍କ ସହିତ କ'ଣ ଘଟିଛି ତାହା ମନେ ରଖନ୍ତୁ, ଯାହାର ଫିଲ୍ମ ଆପଣ ତିଆରି କରୁଛନ୍ତି ? ଯେଉଁମାନେ ନିଜ ମୁଣ୍ଡ ଅର୍ପଣ କରିପାରନ୍ତି ସେମାନେ ମୁଣ୍ଡ ମଧ୍ୟ କାଟିପାରନ୍ତି।'ସେପଟେ ଏହି ଧମକ ମିଳିବା ପରେ କଙ୍ଗନା ରଣାଓ୍ୱତ ପୁଲିସର ସହାୟତା ଲୋଡିଛନ୍ତି। ପୁଲିସକୁ ତୁରନ୍ତ ଏଥିପ୍ରତି ଧ୍ୟାନ ଦେବାକୁ ସେ କହିଛନ୍ତି। ସୋଶାଲ ମିଡିଆରେ ଉକ୍ତ ଧମକ ଭିଡିଓକୁ ସେୟାର କରି କଙ୍ଗନା ଲେଖିଛନ୍ତି। ଏଥିସହ ସେ ଏହି ଭିଡିଓକୁ ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଞ୍ଜାବ ପୁଲିସକୁ ଟ୍ୟାଗ ମଧ୍ୟ କରିଛନ୍ତି।ଅନ୍ୟପଟେ ଅନେକ ଶିଖ ସଙ୍ଗଠନ କଙ୍ଗନାଙ୍କ ଫିଲ୍ମ 'ଏମରଜେନ୍ସି'କୁ ବ୍ୟାନ୍ କରିବାକୁ ମଧ୍ୟ ଦାବି କରିଛନ୍ତି। ସଂଗଠନ ଅନୁଯାୟୀ, ଫିଲ୍ମରେ ଶିଖ ସମ୍ପ୍ରଦାୟକୁ ଖରାପ ଚିତ୍ରଣ କରିବାକୁ ଉଦ୍ୟମ କରାଯାଇଛି। ତେଣୁ ଏହାକୁ ବ୍ୟାନ୍ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। କହିଛି ଯେ ଜର୍ଣ୍ଣେଲ ସିଂହ ଭିଣ୍ଡରାବାଲେଙ୍କୁ ସମ୍ପ୍ରଦାୟର ସହିଦ ଘୋଷିତ କରାଯାଇଛି ଏବଂ ସମଗ୍ର ଶିଖ ସମ୍ପ୍ରଦାୟକୁ ବିଚ୍ଛିଉତାବାଦୀ କହିବା ଭୁଲ ଅଟେୟକହିରଖୁ, ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିର ଗାନ୍ଧିଙ୍କ ଶାସନ କାଳରେ ଦେଶରେ ଲାଗୁ ହୋଇଥିବା ଏମରଜେନ୍ସି ଉପରେ କଙ୍ଗନାଙ୍କ ଏହି ଫିଲ୍ମ ଆଧାରିତ। ଏହି ଫିଲ୍ମର ବର୍ତ୍ତମାନ କେବଳ ଟ୍ରେଲର ହିଁ ରିଲିଜ ହୋଇଛି। ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ଏହା ପରଦାକୁ ଆସିବ।

## ଶୁଭ ସମୟର ପୂର୍ବ ସୂଚନା

ଆମେ ସମ୍ମୁଖୀନ ହେଉଥିବା ଜଟିଳ ସ୍ୱାସ୍ଥ୍ୟ ସମସ୍ୟାଗୁଡିକ ମଧ୍ୟରୁ ହୃଦଘାତ ଅନ୍ୟତମମନୁଷ୍ୟ ସର୍ବଦା ସୁଖପ୍ରାପ୍ତି ପାଇଁ ବ୍ୟଗ୍ର ହୋଇଥାଏ। କିନ୍ତୁ ଏହା ତାକୁ ମିଳି ନ ଥାଏ। କେତେବେଳେ ସୁଖ ତ କେତେବେଳେ ଦୁଃଖ ଭୋଗିବାକୁ ପଡ଼ିଥାଏ। ଯଦି ଆପଣ ଦୀର୍ଘଦିନ ଦିନ ଦୁଃଖ ବା ଖରାପ୍ ସମୟ ଦେଇ କରୁଛନ୍ତି ଏହାପରେ ଏକ ଭଲ ସମୟ ମଧ୍ୟ ଆପଣଙ୍କୁ ଅପେକ୍ଷା କରିଥାଏ । ତେବେ ଆସନ୍ତୁ ଜାଣିବା ଆପଣଙ୍କର ଭଲ ସମୟ ଆସିବା ପୂର୍ବରୁ ଭଗବାନ କେମିତି ଦେଇଥାନ୍ତି ସୂଚନା ।

ଯଦି ଆପଣ କୌଣସି ବିଶେଷ କାର୍ଯ୍ୟ ବା ଚାକିରୀ ପାଇଁ ଇଣ୍ଟରଭ୍ୟୁ ଦେବାକୁ ଯାଉଛନ୍ତି ଏବଂ ହଠାତ୍ ଆପଣଙ୍କ ସାମ୍ନାରେ କୌଣସି ଗାଈ କିମ୍ବା ନଡ଼ିଆ ଦେଖିବାକୁ ମିଳେ ତେବେ ଏହା ଆପଣଙ୍କ ପାଇଁ ଶୁଭ ସଙ୍କେତ ହୋଇଥାଏ।

ସକାଳୁ କୌଣସି କାର୍ଯ୍ୟରେ ବାହାରିବା ସମୟରେ ବୁଢ଼ିଆଣୀ ଜାଲ ବୁଣୁଥିବା ଦେଖିଲେ, ଏହା ଭଲ ସମୟ। ଆଗମନର ସୂଚନା ପ୍ରଦାନ କରିଥାଏ। ସେହିପରି ମନ୍ଦିରରେ ପୂଜା କରୁଥିବା ସମୟରେ ଠାକୁରଙ୍କୁ ଅର୍ପଣ କରାଯାଇଥିବା ଫୁଲ ହଠାତ୍ ଆପଣଙ୍କ ଉପରେ କିମ୍ବା ସାମ୍ନାରେ ପଡ଼ିଯାଏ ତେବେ ଶୁଭ ସମୟ ଆଗତ ବୋଲି ବୁଝିବାକୁ ହେବ । ଏହାଦ୍ୱାରା ଭଗବାନ ଆପଣଙ୍କ ଉପରେ ପ୍ରସନ୍ନ ହୋଇଥାନ୍ତି।



## ତୀର୍ଥଯାତ୍ରାର ମହତ୍ତ୍ୱ

ଖୁବ୍ କମ୍ ଲୋକ ଥିବେ, ଯେଉଁମାନେ କେବେହେଲେ କୌଣସି ତୀର୍ଥସ୍ଥଳୀକୁ ଯାଇନଥିବେ । ବିଶ୍ୱର ପ୍ରତ୍ୟେକ ଧର୍ମରେ ତୀର୍ଥ ଭ୍ରମଣ ପ୍ରତି ଗୁରୁତ୍ୱାରୋପ କରାଯାଇଛି । ସାଧାରଣତଃ ଆଧ୍ୟାତ୍ମିକ ଗୁରୁତ୍ୱ ଥିବା ସ୍ଥାନକୁ ଆମେ ତୀର୍ଥ ଯାତ୍ରା କରିଥାଉ । ତୀର୍ଥ ଯାତ୍ରା ଦ୍ୱାରା ମନୁଷ୍ୟ ଈଶ୍ୱରଙ୍କ ନିକଟତର ହେବା ଲାଗି ପ୍ରୟାସ କରିଥାଏ । ଗଭୀର ବିଶ୍ୱାସ ଏବଂ ଆସ୍ଥା ସହିତ ଆମଭିତରୁ ଅନେକ ତୀର୍ଥ ଯାତ୍ରା କରିଥାନ୍ତି । ଏହି ଦୃଢ଼ ବିଶ୍ୱାସ କାରଣରୁ ଯେତେକଷ୍ଟ ହେଉ ପଛେ ତୀର୍ଥସ୍ଥଳୀ ଅଭିମୁଖେ ଯାତ୍ରା କରିବାର ପରମ୍ପରା ରହିଛି । ଭାରତରେ କେଉଁ ପ୍ରାଚୀନ କାଳରୁ ତୀର୍ଥ ଭ୍ରମଣ ପରମ୍ପରା ପ୍ରଚଳିତ ହୋଇଆସୁଛି । ତେବେ ଏହି ତୀର୍ଥ ଭ୍ରମଣ କାହିଁକି



କରାଯାଇଥାଏ ? ଧର୍ମଶାସ୍ତ୍ରରେ ତୀର୍ଥ ଯାତ୍ରା ପ୍ରତି ଏତେ ଗୁରୁତ୍ୱ କାହିଁକି ଦିଆଯାଇଛି ? ଏହାର ଉତ୍ତର ଖୋଜିବାକୁ ହେଲେ ଆମକୁ କେତେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ ।

ସଂସାର ଜଞ୍ଜାଳ ମଧ୍ୟରେ ବୁଡ଼ି ରହି ମନୁଷ୍ୟ ନିଜକୁ ବିଭିନ୍ନ ବିକାର ମଧ୍ୟରେ ହଜାଇ ଦେଇଥାଏ । ମନୁଷ୍ୟ ସର୍ବଦା ନିଜ କର୍ମର ଉପଯୁକ୍ତ ଫଳ କିମ୍ବା ତା'ଠାରୁ ଅଧିକ ଫଳ ପାଇବା ଲାଗି ଚେଷ୍ଟା କରିଥାଏ । ଈଶ୍ୱରଙ୍କ ବିଧାନ ଦୃଷ୍ଟିରୁ ଯଦି ମନୁଷ୍ୟ ନିଜ କର୍ମର ଉପଯୁକ୍ତ ଫଳ ପାଇନଥିବା ଅନୁଭବ କରେ, ସେ ହତାଶ ହୋଇପଡ଼େ । ପୁଣି କେବେ କେବେ କର୍ମ ଅନୁଯାୟୀ ଉପଯୁକ୍ତ ଫଳ ପାଇବା ପରେ ମଣିଷ ଅଧିକ ଫଳ ପାଇବା ଲାଗି ପ୍ରଚେଷ୍ଟା କରିଥାଏ । ଏହି ପ୍ରଚେଷ୍ଟା ମନୁଷ୍ୟକୁ କ୍ଲାନ୍ତ କରି ଦେଇଥାଏ । ଏହି କ୍ଲାନ୍ତି ମାନସିକ ଏବଂ ଶାରୀରିକ ଭାବେ ତା'କୁ ଦୁର୍ବଳ କରିଦିଏ । ଏଭଳି ସ୍ଥିତିରେ ମନୁଷ୍ୟର ଜୀବନ ଦିଗହରା ହୋଇଯାଇଥାଏ । ଦିଗଭ୍ରଷ୍ଟ ମନୁଷ୍ୟର ଜୀବନ ଈଶ୍ୱରଙ୍କ ଶରଣାପନ୍ନ ହେବା ଦ୍ୱାରା ବାଟକୁ ଆସିଥାଏ । ସେଥିପାଇଁ ତୀର୍ଥାଟନ କରିବାର ପରମ୍ପରା ପ୍ରାଚୀନ କାଳରୁ ପ୍ରଚଳିତ ହୋଇ ଆସିଛି । ସାଂସାରିକ କର୍ମ ଜଞ୍ଜାଳରେ ଲିପ୍ତ ହୋଇ କ୍ଲାନ୍ତ ହୋଇପଡ଼ିଥିବା ମନୁଷ୍ୟ ତୀର୍ଥଯାତ୍ରାରୁ ମାନସିକ ଶାନ୍ତି ପ୍ରାପ୍ତି କରିଥାଏ । ଏହି ଶାନ୍ତି ତା'କୁ ଈଶ୍ୱରଙ୍କ ଆହୁରି ନିକଟତର କରାଇଥାଏ । ସେଥିପାଇଁ ଆମ ପୁରାଣ ଶାସ୍ତ୍ରରେ ତୀର୍ଥଯାତ୍ରା କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ମଧ୍ୟ ତୀର୍ଥଯାତ୍ରା ମନୁଷ୍ୟର ଜୀବନକୁ ପ୍ରଭାବିତ କରିଥାଏ ।

ତୀର୍ଥଯାତ୍ରା ସମୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଉଥିବା ମନୁଷ୍ୟ ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ଶାରିରୀକ ଏବଂ ମାନସିକ ଭାବେ ସୁସ୍ଥ ହୋଇଥାଏ । ତୀର୍ଥଯାତ୍ରା ମନୁଷ୍ୟର ଶରୀର ଏବଂ ମନର ସ୍ଥିତିକୁ ବଦଳାଇଥାଏ । ମନୁଷ୍ୟ ଜୀବନରେ ନୂତନ ପ୍ରାଣ ସଞ୍ଚାର କରିଥାଏ । ମନୁଷ୍ୟକୁ ପୁଣି ଥରେ କର୍ମ କରିବା ଲାଗି ଏବଂ ସତ୍‌ମାର୍ଗରେ ଜୀବନ ଜିଇଁବା ଲାଗି ନୂତନ ଶକ୍ତି ପ୍ରଦାନ କରିଥାଏ ।

## ଭଗବାନ ଗଣେଶଙ୍କୁ ପ୍ରସନ୍ନ କରିବାର ଉପାୟ

ବୁଧବାର ଦିନ ବିଧି ବିଧାନ ଅନୁସାରେ ଭଗବାନ ଗଣେଶଙ୍କୁ ପୂଜା କରାଯାଇଥାଏ। ବୁଧବାର ଦିନ ଭଗବାନ ଗଣେଶଙ୍କର ବିଧି ବିଧାନ ଅନୁଯାୟୀ ପୂଜା କଲେ ଭଗବାନ ଗଣେଶ ପ୍ରସନ୍ନ ହୋଇ ଭକ୍ତଙ୍କ ସଙ୍କଟ ଦୂର କରିଥାନ୍ତି ଓ ମନୋସ୍କାମନା ପୂରଣ କରିଥାନ୍ତି। ହିନ୍ଦୁ ଧର୍ମରେ ଯେକୌଣସି ଶୁଭ କାର୍ଯ୍ୟ କରିବା ପୂର୍ବରୁ ଗଣେଶଙ୍କୁ ଆରାଧନା କରାଯାଇଥାଏ। ଗଣେଶ ରିଦ୍ଧି-ସିଦ୍ଧି ଦାତା ଓ ଶୁଭ-ଲାଭ ପ୍ରଦାତା। ଗଣେଶ ଭକ୍ତଙ୍କ ବାଧାବିଘ୍ନ, ସଙ୍କଟ, ରୋଗ ଦୋଷ ତଥା ଦରିଦ୍ରତା ଦୂର କରିଥାନ୍ତି। ବିଶ୍ୱାସ ରହିଛି ଯେ ବୁଧବାର ଦିନ ସଚ୍ଚୋଟ ମନରେ ଗଣେଶଙ୍କୁ ଆରାଧନା କଲେ ଓ ମନ୍ତ୍ର ଜପ କଲେ ସମସ୍ୟା ସମାଧାନ ହୋଇଥାଏ। ଗଣେଶ ଅମଙ୍ଗଳ ଦୂର କରିଥାନ୍ତି। ଯାହା ଉପରେ ଭଗବାନ ଗଣେଶ କୃପା କରନ୍ତି ସେମାନଙ୍କ ଜୀବନର ସମସ୍ତ ବାଧା ଦୂର ହୋଇଥାଏ। ଗଣେଶ ଯେତେ ଶୀଘ୍ର ରାଗି ଯାଆନ୍ତି ସେତେ ଶୀଘ୍ର ମାନି ମଧ୍ୟ ଯାଇଥାନ୍ତି। ଶାସ୍ତ୍ରରେ କିଛି ସରଳ ଉପାୟ ରହିଛି ଯାହାଦ୍ୱାରା ଗଣେଶ ପ୍ରସନ୍ନ ହୋଇଥାନ୍ତି।



୧. ଦୁବ ଅର୍ପଣ କରନ୍ତୁ - ଗଣେଶଙ୍କୁ ପ୍ରସନ୍ନ କରିବାର ସବୁଠାରୁ ସରଳ ଉପାୟ ହେଲା ପ୍ରତିଦିନ ସକାଳୁ ସ୍ନାନ ଆଦି ସାରି ଗଣେଶଙ୍କୁ ୫ଟି ଦୁବ ଘାସ ଅର୍ପଣ କରନ୍ତୁ। ଦୁବକୁ ଗଣେଶଙ୍କ ମସ୍ତକରେ ଚଢ଼ାଇବା ଉଚିତ। ଚରଣରେ ଦୁବ ରଖିବେନି। ଦୁବ ଅର୍ପଣ କଲାବେଳେ ଏହି ମନ୍ତ୍ର ଜପିବେ- ଇଦ ଦୁର୍ବାଦଳଂ ଙଂ ଗଂ ଗଣପତୟେ ନମଃ

୨. ସମୀ ଅର୍ପଣ କରନ୍ତୁ - ଶାସ୍ତ୍ର ଅନୁସାରେ ସମୀ ଏକମାତ୍ର ଏମିତି ଗଛ ଯାହାକୁ ପୂଜା କଲେ ଗଣେଶ ଓ ଶନିଦେବ ପ୍ରସନ୍ନ ହୁଅନ୍ତି। କଥାରେ ଅଛି ଭଗବାନ ଶ୍ରୀରାମ ମଧ୍ୟ ରାବଣ ଉପରେ ବିଜୟ ପାଇବା ପାଇଁ ସମୀ ବୃକ୍ଷକୁ ପୂଜା କରିଥିଲେ। ସମୀ ଗଣେଶଙ୍କ ଅତ୍ୟନ୍ତ ପ୍ରିୟ। ନିୟମିତ ଗଣେଶଙ୍କୁ ସମୀ ପତ୍ର ଅର୍ପଣ କରନ୍ତୁ। ଏହାଦ୍ୱାରା ଘରକୁ ଧନ ଓ ସୁଖ ସମୃଦ୍ଧି ଆସିଥାଏ।

୩. ଚାଉଳ ଅର୍ପଣ କରନ୍ତୁ - ଭଗବାନ ଗଣେଶଙ୍କୁ ପ୍ରସନ୍ନ କରିବାକୁ ପବିତ୍ର ଚାଉଳ ଅର୍ପଣ କରନ୍ତୁ। ଯେଉଁ ଚାଉଳ ଭାଙ୍ଗି ନଥାଏ ତାକୁ ପବିତ୍ର ଚାଉଳ କୁହାଯାଏ। ପୂଜାରେ ସବୁବେଳେ ଅରୁଆ ଚାଉଳ ବ୍ୟବହାର କରାଯାଏ। ଗଣେଶଙ୍କୁ ଶୁଖିଲା ଚାଉଳ ଅର୍ପଣ କରାଯାଏନାହିଁ, ଓଦା କରି ଅର୍ପଣ କରାଯାଏ। ଏହି ମନ୍ତ୍ର କହି ୩ଥର ଚାଉଳ ଅର୍ପଣ କରନ୍ତୁ- ଇଦ ଅକ୍ଷତମ୍ ଙଂ ଗଂ ଗଣପତୟେ ନମଃ

୪. ଗଣେଶଙ୍କ ପ୍ରିୟ ନାଲି ସିନ୍ଦୁର- ଗଣେଶଙ୍କୁ ନାଲି ସିନ୍ଦୁର ବହୁତ ପସନ୍ଦ। ଗଣେଶଙ୍କୁ ପ୍ରସନ୍ନ କରିବାକୁ ସିନ୍ଦୁରରେ ତିଳକ କରନ୍ତୁ। ଗଣେଶଙ୍କୁ ତିଳକ କରିବା ପରେ ନିଜ ମଥାରେ ମଧ୍ୟ ତିଳକ ଲଗାନ୍ତୁ। ଏହାଦ୍ୱାରା ଗଣେଶଙ୍କ କୃପା ପ୍ରାପ୍ତ ହେବାସହ ଆର୍ଥିକ ସମସ୍ୟା ଓ ବିଘ୍ନ ଦୂର ହୋଇଥାଏ। ଗଣେଶଙ୍କୁ ସିନ୍ଦୁର ଅର୍ପଣ କଲାବେଳେ ଏହି ମନ୍ତ୍ର କୁହନ୍ତୁ- ସିନ୍ଦୁର ଶୋଭନମ ରକ୍ତଂ ସୌଭାଗ୍ୟଂ ସୁଖବର୍ଦ୍ଧନମ୍ । ଶୁଭଦଂ କାମଦଂ ଚୈଓ୍ୱ ସିନ୍ଦୁରଂ ପ୍ରତିଗୃହ୍ୟତାମ୍ୟ ଓଁ ଗଂ ଗଣପତୟେ ନମଃ।



## ଭକ୍ତର ଶୁଖିଲା ଶାଗରେ ସନ୍ତୁଷ୍ଟ ହେଲେ ଭଗବାନ

ମହାଭାରତ ଯୁଦ୍ଧ ସମୟର କଥା । ପାଣ୍ଡବଙ୍କ ପକ୍ଷରୁ ସନ୍ଧି ପ୍ରସ୍ତାବ ନେଇ ଭଗବାନ ଶ୍ରୀକୃଷ୍ଣ କୌରବଙ୍କ ନିକଟକୁ ଆସିଥାନ୍ତି । ମାତ୍ର ଏହି ସନ୍ଧିକୁ ଦୁର୍ଯ୍ୟୋଧନ ସ୍ୱୀକାର କଲା ନାହିଁ । ବାସୁଦେବ ଫେରିଆସିଲେ। ଏହି ସମୟରେ



ଧୃତରାଷ୍ଟ୍ର, ଗାନ୍ଧାରୀ ଓ ଦୁର୍ଯ୍ୟୋଧନ ମିଶି ବାସୁଦେବଙ୍କୁ ସେମାନଙ୍କ ରାଜଭବନରେ ଅତିଥି ହେବା ଲାଗି ନିମନ୍ତ୍ରଣ କଲେ। ମାତ୍ର ପାଣ୍ଡବଙ୍କ ଦୂତ ହୋଇ ଆସିଥିବାରୁ ଶ୍ରୀକୃଷ୍ଣ ଏଥିପାଇଁ ମନାକଲେ । ପ୍ରକୃତରେ ସେ ବିଦୂରଙ୍କ ଘରେ ରହିବାକୁ ଚାହୁଁଥିଲେ। କୃଷ୍ଣଙ୍କ ମଧୁର ସ୍ୱର ଶୁଣି ବିଦୂରଙ୍କ ପତ୍ନୀ ଭକ୍ତିରେ ତଲ୍ଲୀନ ହୋଇଗଲେ । କୃଷ୍ଣଙ୍କୁ ଅତିଥି ରୂପେ ପାଇ ସେ ନିଜକୁ ଧନ୍ୟ ମନେ କଲେ। ଶେଷରେ ଖାଇବା ବେଳ ଆସିଲା । ବିଦୂରଙ୍କ ପତ୍ନୀ କଦଳୀ ଚୋପା ଛଡ଼ାଇ ଖାଇବାକୁ ଦେଉଥିଲେ । କୃଷ୍ଣଙ୍କୁ ପାଖରେ ପାଇ ସେ ଏତେମାତ୍ରାରେ ଭକ୍ତିରେ ବିହ୍ୱଳ ହୋଇପଡ଼ିଥିଲେ ଯେ କଦଳୀକୁ ତଳେ ଫିଙ୍ଗି ଦେଇ କୃଷ୍ଣଙ୍କୁ ଚୋପା ଖାଇବାକୁ ଦେଲେ । କୃଷ୍ଣ ମଧ୍ୟ ତାଙ୍କ ଠାରୁ ଚୋପା ଖାଇବାକୁ ଲାଗିଲେ । କୃଷ୍ଣଙ୍କୁ ଶୁଖିଲା ଶାଗ ଖାଇବାକୁ ଦେଇଥିଲେ ବିଦୂରଙ୍କ ପତ୍ନୀ। କିନ୍ତୁ କୃଷ୍ଣ ଯେତେବେଳେ ସେହି ଶାଗକୁ ଧରିଲେ ତାହା ମିଠାରେ ପରିଣତ ହୋଇଗଲା। ଏହାଦେଖି ସମସ୍ତେ ଚକିତ ହୋଇଗଲେ। ପତ୍ନୀ ତାଙ୍କର ଅନ୍ୟମନସ୍କ ଭାବେ ଶ୍ରୀକୃଷ୍ଣଙ୍କୁ ଖାଇବାକୁ ଦେଉଥିବା ଦେଖି ବିଦୂର ଧାଇଁ ଆସିଲେ । କୃଷ୍ଣଙ୍କୁ କଦଳୀ ଖାଇବାକୁ ଦେବା ସହ ପତ୍ନୀଙ୍କ ଭୁଲ ପାଇଁ କ୍ଷମା ମାଗିଲେ । ମାତ୍ର ଭଗବାନ କୃଷ୍ଣ କହିଲେ, ମୋତେ ତ' କଦଳୀ ଚୋପା, ଶୁଖିଲା ଶାଗ ଖାଇବାରେ ହିଁ ଆନନ୍ଦ ମିଳୁଥିଲା । ଆପଣ ଓ ଆପଣଙ୍କ ଧର୍ମପତ୍ନୀଙ୍କ ଭକ୍ତିରେ ମୁଁ ସନ୍ତୁଷ୍ଟ । ସେଥିପାଇଁ ଆପଣ ଅପରାଧବୋଧ କରିବା ଅନୁଚିତ୍ ।

# ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ସଂପର୍କରେ ଉନ୍ନୟନ କମିଶନରଙ୍କ ସମୀକ୍ଷା

**ଭୁବନେଶ୍ୱର,୨୭।୮ (ମହାଭାରତ):** ୨୦୨୪ -୨୫ ଆର୍ଥିକ ବର୍ଷ ନିମନ୍ତେ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆରଆଇଡିଏଫ) ର ଉଚ୍ଚ କ୍ଷମତା ସଂପନ୍ନ କମିଟିର ପ୍ରଥମ ବୈଠକ ଆଜି ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟଶାସନ ସଚିବ ଅନୁଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗ୍ରାମୀଣଭିତ୍ତିଭୂମି ବିକାଶ ପାଣ୍ଠି ଅଧିନରେ ରାଜ୍ୟରେ ୨୦୨୩-୨୪ ମସିହାରେ ଜଳସଂପଦ ବିଭାଗ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ, କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ଆଦି ବିଭାଗ ଜରିଆରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକାରିତା, ସଫଳତା ଓ କାର୍ଯ୍ୟ ଅଗ୍ରଗତି ଆଦି ସଂପର୍କରେ ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ



ସମୀକ୍ଷା କରିଥିଲେ । କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ତ୍ୱରାନ୍ୱିତ କରିବା ପରିପ୍ରେକ୍ଷୀରେ ସେ ସଂପୃକ୍ତ ସମସ୍ତ ବିଭାଗମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି ।

ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ମଧ୍ୟରେ ଜଳସଂପଦବିଭାଗ ଜରିଆରେ ବିଭିନ୍ନ ଜିଲ୍ଲାରେ ନଦୀ ଗୁଡ଼ିକରେ ତଟବନ୍ଧ ସୁରକ୍ଷା କାର୍ଯ୍ୟ, ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ, ସେଚଅଞ୍ଚଳଉନ୍ନୟନ ଓ ଜଳପରିଚାଳନା ପ୍ରକଳ୍ପ,ବୃହତ ଉଠାଜଳସେଚନ ପ୍ରକଳ୍ପ (ମେଗାଲିଫ୍ଟ) କାର୍ଯ୍ୟ ଆଦି କରାଯାଇଥିବା ସଂପର୍କର ଉପସ୍ଥାପନ କରାଯାଇଥିଲା । ସେହିପରି ପୂର୍ତ୍ତବିଭାଗ ତରଫରୁ ହାଇଲେଭଲ ସେତୁ ନିର୍ମାଣ ଓ ରାସ୍ତା ଉନ୍ନତି କରଣ, ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ରାସ୍ତା ଓ ସେତୁ ନିର୍ମାଣ କାର୍ଯ୍ୟ ସଂପର୍କରେ ବୈଠକରେ ଉପସ୍ଥାପନ କରାଯାଇଥିଲା। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଜଳନିଧି ଯୋଜନାରେ ଜଳସେଚନ, ପଂଚାୟତିରାଜ ଓ ପାନୀୟଜଳ ବିଭାଗ ଜରିଆରେ ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ ଜରିଆରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିବା ସଂପର୍କରେ ଉପସ୍ଥାପିତ ହୋଇଥିଲା। ବିଭିନ୍ନ ବିଭାଗ ଜରିଆରେ କରାଯାଇଥିବା ଆର.ଆଇ.ଡି.ଏ ଫ୍ଣ୍ଡି ଅଧିନରେ୨୦୨୪-୨୫ ବର୍ଷ ପାଇଁ ବଜେଟରେ ପ୍ରାବଧାନ, କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପରେ ଅଦ୍ୟାବଧି ଖର୍ଚ୍ଚ ଆଧାରରେ ନାବାର୍ଡକୁ ଅଧିକ ଅର୍ଥ ମଞ୍ଜୁରି ପାଇଁ ପରାମର୍ଶ ଦିଆଯାଇଛି। ବୈଠକରେ କମିଟିରେ ସଦସ୍ୟ ଥିବା ସଂପୃକ୍ତ ଉପରୋକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ନିର୍ଦ୍ଦେଶକ, ବରିଷ୍ଠ ପଦାଧିକାରୀ ଏବଂ ନାବାର୍ଡ,ଓଡ଼ିଶାର ମୁଖ୍ୟ ସାଧାରଣ ପରିଚାଳକ (ସିଜିଏମ) ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିଜେପି ଛାଡ଼ି ବିଜେଡ଼ିରେ ମିଶିଲେ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡି

**ଭୁବନେଶ୍ୱର,୨୭।୮ (ମହାଭାରତ):** ଯାଜପୁର ଜିଲ୍ଲା ଅନ୍ତର୍ଗତ ବରୀ ନିର୍ବାଚନ ମଣ୍ଡଳୀର ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡିଙ୍କ ସହ ଅନେକ ସରପଞ୍ଚ ଓ ସମିତିସଭ୍ୟ ମଙ୍ଗଳବାର ଶଙ୍ଖଭବନ ଠାରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ତଥା ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ ଦେବ, ବିଜୁ ଜନତା ଦଳର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା ଓ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡିଙ୍କୁ ଶ୍ରୀମତୀ ମଲ୍ଲିକ, ଶ୍ରୀ ଦେବ, ଶ୍ରୀ ଜେନା ଓ ଶ୍ରୀ ମଲ୍ଲିକ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ ।

ଏହି ମିଶ୍ରଣ ପର୍ବରେ ବିଜୁ ଜନତା ଦଳର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ କହିଛନ୍ତି ଯେ, ବିଜେପି ସାରା ଓଡ଼ିଶାରେ ପ୍ରଲୋଭନ ଦେଖାଇ ଓ କ୍ଷମତାର ଦୂରୁପଯୋଗ କରି ବିଜେଡିର ନିର୍ବାଚିତ ପ୍ରତିନିଧିମାନଙ୍କୁ ନେବାକୁ ଚେଷ୍ଟା କରୁଛି । ଆଜି ଅଶୋକ ଗେଡିଙ୍କ ଯୋଗଦାନ ଫଳରେ ବିଶେଷକରି ବରୀ ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଶ୍ରୀମତୀ ମଲ୍ଲିକ, ଶ୍ରୀ ଦେବ, ଶ୍ରୀ ଜେନା ଓ ଶ୍ରୀ ମଲ୍ଲିକ କହିଥିଲେ । ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ ଗେଡି ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ବରୀ ବ୍ଲକର ବିକାଶ ପାଇଁ ବିଜେପି ଯାଇଥିଲି । ଗତ ୧୧ ଦିନ ଭିତରେ ବିକାଶର କୌଣସି ବାସ୍ତବତା ଅନୁଭବ କରିପାରିଲି ନାହିଁ । ବିଜେପିରେ ଖାଲି ଭାଷଣବାଜି ଓ ମିଛ ପ୍ରତିଶ୍ରୁତି ଛଡ଼ା ଆଉ କିଛି ପାଇଲିନି । ତେଣୁ ମୁଁ ପୁଣିଥରେ ବିଜେଡିକୁ ଫେରିଆସିଲି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି ।

ଦଳରେ ମୋତେ ଓ ମୋ ସହ ଯୋଗ ଦେଇଥିବା ସମସ୍ତ ସରପଞ୍ଚ ଓ ସମିତିସଭ୍ୟଙ୍କୁ ଗ୍ରହଣ କରିଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ଏହି ମିଶ୍ରଣ ପର୍ବରେ ପୂର୍ବତନ ମନ୍ତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ବିଜେପି କ୍ଷମତାର ଦୂରୁପଯୋଗ କରି ବିଜେଡିକୁ ଭାଙ୍ଗିବାକୁ ଚେଷ୍ଟା କରୁଛି । ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ ଗେଡିଙ୍କୁ ବିଭିନ୍ନ ପ୍ରକାର ଚାପ ପ୍ରୟୋଗ କରି ପ୍ରଲୋଭନ ଦେଖାଇ ଓ ବିଭିନ୍ନ ପ୍ରକାର ଧମକ ଦେଇ ଦଳରେ ମିଶାଇ ବାହାବା ନେବାକୁ ଚେଷ୍ଟା କରିଥିଲା ବିଜେପି । ସେ କଥା ଆଜି ଫସର ଫାଟିଯାଇଛି ।

# ଚିକେନ ଖାଇବାରୁ କ୍ଷାନ୍ତ ରୁହନ୍ତୁ

**ଭୁବନେଶ୍ୱର,୨୭।୮ (ମହାଭାରତ):** ଓଡ଼ିଶାର ବିଭିନ୍ନ ସ୍ଥାନରେ ବାର୍ଡ ଫ୍ଲୁ ବ୍ୟାପୁଥିବାରୁ ସତର୍କତାମୂଳକ ପଦକ୍ଷେପ ଭାବରେ ସାଧାରଣ ଲୋକେ କିଛିଦିନ ଚିକେନ ଖାଇବାରୁ କ୍ଷାନ୍ତ ରହିବାକୁ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ବିଭିନ୍ନ ଜିଲାକୁ ଏ ସମ୍ପର୍କରେ ସଚେତନ କରାଯାଇଛି ଏବଂ ଆବଶ୍ୟକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ମଧ୍ୟ କୁହାଯାଇଛି। ମହାପାତ୍ର ସ୍ପଷ୍ଟ କରିଛନ୍ତି ଯେ ଜ୍ୱର ହେଉଛି ପକ୍ଷୀ ଫ୍ଲୁ ସଂକ୍ରମଣର ପ୍ରଥମ ଲକ୍ଷଣ ଏବଂ ସମସ୍ତ ଜିଲାରେ ଜ୍ୱର ଉପରେ ନଜର ରଖାଯାଉଛି। ତେବେ ରାଜ୍ୟରେ ବାର୍ଡ ଫ୍ଲୁ ବ୍ୟାପିବା ପରେ ପିପିଲିକୁ ଏକ ହଟସ୍ପଟ୍ ବୋଲି ଚିହ୍ନଟ କରାଯାଇଛି। ଫଳସ୍ୱରୂପ, ଏହି ଅଞ୍ଚଳକୁ ଏକ ରାପିଡ୍ ରେସପନ୍ସ ଟିମ୍ ପଠାଯାଇଛି। ଭାଇରସ ବିସ୍ତାରକୁ ରୋକିବା ପାଇଁ ପ୍ରଭାବିତ ଅଞ୍ଚଳରେ କଣ୍ଟେନମେଣ୍ଟ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଅଧିକାରୀ କହିଛନ୍ତି। ଏହି ରୋଗର ବିସ୍ତାରକୁ ରୋକିବା ପାଇଁ ସଂକ୍ରମିତ କୁକୁଡ଼ାମାନଙ୍କୁ ତୁରନ୍ତ ମାରିଦେବା ସହିତ ସେଗୁଡିକୁ ପୋତିଦେବା ଉପରେ ସ୍ୱାସ୍ଥ୍ୟବିଭାଗ ନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ର ଗୁରୁତ୍ୱ ଦେଇଛନ୍ତି। ପରିସ୍ଥିତିକୁ ତୀକ୍ଷ୍ଣ ନଜର ରଖିବା ପାଇଁ ଜନସ୍ୱାସ୍ଥ୍ୟ ୟୁନିଟ୍ ଦ୍ୱାରା ପ୍ରତିଦିନ ତଥ୍ୟ ସଂଗ୍ରହ କରାଯାଉଥିବା ସେ କହିଛନ୍ତି।

ପିପିଲି ଏହି ମାମଲାର କେନ୍ଦ୍ରବିନ୍ଦୁ ପାଲଟିଥିବାବେଳେ ବ୍ୟାପକ ନିରାକରଣ ପଦକ୍ଷେପ ନିଶ୍ଚିତ କରିବାକୁ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ତୀକ୍ଷ୍ଣ ନଜର ରଖିଛନ୍ତି। ସଂକ୍ରମଣର ବିପଦକୁ କମ୍ କରିବା ପାଇଁ ମହାପାତ୍ର ସଂକ୍ରମିତ କୁକୁରମାନଙ୍କ ସହିତ ମନୁଷ୍ୟର ସମ୍ପର୍କ ବିରୋଧରେ ଚେତାବନୀ ଦିଆଯାଇଛି।

ସେ ଏହା ମଧ୍ୟ ପରାମର୍ଶ ଦେଇ କହିଛନ୍ତି ଯେ ଏହା ଏକ ଭାଇରାଲ୍ ସଂକ୍ରମଣ ହୋଇଥିବାରୁ ଆମର ପ୍ରାଥମିକ ଧ୍ୟାନ ନୀରିକ୍ଷଣ ମାଧ୍ୟମରେ ଚିହ୍ନଟ ଉପରେ ରହିଛି। କୁକୁଡ଼ା ଫାର୍ମରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ସଜାଗ ରହିବା ଆବଶ୍ୟକ, ବ୍ୟକ୍ତିଗତ ସ୍ୱଚ୍ଛତା ରକ୍ଷା କରିବା, ମାସ୍କ ପିନ୍ଧିବା ଏବଂ ସଂକ୍ରମଣର ଉତ୍ସ ସହିତ ଯୋଗାଯୋଗରୁ ଦୂରେଇ ରହିବା ଆବଶ୍ୟକ।

ଏହି ଘଟଣାକୁ ଦୃଷ୍ଟିରେ ରଖି ଖୁବଶୀଘ୍ର ପ୍ରାଣୀ ଚିକିତ୍ସା ବିଭାଗ ଦ୍ୱାରା ଏକ ପରାମର୍ଶ ଜାରି କରାଯିବ ବୋଲି ମହପାତ୍ର କହିଛନ୍ତି। ତେବେ ଏହି ଘଟଣାକୁ ନେଇ ଅଧିକ ଆତଙ୍କିତ ହେବାର କୌଣସି ଆବଶ୍ୟକତା ନ ଥିବା ସେ କହିଛନ୍ତି।

## ନୂଆସାହି ଗଣେଶ ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ

**ଭୁବନେଶ୍ୱର,୨୭।୮ (ମହାଭାରତ):** ଆଖଣ୍ଡଳମଣୀ ସେବା ସଂସଦ ଆନୁକୂଲ୍ୟରେ ୩୩ତମ ଗଣେଶ ପୂଜା ଉପଲକ୍ଷେ ଚଳିତ ଥର ୫୬ ଫୁଟ ଉଚ୍ଚତା ବିଶିଷ୍ଟ ଶ୍ରୀ ଶ୍ରୀ ଗଣେଶ ମହାପ୍ରଭୁ ପୂଜା ପାଇବେ। କିଭଳି ଭାବେ ଶାନ୍ତି ଶୃଙ୍ଖଳାର ସହ ପୂଜା ଓ ଭସାଣି ଉତ୍ସବ ପାଳନ କରିବା ପାଇଁ ଏକ ଟିମ୍ ଗଠନ କରି କାର୍ଯ୍ୟକର୍ତ୍ତା ମାନଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ସଭାପତି ଭାବେ ହିଂମାଶୁ ଶେଖର ପ୍ରଧାନ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ବଡଜେନା, ଉପସଭାପତି ସୁପ୍ରଭାତ ପ୍ରଧାନ, ସୁମନ୍ତ ସାମନ୍ତରାୟ, ସାଧାରଣ ସମ୍ପାଦକ ଶୁଭେନ୍ଦୁ ନାୟକ, ସାଙ୍ଗଠନିକ ସମ୍ପାଦକ ସାଗର ବଳବନ୍ତରାୟ, ସନ୍ଦୀପ କୁମାର ବଳ, ସହ ସମ୍ପାଦକ ସୁଜିତ କୁମାର ରାୟ, କୋଷାଧ୍ୟକ୍ଷ ଦେବାଶିଷ ପ୍ରଧାନ, ଗଣମାଧ୍ୟମ ସଂଯୋଜକ ମିଲନ କୁମାର ପାଇକରାୟ, ସହ-ସଂଯୋଜକ ସୋନୁ କୁମାର ସାହୁ, କର୍ତ୍ତା ଦେବାଶିଷ ନାୟକ, ସାଂସ୍କୃତିକ ସମ୍ପାଦକ ସନ୍ତୋଷ କୁମାର ସାହୁ, ସହ-ସାଂସ୍କୃତିକ ସମ୍ପାଦକ ସ୍ୱାଗତ ରାଜଦର୍ଶୀଙ୍କୁ ଦାୟିତ୍ୱ ପ୍ରଦାନ କରାଯିବା ସହ ଏହି କମିଟିରେ କିଛି ବରିଷ୍ଠ ମାନଙ୍କୁ ଉପଦେଷ୍ଟା, କାର୍ଯ୍ୟନିର୍ବାହୀ ସଦସ୍ୟ ଦାୟିତ୍ୱ ପ୍ରଦାନ କରାଯାଇଛି।

# ନାଲକୋ ସହ ଲୌହ ଓ ଇସ୍ପାତ ଦକ୍ଷତା ପରିଷଦର ଏମଓୟୁ

**ଭୁବନେଶ୍ୱର,୨୭।୮ (ମହାଭାରତ):** ଭାରତ ସରକାରଙ୍କ' ସ୍କିଲ୍ ଇଣ୍ଡିଆ। ଇନିସିଏଟିଭ୍ ର ଅଂଶ ବିଶେଷ ସ୍ୱରୂପ, ରାଷ୍ଟ୍ରୀୟ କୌଶଳ ତଥା ଯୋଗ୍ୟତା ଫ୍ରେମୱାର୍କ (ଏନ୍.ଏସ୍.କ୍ୟୁ.ଏଫ୍) ଆଧାରିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ପରିଚାଳନା ଦ୍ୱାରା ପୂର୍ବ ଶିକ୍ଷଣ (ଆର୍.ପି.ଏଲ୍.) କୁସ୍ୱୀକୃତି ପ୍ରଦାନ କରିବା ଲାଗି ଭାରତୀୟ ଲୌହ ଓ ଇସ୍ପାତ ଦକ୍ଷତା ପରିଷଦ (ଆଇ.ଆଇ. ଏସ୍. ଏସ୍. ଏସ୍. ସି.) ସହିତ ନାଲକୋ ଆଜି ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଏହି ବୁଝାମଣା ମାଧ୍ୟମରେ ଆଇ.ଆଇ.ଏସ୍.ଏସ୍.ଏସ୍.ସି. ଦ୍ୱାରା କମ୍ପାନୀର ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଦକ୍ଷତା ମୂଲ୍ୟାଙ୍କନ ଏବଂ ପ୍ରମାଣନ କରାଯିବ। ନାଲକୋ ଏବଂ ଆଇ.ଆଇ.ଏସ୍.ଏସ୍.ଏସ୍.ସି. ମଧ୍ୟରେ ହୋଇଥିବା ଏମଓୟୁ କମ୍ପାନୀର ମାନବ ସମ୍ବଳ ଦକ୍ଷତାକୁ ଶିଳ୍ପ ମାନକ କ୍ଷେତ୍ରରେ ବୃଦ୍ଧିକରିବାରେ ସହାୟକ ହେବ। ଏହି ଅବସରରେ ନାଲକୋ ସି.ଏମ୍.ଡି. ଶ୍ରୀଧର ପାତ୍ର କହିଛନ୍ତି ଯେ, ଏହି ଦକ୍ଷତା ପ୍ରଶିକ୍ଷଣ ଦ୍ୱାରା ଭବିଷ୍ୟତରେ କମ୍ପାନୀର ନିରନ୍ତର ଏବଂ ସୁପରିଚାଳନାକୁ ସୁନିଶ୍ଚିତ କରି ହେବ।



ଧନ୍ଦା ମୂଳକ ଶିକ୍ଷା ବିକାଶ କ୍ଷେତ୍ରରେ ଉନ୍ନତି ଏବଂ ଗୁଣବତ୍ତା ସୁନିଶ୍ଚିତ କରିବା ନିମନ୍ତେ ଜାତୀୟ ଦକ୍ଷତା ବିକାଶ ନୀତି ୨୦୦୯ ଆଧାରରେ ଭାରତୀୟ ଲୌହ ଏବଂ ଇସ୍ପାତ ଦକ୍ଷତା ପରିଷଦ ଗଠନ କରାଯାଇଥିଲା। ଭୁବନେଶ୍ୱର ସ୍ଥିତ ନାଲକୋ ମୁଖ୍ୟାଳୟରେ ନାଲକୋ ସିଏମଡି ଶ୍ରୀ ଶ୍ରୀଧର ପାତ୍ର ତଥା ଆଇ.ଆଇ.ଏସ୍.ଏସ୍.ଏସ୍.ସି. ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ସୁସିମବାନାର୍ଜୀ ଏବଂ ବିଜୁପଟ୍ଟନାୟକ ଜାତୀୟଇସ୍ପାତ ପ୍ରତିଷ୍ଠାନ (ବି.ପି.ଏନ. ଏସ. ଆଇ.) ର ନିର୍ଦ୍ଦେଶକ, ପ୍ରୀତମ ଶଙ୍କର ପୁରକାୟସ୍ଥ ଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ନାଲକୋର ନିର୍ଦ୍ଦେଶକ ମଣ୍ଡଳୀଙ୍କ ସହ ଦୁଇ ସଂସ୍ଥାର ବରିଷ୍ଠ ଅଧିକାରୀଗଣ ଏବଂ ବି.ପି.ଏନ.ଏସ.ଆଇ.ର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ଦକ୍ଷତା ବିକାଶ ଓ କମ୍ପ୍ୟୁଟର ଶିକ୍ଷା

**ଭୁବନେଶ୍ୱର,୨୭।୮ (ମହାଭାରତ):** ରାଜ୍ୟରେ ଭିନ୍ନକ୍ଷମ ବିଦ୍ୟାର୍ଥୀମାନଙ୍କ ସଶକ୍ତିକରଣ ନିମନ୍ତେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଦୁଇଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ସେଣ୍ଟର ଫର ଡେଭଲପମେଂଟ ଅଫ୍ ଆଡଭାନ୍ସଡ୍ କମ୍ପ୍ୟୁଟିଂ (ସି-ଡାକ୍), କୋଲକାତା ଓ ସ୍କିଲ୍ କାଉନ୍ ସିଲ୍ ଫର ପର୍ସନସ୍ ଉଇଥ୍ ଡିଜେବିଲିଟି ସହ ବିଭାଗ ପକ୍ଷରୁଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ ଉପସ୍ଥିତ ଥିଲେ ।

ପ୍ରଥମ ବୁଝାମଣାପତ୍ର ଅନୁଯାୟୀ ସ୍କିଲ୍ କାଉନ୍‌ସିଲ୍ ଫର ପର୍ସନସ୍ ଉଇଥ୍ ଡିଜେବିଲିଟି ରାଜ୍ୟର




ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବିକାଶ ନିମନ୍ତେ ଏକ ବର୍ଷ ପର୍ଯ୍ୟନ୍ତ ପ୍ରଶିକ୍ଷଣ ହେବ। ଏହି ପ୍ରଶିକ୍ଷଣ ପରେ ଛାତ୍ରଛାତ୍ରୀମାନେ ଫେସନ ଡିଜାଇନିଂ, ଅଟୋମୋଟିଭ୍, ହୋଟେଲ ମ୍ୟାନେଜମେଣ୍ଟ, ପର୍ଯ୍ୟଟନ ଶିଳ୍ପ, ସିକ୍ୟୁରିଟି କମ୍ପାନୀ, ହସ୍‌ପିଟାଲ୍ ଓ ବିଭିନ୍ନ ଘରୋଇ କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇପାରିବେ। ଏହି ବୁଝାମଣା ପତ୍ରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ ଓ ଦୀପକ ରାଉତରାୟ ଏବଂ ସ୍କିଲ୍ କାଉନ୍‌ସିଲ୍ ଫର ପର୍ସନସ୍ ଉଇଥ୍ ଡିଜେବିଲିଟି ପକ୍ଷରୁ ମୁଖ୍ୟ ନିର୍ବାହୀ ଅଧିକାରୀ ରବିନ୍ଦ୍ର ସିଂହ ଓ ଅଧ୍ୟକ୍ଷ ଶାଳିନୀ ଖାନ୍ନା ସ୍ୱାକ୍ଷର କରିଥିଲେ ।

ସେହିପରି ଦ୍ୱିତୀୟ ବୁଝାମଣାପତ୍ର ଅନୁଯାୟୀ 'ସାଇଟ୍ ବିୟଣ୍ଡ ସାଇଟ୍' ପ୍ରକଳ୍ପ ଅଧୀନରେ ସି-ଡାକ୍ ରାଜ୍ୟର ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ବିଷୟକ ଶିକ୍ଷାଦାନ କରିବ। ପ୍ରଥମ ପର୍ଯ୍ୟାୟରେ ୧୮ ମାସ ମଧ୍ୟରେ ୫୦୦ ବିଦ୍ୟାର୍ଥୀ ଓ ଶିକ୍ଷକଙ୍କୁ ଏହି ଶିକ୍ଷା ଦିଆଯିବ। ସି-ଡାକ୍ ଭୁବନେଶ୍ୱର ଏହାର ଆଖପାଖ ଓ ଅନ୍ୟ ବିଦ୍ୟାଳୟ ଗୁଡ଼ିକରେ ଆବଶ୍ୟକୀୟ ସଫଟୱେୟାର ସହ ଡେସ୍କଟପ୍, ଲାପ୍‌ଟପ୍, ଡିଜିଟାଲ୍ ଭଏସ୍ ରେକର୍ଡର, ଟାବ୍‌ଲେଟ୍ ଆଦି ଯୋଗାଇ ଦେବ ।

ଏମ୍‌ଏସ୍ ଅଫିସ୍, ଇଣ୍ଟରନେଟ୍ ନାଭିଗେସନ୍, ଇମେଲ୍ ଭଳି ମୌଳିକ କମ୍ପ୍ୟୁଟର ବ୍ୟବହାର ସହ ବିଦ୍ୟାର୍ଥୀ ମାନଙ୍କୁ ବ୍ରେଲିରୁ ଟେକ୍ସଟ୍ କନଭର୍ଟର, ଓଡ଼ିଆ ଲେଖାରୁ ବକ୍ତୃତା, ଓଡ଼ିଆ ଭାଷାରେ ଫୋନେଟିକ୍ ଟକିଂ ଓ ଓଡ଼ିଆ ଅନୁବାଦର ଏକୀକରଣ, ଓଡ଼ିଆରେ ଅପଟିକାଲ ଅକ୍ଷର ଚିହ୍ନିବା ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯିବ ।

ଏହି ବୁଝାମଣା ପତ୍ରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ସି-ଡାକ୍ ବୈଜ୍ଞାନିକ (ଏଫ୍) ଓ ସହ-ନିର୍ଦ୍ଦେଶକ ରିତେଶ ମୁଖାର୍ଜୀ, ବୈଜ୍ଞାନିକ (ଇ) ଯୁଗ୍ମ ନିର୍ଦ୍ଦେଶକ କୁନାଲ ଚନ୍ଦ୍ର ଏବଂ ସୋମା ଖାନ୍ ସ୍ୱାକ୍ଷର କରିଥିଲେ ।

# ମାଲାବାରକୁ 'ରେସପନ୍ସିବୁଲ୍ ଜୁଏଲାରୀ ହାଉସ ଆୱାର୍ଡ'

**ଭୁବନେଶ୍ୱର,୨୭।୮ (ମହାଭାରତ):** ବିଶ୍ୱର ବୃହତମ ଅଳଙ୍କାର ଗୋଷ୍ଠୀ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ, ଇଣ୍ଡିଆ ଗୋଲ୍ଡ କନଫରେନ୍ସ (ଆଇଜିସି)ରେ ୨୦୨୩-୨୪ ପାଇଁ ସମ୍ମାନଜନକ 'ରେସପନ୍ସିବୁଲ୍ ଜୁଏଲାରୀ ହାଉସ ଆୱାର୍ଡ'ରେ ସମ୍ମାନିତ ହୋଇଛି। ଭାରତୀୟ ଗହଣା କ୍ଷେତ୍ରର ଅନ୍ୟତମ ଏହି ସମ୍ମାନ ଇଥିକାଲ ସୋର୍ସିଂ ଏବଂ ସ୍ଥିରତା ପାଇଁ ଅଦମ୍ୟ ପ୍ରତିବଦ୍ଧତା ଲାଗି ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡକୁ ସ୍ୱୀକୃତି ଦେଇଛି।

ଏହି ପୁରସ୍କାର ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡକୁ ଉତ୍ସର୍ଗୀକୃତ ଭାବରେ ଖଣିଜ ସୁନା ଏବଂ ଡାଇମଣ୍ଡକୁ ଆଇନଗତ ଉତ୍ସରୁ କ୍ରୟ କରିବାରେ ଉତ୍ସର୍ଗୀକୃତ ଚ଼ରିବା ସହ ପ୍ରତ୍ୟେକ ଅଳଙ୍କାରର ଶୁଦ୍ଧତା ଏବଂ ଅଖଣ୍ଡତାର ସର୍ବୋଚ୍ଚ ମାନ ସହିତ ନିର୍ମିତ ହୋଇଛି ବୋଲି ସୁନିଶ୍ଚିତ କରିଛି। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ବାଙ୍ଗାଲୋରର ହିଲଟନ ମ୍ୟାନଟା ବ୍ୟବସାୟ ପାର୍କରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଇଣ୍ଡିଆ ଗୋଲ୍ଡ ପଲିସି ସେଂଟରର ଚେୟାରମ୍ୟାନ ଡକ୍ଟର ସୁନ୍ଦରୱାଲ୍ଲୀ ନାରାୟଣସ୍ୱାମୀଙ୍କ ଠାରୁ ଇଣ୍ଡିଆ ଅପରେସନ୍ସର ପରିଚାଳନା ନିର୍ଦ୍ଦେଶକ ଓ ଆଶେର ଏହି ପୁରସ୍କାର ଗ୍ରହଣ କରିଛନ୍ତି।

ଏହି ଅବସରରେ ମାଲାବାର ଗୋଲ୍ଡ ଏଲଏଲସିର ବ୍ୟବସାୟ ବିକାଶର ମୁଖ୍ୟ ସୀତାରାମଣ ବର୍ଦ୍ଧରାଜନ,ଦିଲୀପ ନାରାୟଣନ, ମାଲାବାର ସୁନା ଏବଂ ଡାଇମଣ୍ଡର ବୁଲିଅନ ହେଡ, ଫିନମେଟ ପିଇଟି ଲିମିଟେଡର ନିର୍ଦ୍ଦେଶକ ସୁନୀଲ କାଶ୍ୟପ, ରାଣ୍ଡ ରିଫାଇନାରୀର ସିଇଓ ପ୍ରବୀଣ ବାଜନାଥ ଏବଂ ମାଲାବାର ସୁନା ଏବଂ ହୀରାର କର୍ଣ୍ଣାଟକର ଆଂଚଳିକ ମୁଖ୍ୟ ଫିଲସର ବାବୁ ମଧ୍ୟ ଉପସ୍ଥିତ ଥିଲେ।

ଏହି ଅବସରରେ ମାଲାବାର ଗ୍ରୁପ ଚେୟାରମ୍ୟାନ ଏମ.ପି ଅହମ୍ମଦ, କୃତଜ୍ଞତା ଜଣାଇବା ସହ ଇଥିକାଲ ଅଭ୍ୟାସ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ନିଶ୍ଚିତ କରିଛନ୍ତି। ସେ କହିଛନ୍ତି, 'ଆଇଜିସି ତରଫରୁ ରେସପନ୍ସବୁଲ୍ ଜୁଏଲାରୀ ହାଉସ ପୁରସ୍କାର ପାଇଥିବାରୁ ଆମେ ବେଶ୍ ଗୌରବନ୍ୱିତ।। ସୁନା ଏବଂ ହୀରା ବହୁମୂଲ୍ୟ ଉପହାର ଅଟେ, ବିବାହ ଏବଂ ଜନ୍ମଦିନ ପରି ଜୀବନର ସବୁଠାରୁ ଆନନ୍ଦଦାୟକ ମୁହୂର୍ତ୍ତରେ ଏହାକୁ ପ୍ରଦାନ କରାଯାଇଥାଏ। ଏହି ମୂଲ୍ୟବାନ ସାମଗ୍ରୀଗୁଡିକ ଇଥିକାଲ ଭାବରେ ସୁନିଶ୍ଚିତ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ।

## ସେର୍ଭୋଟେକ୍ ପାୱାର ଏଏନଇଆରଟି ପାଇଁ ୧୨ଟି ଇଭି ଚାର୍ଜିଂ ଷ୍ଟେସନ ନିର୍ମାଣ କରିବ

**ଭୁବନେଶ୍ୱର,୨୭।୮ (ମହାଭାରତ):** ଭାରତର ସର୍ବବୃହତ୍ ଇଭି ଚାର୍ଜର ନିର୍ମାତା ସେର୍ଭୋଟେକ୍ ପାୱାର ସିଷ୍ଟମ୍ ଲିମିଟେଡ୍ କେରଳ ସରକାରଙ୍କ ଶକ୍ତି ବିଭାଗର ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ଏଜେନ୍ସି ଠାରୁ ୧୨ଟି ଇଭି ଚାର୍ଜିଂ ଷ୍ଟେସନ୍ ସ୍ଥାପନ ପାଇଁ ଯଥେଷ୍ଟ ଚୁକ୍ତି ହାସଲ କରିଛି। ଏହି ଚୁକ୍ତି ଅନୁଯାୟୀ ସେର୍ଭୋଟେକ୍ କେରଳ ମୋଟର ଯାନ ବିଭାଗର ବିଭିନ୍ନ ସ୍ଥାନରେ ୩୦ କିଲୋୱାଟ୍ ଫାଷ୍ଟ ଡିସି ଇଭି ଚାର୍ଜର ସହିତ ୧୨ଟି ଇଲେକ୍ଟ୍ରିକ୍ ଯାନ (ଇଭି) ଚାର୍ଜିଂ ଷ୍ଟେସନ୍ ନିର୍ମାଣ କରିବ। ଏହି ଚୁକ୍ତିରେ ସର୍ଭୋଟେକ୍ ଯୋଗାଣ, କାର୍ଯ୍ୟକ୍ଷମ ଏବଂ ଇଭି ଚାର୍ଜିଂ ଷ୍ଟେସନ ନିର୍ମାଣ ଅନ୍ତର୍ଭୁକ୍ତ । ଏହି ପାଇଲଟ୍ ପ୍ରୋଜେକ୍ଟ ଯାହାର କାର୍ଯ୍ୟକାରିତା ଆରମ୍ଭ ହୋଇସାରିଛି ତାହା ପ୍ରଥମ ପର୍ଯ୍ୟାୟରେ ୪ଟି ଇଭି ଚାର୍ଜିଂ ଷ୍ଟେସନ ସ୍ଥାପନ ସହିତ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେବ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୮ଟି ଇଭି ଚାର୍ଜିଂ ଷ୍ଟେସନ ସ୍ଥାପନ କରାଯିବ । ସେର୍ଭୋଟେକ୍ ପାୱାର ସିଷ୍ଟମ୍ ଲିମିଟେଡ୍‌ର ନିର୍ଦ୍ଦେଶିକା ସାରିକା ଭାଟିଆ କହିଛନ୍ତି, "ଏଏନ୍‌ଇଆରଟି ପାଇଁ ଏହି ପାଇଲଟ୍ ପ୍ରୋଜେକ୍ଟରେ କାମ କରି ଆମେ ଆନନ୍ଦିତ। ଏକ ଅଗ୍ରଣୀ ଇଭି ଚାର୍ଜିଂ ଖେଳାଳି ଭାବରେ ଯିଏ ଭାରତକୁ ସବୁଜ ପରିବହନ ଦିଗରେ ପରିବର୍ତ୍ତନ କରିବା ଦିଗରେ ବହୁତ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି, ଏହି ପଦକ୍ଷେପ ଆମକୁ ଭାରତକୁ ଏକ ଇଭି ଚାଳିତ ରାଷ୍ଟ୍ର ଭାବରେ ଦେଖିବାର ଆମର ସାମୂହିକ ସ୍ୱପ୍ନକୁ ହାସଲ କରିବାର ନିକଟତର କରିଛି । ଆମେ କେରଳଠାରୁ ଆରମ୍ଭ କରି ଅନ୍ୟ ରାଜ୍ୟକୁ ମଧ୍ୟ ଆମର ସବୁଜ ପାଦଚିହ୍ନ ସୃଷ୍ଟି କରିବାକୁ ଯୋଜନା କରୁଛୁ ।

# ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୭।୮ (ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଜନ୍ମାଷ୍ଟମୀର ପବିତ୍ର ଅବସରରେ ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ବନମାଳିପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୂତନ ଭବନ ଏବଂ ଛାତ୍ରୀନିବାସର ଉଦଘାଟନ ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ସଡ଼କପଥଭିତ୍ତିକ ୯୪.୮୩ କୋଟି ଟଙ୍କା ଅର୍ଥାତ୍ ପାଖାପାଖି ୧୦୦ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପଗୁଡ଼ିକର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି । ଆଠମଲ୍ଲିକ ବିଧାନସଭାକୁ ପାଖାପାଖି ୧୦୦ କୋଟି ଟଙ୍କାର ଜନ୍ମାଷ୍ଟମୀ ଉପହାର ମିଳିଛି । ଲୋକାର୍ପିତ ଓ ଶିଳାନ୍ୟାସ ହୋଇଥିବା ସବୁ ପ୍ରକଳ୍ପଗୁଡ଼ିକ ଦ୍ୱାରା ଛାତ୍ରଛାତ୍ରୀ ଓ ଜନସାଧାରଣମାନେ ବିଶେଷ ଉପକୃତ ହେବେ ବୋଲି ସେ କହିଛନ୍ତି ।

ଜନ୍ମାଷ୍ଟମୀର ଅଭିନନ୍ଦନ ଜଣାଇବା ସହ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପ୍ରଣୀତ ଜାତୀୟ ଶିକ୍ଷା ନୀତି ଆମର ଶିକ୍ଷାକୁ ରୁଟେଡ୍ ସହ ବିଶ୍ୱର ଆବଶ୍ୟକତା ପୂରଣ କରିବା ଏବଂ ନୂଆପିଢିଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଇବା ଉପରେ ପ୍ରାଥମିକତା ଦେଉଅଛି । ଏହି ପରିପ୍ରେକ୍ଷୀରେ ବନମାଳିପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ଠାରୁ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁଯାୟୀ ପାଠପଢା ଆରମ୍ଭ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ଏହାବ୍ୟତିତ ଓଡ଼ିଶାରେ ପିଏମ ଶ୍ରୀ ଯୋଜନା ବା ପ୍ରଧାନମନ୍ତ୍ରୀ ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ ଯୋଜନାରେ ଓଡ଼ିଶାର ପ୍ରତ୍ୟେକ ବ୍ଲକ ଏବଂ ପୌରାଞ୍ଚଳରେ ଦୁଇଟି ଲେଖାଏଁ ସ୍କୁଲକୁ ପିଏମ ଶ୍ରୀସ୍କୁଲରେ ବିକଶିତ କରାଯିବ । ଓଡ଼ିଶାରେ ପ୍ରାୟ ୮୦୦ଟି ସ୍କୁଲ ପିଏମ ଶ୍ରୀ ସ୍କୁଲରେ ବିକଶିତ ହେବାର ଯୋଜନା ରହିଛି । ଆଠମଲ୍ଲିକ ସବଡିଭିଜନରେ ଥିବା ମୌଳିକ ପରମ୍ପରାକୁ ଆଗକୁ ନେବାରେ ଏହି ବିଦ୍ୟାଳୟ ବଡ ଯୋଗଦାନ ରଖିବ । ଜିଲ୍ଲାର ସବୁ ବିଭାଗକୁ ଏକାଠି କରି ଆଠମଲ୍ଲିକର ସବୁ ଗାଁରେ ଚାଷଜମିରେ ଜଳସେଚନ ସହ ଚାଷ କାର୍ଯ୍ୟକୁ ବଢାଇବା ପାଇଁ ଯୋଜନା କରିବାକୁ ଜିଲ୍ଲାପାଳକୁ ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଅପାର ସମ୍ଭାବନାରେ ପରିପୂର୍ଣ୍ଣ ତଥା ଚଷାଚାଷୀର ଅଞ୍ଚଳ ଆଠମଲ୍ଲିକ । ଏହି ଅଞ୍ଚଳରେ ଚାଷ କାର୍ଯ୍ୟକୁ ବଢାଇବା ସହ ମାଆ ଭଉଣୀ ମାନଙ୍କ ଦକ୍ଷତା ବଢାଇବା ପାଇଁ ପଡିବ । ଆଠମଲ୍ଲିକ ସବଡିଭିଜିନକୁ ଆଦର୍ଶ ସବଡିଭିଜନ ଭାବେ ତିଆରି କରିବା ପାଇଁ ଆମକୁ ସାମୂହିକ ଦାୟିତ୍ୱ ନେବା ପାଇଁ ହେବ । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ସଂଚାର ବ୍ୟବସ୍ଥା ସହ ମହିଳା ସଶକ୍ତିକରଣ ଏବଂ ରୋଜଗାର ଆମ ପ୍ରାଥମିକତାରେ ରହିବା ଉଚିତ୍ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ଏକ କଲ୍ୟାଣକାରୀ ସରକାର ଓ ରାଜ୍ୟରେ ମୋହନଚରଣ ମାଝୀଙ୍କ ନେତୃତ୍ୱରେ ଏକ ଲୋକପ୍ରିୟ ଶାସନ ଗଠନ ହୋଇପାରିଛି । ଇତିମଧ୍ୟରେ ରାଜ୍ୟରେ ବିଜେପି ସରକାରଙ୍କ ତରଫରୁ ଆରମ୍ଭ ହୋଇଥିବା 'ସୁଭଦ୍ରା ଯୋଜନା'ରେ ମହିଳା ହିତାଧିକାରୀଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ତଥା ମୋଟ ୫ ବର୍ଷରେ ସିଧାସଳଖ ବ୍ୟାଙ୍କ୍ ଖାତାକୁ ୫୦,୦୦୦ ଟଙ୍କା ପ୍ରଦାନ କରାଯିବ । ଏହି ନିଷ୍ପତି ଦ୍ୱାରା ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ମା' ଭଉଣୀମାନେ ଉପକୃତ ହେବେ । ମାଆ ମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ଦିଗରେ ଏହି ଯୋଜନା ଓଡ଼ିଶାରେ ସବୁଠୁ ବଡ ଯୋଜନା ହେବ ।

# ମହାବୀର ପୂଜା କମିଟିର ମାଟି ଅନୁକୂଳ

**ଭୁବନେଶ୍ୱର,୨୭।୮ (ମହାଭାରତ):** ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପବିତ୍ର ଜନ୍ମାଷ୍ଟମୀରେ ମହାବୀରଙ୍କ ପୂଜା ଉପଲକ୍ଷେ ମହାବୀରଙ୍କ ମୂର୍ତ୍ତି ନିର୍ମାଣ ନିମନ୍ତେ କୁଆଖାଇ ନଦୀ ପଠାରୁ ମାଟି ଅନୁକୂଳ କରାଯାଇଥିଲା। ଶ୍ରୀ ଶ୍ରୀ ଆଖଣ୍ଡଳମଣି ସେବା ସଂସଦରୁ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ବାହାରି କୁଆଖାଇ ନଦୀ ପଠାରେ ପହଞ୍ଚି ସେଠାରେ ପୂଜାର୍ଚ୍ଚନା କରି ମାଟି ଅଣାଯାଇଥିଲା। ନଦୀ ପଠାରୁ ମହାବୀର ପୂଜା ମଣ୍ଡପ ପର୍ଯ୍ୟନ୍ତ ବାଟରେ ଯେତେ ସବୁ ଦେବାଦେବୀ ବା ଧାର୍ମିକ ଅନୁଷ୍ଠାନ ଥିଲା ସବୁ ଜାଗାରେ ପୂଜାର୍ଚ୍ଚନା କରି ଉକ୍ତ ମାଟିକୁ ମନ୍ଦିରରେ ରଖାଯାଇଥିଲା। ଯେବେ ମୂର୍ତ୍ତି କାରିଗର ମାଟିଆଣି ମୂର୍ତ୍ତି ନିର୍ମାଣ କରିଥାଏ। ସେତେବେଳେ ନଦୀରୁ ଅଣାଯାଇଥିବା ମାଟିକୁ ଉକ୍ତ ମାଟିରେ ମିଶ୍ରଣ କରି ମୂର୍ତ୍ତି ନିର୍ମାଣ କାର୍ଯ୍ୟ କରାଯାଇଥାଏ। ଏହି ମାଟି ଅନୁକୂଳ କାର୍ଯ୍ୟକ୍ରମରେ ସଭାପତି ବିବେକାନନ୍ଦ କର ଓ କାର୍ଯ୍ୟକାରୀ ସଭାପତି ମିଲନ୍ କୁମାର ପାଇକରାୟ, ସାଧାରଣ ସମ୍ପାଦକ ଶୈଳେନ୍ଦ୍ର ପ୍ରସାଦ ରାୟ, କର୍ତ୍ତା ସନ୍ତୋଷ କୁମାର ଦାସ, ରମେଶ ଚନ୍ଦ୍ର ବେହେରା, ସାଗର ବଳବନ୍ତରାୟ, ସୁରେନ୍ଦ୍ର ନାୟକ, ପ୍ରଶାନ୍ତ କୁମାର ବଡଜେନା, ପ୍ରଭାତ ପ୍ରଧାନ, ଦେବାଶିଷ ପ୍ରଧାନ, ରାକେଶ କୁମାର ଜାଲି, ସୂର୍ଯ୍ୟକାନ୍ତ ବିଶ୍ୱାଳଙ୍କ ସମେତ, କମିଟିର ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଇସ୍ରାଏଲ-ହମାସ ଲଢ଼େଇ

ଗାଜା ସହର ଏକପ୍ରକାର ଧ୍ୱଂସ ସ୍ତୁପରେ ପରିଣତ ହୋଇଗଲାଣି । ହଜାର ହଜାର ନିରୀହ ବ୍ୟକ୍ତି ଏଥିରେ ପ୍ରାଣ ହରାଇଲେଣି । ହମାସର ଅନେକ ଆଡ୍ଡାସ୍ଥଳୀ ମଧ୍ୟ ଧ୍ୱଂସ ହୋଇଛି । ଅନେକ ରାଷ୍ଟ୍ର ଏବଂ ସଙ୍ଗଠନ ଗାଜା ଉପରେ ଇସ୍ରାଏଲର ଆକ୍ରମଣକୁ ନିନ୍ଦା କରୁଛନ୍ତି ଏବଂ ଇସ୍ରାଏଲ ଆକ୍ରମଣକୁ ଅମାନବୀୟ ବୋଲି କହୁଛନ୍ତି । କିନ୍ତୁ ହମାସ ଭଳି ଏକ ଆତଙ୍କୀ ସଙ୍ଗଠନର ବର୍ବରତାକୁ ସେମାନେ ନିନ୍ଦା କରୁନାହାଁନ୍ତି । ଏହାକୁ କହନ୍ତି ଦୋମୁହାଁ ନୀତି । ଇସ୍ରାଏଲ-ହମାସ ଲଢ଼େଇରେ ଅନେକ ନିରୀହ ଲୋକ ପ୍ରାଣ ହରାଇବା ନିଶ୍ଚିତ ଭାବେ ଏକ ଦୁଃଖଦାୟକ ଘଟଣା । ଏହି ଯୁଦ୍ଧ ତୁରନ୍ତ ବନ୍ଦ ହେବା ଉଚିତ ଏବଂ ସମ୍ପୃକ୍ତ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ହେବା ଉଚିତ । ବିଶ୍ୱର ସବୁ ଶାନ୍ତିକାମୀ ଏବଂ ସଭ୍ୟ ତଥା ଗଣତାନ୍ତ୍ରିକ ରାଷ୍ଟ୍ର, ବ୍ୟକ୍ତି ଏହା ଚାହାଁନ୍ତି । କିନ୍ତୁ ଏବେ ବି ହମାସ କବଳରେ ଇସ୍ରାଏଲର କିଛି ବ୍ୟକ୍ତି ପଣବନ୍ଦୀ ହୋଇ ରହିଛନ୍ତି । ସେମାନେ ବଂଚିଛନ୍ତି କି ନାହିଁ କେହି ଜାଣନ୍ତିନି । ଯେଉଁମାନେ ଇସ୍ରାଏଲର ଆକ୍ରମଣକୁ ନିନ୍ଦା କରୁଛନ୍ତି, ସେମାନେ ପଣବନ୍ଦୀଙ୍କୁ ଛାଡ଼ିବା ପାଇଁ ହମାସ ଉପରେ ଚାପ ପ୍ରୟୋଗ କରିବାକୁ କାହିଁକି କୁଣ୍ଠାବୋଧ କରୁଛନ୍ତି ତାହା ବୁଝାପଡୁନି । ଇତିମଧ୍ୟରେ ଇସ୍ରାଏଲର ଆକ୍ରମଣରେ ହମାସର ଜଣେ ବଡ଼ ନେତା ହାନିୟେ ନିହତ ହୋଇଛି । ସେ ଇରାନର ରାଜଧାନୀ ତେହେରାନରେ ଆଶ୍ରୟ ନେଇଥିଲା । ଇସ୍ରାଏଲ ଚତୁରତାର ସହ ତାକୁ ହତ୍ୟା କରିଛି । ଏହା ସହିତ ଲେବାନନର ଇସମାଇଲ ମଧ୍ୟ ଇସ୍ରାଏଲ ଆକ୍ରମଣରେ ନିହତ ହୋଇଛି । ଏହା ପରେ ଇରାନ ସିଧାସଳଖ ଇସ୍ରାଏଲ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି । ଇରାନର ସର୍ବୋଚ୍ଚ ଧର୍ମଗୁରୁ ଆୟୋତୋଲ୍ଲା ଖୋମେନୀ ଏଥିଲାଗି ଇରାନ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ଲେବାନ, ୟେମେନ ଏବଂ ସିରିଆର କିଛି ମୌଳବାଦୀ ସଙ୍ଗଠନ ଇସ୍ରାଏଲ ବିରୋଧରେ ଆକ୍ରମଣ ନିମନ୍ତେ ପ୍ରସ୍ତୁତି ଚଳାଇଛନ୍ତି । ଫଳରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆଶଙ୍କା ଘନେଇବାରେ ଲାଗିଛି । ଏମିତି ଗତ ୧୦ ମାସ ହେବ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଏବଂ ଅଶାନ୍ତି ଲାଗି ରହିଛି । ଏବେ ଏହା ଏକ ପ୍ରକାର ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି । ଇରାନ ଅଭିଯୋଗ କରିଛି ଯେ, ହମାସ ନେତା ହାନିୟେର ହତ୍ୟା ପଛରେ ଆମେରିକାର ସହଯୋଗ ରହିଛି । ଏଥିରେ କିଛି ବିସ୍ମିତ ହେବାର ନାହିଁ । କାରଣ ଆମେରିକାର ପରମ ଶତ୍ରୁ ହେଲା ଇରାନ । ଇରାନ ଯାହାକୁ ସମର୍ଥନ ବା ସହାୟତା କରିବ, ତାକୁ ଆମେରିକା ଟାର୍ଗେଟ କରିବ । ଏବେ ଇସ୍ରାଏଲ ଉପରେ ଆକ୍ରମଣ ନିମନ୍ତେ ଇରାନର ସଜବାଜ ଦେଖି ଆମେରିକା ମଧ୍ୟ ଏହାର ଜବାବ ଦେବାକୁ ବା ଇସ୍ରାଏଲକୁ ସହାୟତା କରିବାକୁ ପ୍ରସ୍ତୁତି ଆରମ୍ଭ କରି ଦେଇଛି । ଫଳରେ ପରିସ୍ଥିତି ଆହୁରି ଜଟିଳ ହୋଇଛି । ଇସ୍ରାଏଲ ଏବଂ ପାଲେଷ୍ଟାଇନ ମଧ୍ୟରେ ବିବାଦ ଆଜିକୁ ବହୁ ବର୍ଷ ପୁରୁଣା । ଏହି ବିବାଦ ଦିନେ ବିସ୍ଫୋରକ ରୂପ ନେବ ଏବଂ ଏହା ଦିନେ ବିଶ୍ୱଯୁଦ୍ଧରେ ପରିଣତ ହୋଇପାରେ ବୋଲି ଅନେକ ଦିନରୁ ଆଶଙ୍କା କରାଯାଉଥିଲା । ଏବେ ଏହି ଆଶଙ୍କା ସତ୍ୟରେ ପରିଣତ ହେବା ଭଳି ମନେ ହେଉଛି । ଇରାନ ସହିତ ଲେବାନନ, ସିରିଆ, ୟେମେନେ ମିଳିତ ଭାବେ ଇସ୍ରାଏଲକୁ ଆକ୍ରମଣ କରିପାରନ୍ତି । ତୁର୍କୀ ମଧ୍ୟ ସେମାନଙ୍କୁ ସମର୍ଥନ କରୁଛି । ତୁର୍କୀ ଏକ ଇସଲାମିକ ମୌଳବାଦୀ ରାଷ୍ଟ୍ରଏକଥା ସମସ୍ତେ ଜାଣନ୍ତି । ଏଥିପାଇଁ ଏହା ସର୍ବଦା ଭାରତକୁ ଟାର୍ଗେଟ କରି ଆସିଛି ଏବଂ ଭାରତ ବିରୋଧରେ ବିଶ୍ୱ ଦରବାରରେ ସ୍ୱର ଉତ୍ତୋଳନ କରିଆସିଛି । ଏବେ ଭାରତ ଏହି ପ୍ରସଙ୍ଗରେ ଅତି ସତର୍କତାର ସହ ନିଷ୍ପତ୍ତି ନେବା ଉଚିତ । ପାଲେଷ୍ଟାଇନ ପ୍ରତି ଭାରତର ସମର୍ଥନ ରହି ଆସିଛି । କିନ୍ତୁ ଭାରତ ସବୁ ବେଳେ ଆତଙ୍କବାଦକୁ ବିରୋଧ କରିଆସିଛି । ତେଣୁ ହମାସ ସପକ୍ଷରେ ଭାରତ କେବେ ବି ଯାଇପାରିବ ନାହିଁ ।

# ଅଙ୍ଗଦାନ, ଶ୍ରେଷ୍ଠ ଦାନ

॥ ଉମେଶ ଚନ୍ଦ୍ର ପାତ୍ର ॥

"
*ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ବାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ ।*

ଅଙ୍ଗଗ୍ରହିତାଙ୍କ ପାଇଁ ପ୍ରତ୍ୟାରୋପଣ ଅର୍ଥ ହେଉଛି ପୁନର୍ଜୀବନର ସୁଯୋଗ । ଏହା ଅନେକଙ୍କୁ ପୁଣି ଥରେ ସ୍ୱାଭାବିକ ଜୀବନକୁ ଫେରାଏ । ଆଗରୁ ଲୋକେ ଅଙ୍ଗଦାନ କ'ଣ ତାହା ଠିକ୍ ଭାବରେ ବୁଝିପାରୁନଥିଲେ । ଏବେ କିନ୍ତୁ ଲୋକେ ସଚେତନ ହେଲେଣି । ମୃତ୍ୟୁ ପରେ ଅଙ୍ଗପ୍ରତ୍ୟଙ୍ଗର ପୁନଃଚକ୍ରଣ ଯେ ହୋଇପାରେ ସେ କଥା ସାଧାରଣ ଲୋକେ ବି ବୁଝିଲେଣି । ମୃତ୍ୟୁପରେ ନିଜ ଅଙ୍ଗଦାନ ପାଇଁ ରାଜି ହେଲେଣି । ହେଲେ ଏତିକିରେ କ'ଣ ଦାୟିତ୍ୱ ସରିଗଲା ? ଆପଣ ଅଙ୍ଗଦାନ ପାଇଁ ରାଜି ହୋଇଗଲେମାନେ କ'ଣ ମୃତ୍ୟୁ ପରେ ଆପଣଙ୍କ ଅଙ୍ଗ କାମରେ ଲାଗିଯିବ ? ଏହାର ନିର୍ଦ୍ଦିଷ୍ଟ କାର୍ଯ୍ୟ ପ୍ରକ୍ରିୟା ଅଛି । ଆଇନଗତ ବ୍ୟବସ୍ଥା ଅଛି । ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବାକୁ ଚାହୁଁଥିଲେ ପ୍ରଥମେ ନିଜ ନାମ ପଞ୍ଜିକରଣ କରାନ୍ତୁ । ନାମ ପଞ୍ଜିକରଣ କରାଇଥିଲେ ପ୍ରତ୍ୟାରୋପଣ ଯୋଗ୍ୟ ଅଙ୍ଗପ୍ରତ୍ୟଙ୍ଗକୁ କାମରେ ଲଗାଇବା ଉଭୟ ଡାକ୍ତର ଓ ପ୍ରତ୍ୟାରୋପଣକାରୀଙ୍କ ପାଇଁ ସହଜ ହେବ । ନାମ ପଞ୍ଜିକରଣ ଅଙ୍ଗଦାନ ପ୍ରକ୍ରିୟାରେ ଅଯଥା ବିଳମ୍ବକୁ ହ୍ରାସ କରେ ଫଳରେ ପ୍ରତ୍ୟାରୋପଣର ସଫଳତା ବୃଦ୍ଧି ପାଏ । ବର୍ତ୍ତମାନ ଭାରତରେ କେନ୍ଦ୍ରୀୟ ପଞ୍ଜିକରଣ ବ୍ୟବସ୍ଥା ନାହିଁ । କିନ୍ତୁ ଏ ଦିଗରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଏନ୍‌ଜିଓ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି ।

ଆଗରୁ ଅନେକ ଧାର୍ମିକ ଅନ୍ଧବିଶ୍ୱାସ ଯୋଗୁଁ ଅଙ୍ଗଦାନ ପ୍ରତି ବୀତସ୍ପୃହ ଥିଲେ । ଶୋକସନ୍ତପ୍ତ ପରିବାରକୁ ଅଙ୍ଗଦାନ ପାଇଁ କହିବାକୁ ଡାକ୍ତରମାନେ ମଧ୍ୟ ସାହସ କରିପାରୁନଥିଲେ । କିନ୍ତୁ ଏବେ ଅନେକେ ଏ ନେଇ ଦୃଷ୍ଟିଭଙ୍ଗୀ ବଦଳାଇଲେଣି । ପ୍ରିୟଜନଙ୍କୁ ହରାଇବାର କ୍ଷତିକୁ ତ ଅସ୍ୱୀକାର କରିହେବନି । କିନ୍ତୁ ଏ ଭିତରେ ବି ଅନ୍ୟକୁ ଜୀବନ ଦେଇପାରିବାରେ ଆତ୍ମ ସନ୍ତୋଷ ଅଛି ଏକଥା ଅନେକ ଅନୁଭବ କଲେଣି । ଅଧ୍ୟୟନରୁ ଜଣାପଡ଼ିଛି ନିଜ ପ୍ରିୟଜନର ଅଙ୍ଗରେ ଅନ୍ୟଜଣେ ବଞ୍ଚିପାରିବା ପରିବାରର ଦୁଃଖର ବୋଝକୁ ଲାଘବ କରୁଛି । ଅନେକ ଅଙ୍ଗଦାତା ପରିବାର ଅନୁଭବ କରସାରିଲେଣି ସେମାନଙ୍କ କ୍ଷତି ଭିତରେ ଏଇ ଗୋଟିଏ ମାତ୍ର ସକାରାତ୍ମକ ଦିଗ ରହିଛି ।

ପ୍ରତିବର୍ଷ ଜାତୀୟ ଅଙ୍ଗଦାନ ଦିବସ ପାଳିତ ହେଉଛି । ଜଣେ ବ୍ୟକ୍ତିଙ୍କ ମସ୍ତିଷ୍କର ମୃତ୍ୟୁ ହେବାପରେ କିଡ଼ନୀ, ହାର୍ଟ, ଫୁସଫୁସ, ଲିଭର, ଅଗ୍ନାଶୟ, ପାନକ୍ରିୟାଜ ଆଦି ପ୍ରତିରୋପଣ କରାଯିବାର ବ୍ୟବସ୍ଥା ରହିଛି । ସମଗ୍ର ବିଶ୍ୱରେ ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ଆମେରିକା ଓ ଚୀନ ପରେ ଭାରତର ସ୍ଥାନ ତୃତୀୟ । ୨୦୧୩ରେ ୪୯୯୦ଟି ଅଙ୍ଗଦାନ ହୋଇଥିବାବେଳେ ୨୦୨୨ରେ ଏହି ସଂଖ୍ୟା ୧୫୫୬୧କୁ ବୃଦ୍ଧି ପାଇଛି । ଭାରତରେ କେବଳ ପାଖାପାଖି ୨ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କର କିଡ଼ନୀ ପ୍ରତିରୋପଣ ଦରକାର ପଡ଼ିଥାଏ । ତେବେ ସର୍ବପ୍ରଥମେ ଭାରତରେ ୧୯୯୪ ମସିହାରେ ସରକାରଙ୍କ ଦ୍ୱାରା ମାନବ ଅଙ୍ଗ ପ୍ରତିରୋପଣ ଆଇନ ଗୃହୀତ ହେବାପରେ ୧୯୯୭ ମାର୍ଚ୍ଚ ୨୭ରେ ମୁମ୍ବାଇ ଠାରେ ସର୍ବପ୍ରଥମ କାଡ଼ାଭରିକ୍ କିଡ଼ନୀ ପ୍ରତିରୋପଣ ହୋଇଥିଲା । କିନ୍ତୁ ଏହାର ପୂର୍ବରୁ ପ୍ରଥମ ସଫଳ କାଡ଼ାଭରିକ ହାର୍ଟ ପ୍ରତିରୋପଣ ଅଗଷ୍ଟ ୩, ୧୯୯୪ରେ ହୋଇଥିଲା । ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ଏଭଳି ଏକ ଚିକିତ୍ସା ସେବାକୁ ସ୍ମରଣ କରିବା ପାଇଁ ଜାତୀୟ ଅଙ୍ଗଦାନ ଦିବସ ପାଳନ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ସଚେତନତା ବୃଦ୍ଧି କରାଯାଉଛି । ଅଙ୍ଗଦାନ ହାରକୁ ବୃଦ୍ଧି କରିବା ପାଇଁ ବ୍ୟାପକ ସଚେତନତା ଦ୍ୱାରା ଏକ ବଡ଼ ବାର୍ତ୍ତା ଦିଆଯିବା ପାଇଁ କାର୍ଯ୍ୟ କରୁଛି ତାହା ହେଉଛି 'ମୃତ୍ୟୁ ପରେ ଜଣେ ଅଙ୍ଗଦାତା କିପରି ଅନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଜୀବିତ ରୁହେ ତାକୁ ନେଇ ସଚେତନତା ସୃଷ୍ଟି କରିବା ।' ୨୦୨୦ ଫେବୃଆରୀରେ ଓଡ଼ିଶାରେ ସର୍ବପ୍ରଥମେ କାଡ଼ାଭରିକ କିଡ଼ନୀ ପ୍ରତିରୋପଣ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ କରାଯାଇଥିଲା । ଓଡ଼ିଶା ସରକାର ଅଙ୍ଗଦାତାଙ୍କୁ ସେମାନଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷ ସମ୍ମାନ ପ୍ରଦାନ କରିବା ସହ ତାଙ୍କ ପରିବାରକୁ ସୁରଜ ସମ୍ମାନରେ ସମ୍ମାନିତ କରାଯାଉଛି । ଏହା ରାଜ୍ୟରେ ଅଙ୍ଗଦାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସଚେତନତା ଦେବ । ବର୍ତ୍ତମାନ ସୁଦ୍ଧା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ୨୧୨ଟି କିଡ଼ନୀ ପ୍ରତିରୋପଣ କରାଯାଇଛି । ସେମାନଙ୍କ ଭିତରୁ କେବଳ ୧୪ଟି କାଡ଼ାଭରିକ୍ ପ୍ରତିରୋପଣ । ଚଳିତ ବର୍ଷ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଗଷ୍ଟ ୫ ତାରିଖ ଦିନ ଅନୁଷ୍ଠିତ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ ସଚେତନଧର୍ମୀ ସ୍ଲୋଗନ ରହିଛି - 'ମୁଁ ଜଣେ ଅଙ୍ଗଦାତା' । ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଲିଭର ପ୍ରତିରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ରାଜ୍ୟରେ ଏ ପର୍ଯ୍ୟନ୍ତ ୭ଟି ଲିଭର ପ୍ରତିରୋପଣ ସଫଳତାର ସହ ହୋଇଥିବାବେଳେ ସେଥିମଧ୍ୟରୁ ୨ଟି ହେଉଛି କାଡ଼ାଭରିକ ପ୍ରତିରୋପଣ । ୨ଟି କାଡ଼ାଭରିକ ଲିଭର ପ୍ରତିରୋପଣରୁ ଗୋଟିଏ ଏସସିବିରେ ହୋଇଛି ।

ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ବାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ । ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ । ଏହା ଏକ କଷ୍ଟକର ନିୟମ । ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି । ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ । ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ । ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ । ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ । ଏମାନଙ୍କ ମଧ୍ୟରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତତି, ଭାଇ-ଭଉଣୀ ଆଦି ସାମିଲ । ଏମାନଙ୍କୁ ପ୍ରଲୋଭନ ଦେଇ ପ୍ରତ୍ୟାରୋପଣ ପାଇଁ ଅଙ୍ଗଦାନ କରାଇବା ମଧ୍ୟ ବେଆଇନ । ତେବେ ଏ ସବୁ ଭିତରେ ପ୍ରତିବର୍ଷ ହଜାର ହଜାର ରୋଗୀ ପ୍ରତ୍ୟାରୋପଣ ପାଇଁ ଅପେକ୍ଷା କରି କରି ଶେଷ ନିଶ୍ୱାସ ତ୍ୟାଗ କରନ୍ତି । କାରଣ ସେମାନଙ୍କ ପାଇଁ ଉପଯୁକ୍ତ ଅଙ୍ଗଦାତା ମିଳନ୍ତି ନାହିଁ । ଦିନକୁ ଦିନ ଏ ସମସ୍ୟା ଆହୁରି ବଢୁଛି । ଭାରତରେ ପ୍ରତିବର୍ଷ ୫ଲକ୍ଷ ଲୋକେ ଅଙ୍ଗ ପ୍ରତ୍ୟାରୋପଣ ଅଭାବରୁ ପ୍ରାଣ ହରାନ୍ତି । ଏ ମଧ୍ୟରୁ ୨ଲକ୍ଷ ଲୋକ ମୃତ୍ୟୁବରଣ କରନ୍ତି କେବଳ ଲିଭର ଅକାମୀ ହୋଇଯିବା କାରଣରୁ । ୫୦ ହଜାର ବ୍ୟକ୍ତି ହୃଦ୍ ରୋଗରେ ପ୍ରାଣହରାନ୍ତି । ଦେଢ଼ଲକ୍ଷ ରୋଗୀ କିଡ଼ନୀ ପ୍ରତ୍ୟାରୋପଣ କରନ୍ତି କିନ୍ତୁ ସେମାନଙ୍କ ମଧ୍ୟରୁ ମାତ୍ର ୫ ହଜାର ଜଣ କିଡ଼ନୀ ପାଇବାକୁ ଭାଗ୍ୟବାନ ବିବେଚିତ ହୁଅନ୍ତି । ଭାରତରେ ୧୦ଲକ୍ଷ କର୍ଣ୍ଣିଆ ଜନୀତ ରୋଗ ଯୋଗୁ ଅନ୍ଧତ୍ୱରେ ଜୀବନ କାଟନ୍ତି । ଏମାନେ ମଧ କର୍ଣ୍ଣିଆ ପ୍ରତ୍ୟାରୋପଣ ଦ୍ୱାରା ସ୍ୱାଭାବିକ ଦୃଷ୍ଟିଶକ୍ତି ଫେରିପାଇପାରିବେ । ଭାରତ ପରି ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶରେ ପ୍ରତ୍ୟାରୋପଣ ଯୋଗ୍ୟ ଅଙ୍ଗ ନମିଳିବା ପ୍ରକୃତରେ ଦୁଃଖର ବିଷୟ । ଅଧ୍ୟୟନରୁ ଜଣାପଡ଼ିଛି ୧୨୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତରେ ୧ନିୟୁତ ଲୋକଙ୍କ ପାଇଁ ମାତ୍ର ୦.୦୮ ଅଙ୍ଗଦାତା ଅଛନ୍ତି । ବୈଶିକ ପରିସଂଖ୍ୟାନ ତୁଳନାରେ ଏହି ହାର ଖୁବ୍ କମ । ସରକାରଙ୍କ ବ୍ୟତୀତ ଅନେକ ଦାତବ୍ୟ ସଂଗଠନ ଏହି କାର୍ଯ୍ୟକ୍ରମ ପାଇଁ ଆଗେଇ ଆସୁଅଛନ୍ତି । ଲୋକମାନଙ୍କ ଭିତରେ ଦିନକୁ ଦିନ ସଚେଦନତା ମଧ୍ୟ ବଢୁଛି । ଜୀବନରେ ଜଣେ ଶ୍ରେଷ୍ଠ ସେବା ଭାବେ ଅଙ୍ଗଦାନ ଦ୍ୱାରା ଯେଉଁ ଉତ୍ସର୍ଗୀକୃତ ସେବା କରିଥାନ୍ତି ତାହା ଅନ୍ୟ ମାନଙ୍କ ପାଇଁ ପ୍ରେରଣା ଯୋଗାଇଥାଏ ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭,

# ଧର୍ମର ବିଗ୍ରହ ଶ୍ରୀରାମ

॥ ତପନ କୁମାର ପାଳ ॥

ଶ୍ରୀରାମ ଚରିତ ମାନସରେ ଗୋସ୍ୱାମୀ ତୁଳସୀଦାସ କହିଛନ୍ତି 'କବନ ସୋ କାଜ କଠିନ ଜ୍ ମାହିଁ । ଜୋ ନାହିଁ ହୋଇ ତାତ ତୁମହ ପାହିଁ ।' ଜଗତରେ ଏମିତି କିଛି କାର୍ଯ୍ୟ ନାହିଁ ଯାହା ତୁମ ଦ୍ୱାରା ସମ୍ଭବ ହୋଇନପାରିବ । ହନୁମାନ ଏହି ଚୌପାୟୀ ମାଧ୍ୟମରେ ନିଜର ଶକ୍ତି ଜଗାଇବା ଲାଗି ପ୍ରୟାସ କରିଥିଲେ, କିନ୍ତୁ ଏଥିରେ ପ୍ରତ୍ୟେକ ରାମଭକ୍ତ ପାଇଁ ବିଶେଷ ବାର୍ତ୍ତା ରହିଛି । ଆମେ ସମସ୍ତେ ଜାଣିଛୁ ଯେ ପ୍ରତ୍ୟେକ କୋଣରେ ରାମ ଅଛନ୍ତି । ଆମ ଭିତରେ ମଧ ଶ୍ରୀରାମ ଅନ୍ତର୍ମନର ଶକ୍ତି ରୂପରେ ଉପସ୍ଥିତ ଅଛନ୍ତି । ନିଜ ଜୀବନର ଲକ୍ଷ୍ୟକୁ ପାଇବା ଲାଗି ଆମେ ସମସ୍ତେ ଦୌଡୁଛୁ । ବେଳେ ବେଳେ ଲକ୍ଷ୍ୟ ପ୍ରାପ୍ତି ନହେଲେ ଆମେ ବିଷାଦଗ୍ରସ୍ତ ହୋଇପଡୁ । ନିରାଶା ଆମକୁ ଚାରିଦିଗରୁ ଘେରିଯାଏ । ଏପରି ସ୍ଥିତିରେ ଆମକୁ ନିଜ ଅନ୍ତରରେ ରାମ ଅର୍ଥାତ୍ ଅନ୍ତର୍ମନର ଶକ୍ତିକୁ ଜାଗ୍ରତ କରିବା ଲାଗି ପ୍ରୟାସ କରିବା ଆବଶ୍ୟକ । ହନୁମାନ ଯେତେବେଳେ ନିଜ ଅନ୍ତର୍ମନର ଶକ୍ତି ବିଷୟରେ ଅବଗତ ହୋଇପାରିଥିଲେ, ସେତେବେଳେ ସେ ଭାବିଲେ ଯେ ଏ ଜଗତରେ ଏମିତି କିଛି କାର୍ଯ୍ୟ ନାହିଁ ଯାହାକୁ ସେ କରିନପାରିବେ । ତାଙ୍କର ଜନ୍ମ ରାମଙ୍କ କାର୍ଯ୍ୟ କରିବା ଲାଗି ହୋଇଥିଲା । ଆତ୍ମବିଶ୍ୱାସ ଜାଗ୍ରତ ହେବା କ୍ଷଣି ହନୁମାନଙ୍କ ଶରୀର ପର୍ବ ଭଳି ବିଶାଳକାୟ ହୋଇଯାଇଥିଲା । ସାଧାରଣ ମନୁଷ୍ୟ ହନୁମାନଙ୍କ ଭଳି ମଧ ସବୁ କାର୍ଯ୍ୟ କରିବା ଲାଗି ସକ୍ଷମ, ଯାହା ହୁଏତ୍ ପ୍ରଥମ ଦୃଷ୍ଟିରେ ଅସମ୍ଭବ ଲାଗିପାରେ ।

ଆତ୍ମା ହିଁ ପରମାତ୍ମା । ସୋଅହମ । ଏହି ଶବ୍ଦ ସଃ ଏବଂ ଅହମ୍‌ର ସନ୍ଧିରୁ ସୃଷ୍ଟି ହୋଇଛି । ଯାହାର ଅର୍ଥ ମୁଁ ହିଁ ସେହି । 'ମୁଁ' ହିଁ ଭଗବାନ । ଏହାର ଆଧାରରେ ଏହା କୁହାଯାଇପାରିବ ଯେ ମନୁଷ୍ୟ ହିଁ ଈଶ୍ୱର ଅଟେ, ମନୁଷ୍ୟ ହିଁ ରାମ ଅଟେ । ପ୍ରତ୍ୟେକ ଜୀବ ପରମାତ୍ମାଙ୍କ ଅଂଶ ଅଟେ । ଯଦି ସେ କୌଣସି କାର୍ଯ୍ୟ କରିଥାଏ, ଏହାର ସିଧା ଅର୍ଥ ହେଉଛି ଯେ ସେ ଏହା ଈଶ୍ୱରଙ୍କ ନିର୍ଦ୍ଦେଶରେ ହିଁ କରୁଛି । ଶ୍ରୀରାମ ମଧ ଏପରି ଲୋକର ସହାୟତା କରିଥାନ୍ତି, ଯିଏ ବିପଦରେ ପଡ଼ିଥିଲେ ମଧ ବ୍ୟତିବ୍ୟସ୍ତ ହୁଏନାହିଁ । ଧୈର୍ଯ୍ୟର ସହିତ ସଂଘର୍ଷ କରିଥାଏ । ସେଥିପାଇଁ ରାମଚରିତ ମାନସରେ କୁହାଯାଇଛି - 'ରାଜୀବ ନୟନ ଧରେଁ ଧନୁ ସାୟକ । ଭଗତ ବିପତି ଭଞ୍ଜନ ସୁଖଦାୟକ' । ଯଦି ମନୁଷ୍ୟ କଠିନ ପରିସ୍ଥିତି ସହିତ ଲଢ଼ିବା ଲାଗି ଆଗକୁ ବଢ଼ିଥାଏ, ତାହେଲେ ପଦ୍ମ ସମାନ ନେତ୍ରଧାରୀ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ତାର ରକ୍ଷା କରିବେ । ଶ୍ରୀରାମ ଭକ୍ତର ଆଧିଦୈବିକ, ଆଧିଭୌତିକ ଏବଂ ଆଧିଦୈହିକ ବିପତ୍ତିର ନାଶ କରି ସୁଖ ପ୍ରଦାନ କରିବା ଲାଗି ତତ୍ପର ହେବେ । ଆମ ଭିତରେ ଅପାର ଶକ୍ତି ରହିଛି । ଶ୍ରୀରାମ ଏବଂ ରାବଣ ମଧ୍ୟରେ ଯୁଦ୍ଧ ଭଲ ଏବଂ ମନ୍ଦ ମଧ୍ୟରେ ଯୁଦ୍ଧ ଭଳି ଥିଲା । ନର ରୂପରେ ନାରାୟଣ, ଶ୍ରୀରାମ ଯେତେବେଳେ ରାବଣର ଗୋଟିଏ ମୁଣ୍ଡ କାଟୁଥିଲେ, ତାରଆଉ ଏକ ମୁଣ୍ଡ ପ୍ରକଟ ହୋଇଯାଉଥିଲା । ଏଥିରେ ବିବ୍ରତ ନହୋଇ ଶ୍ରୀରାମ ସ୍ଥିରଚିତ୍ତରେ ଯୁଦ୍ଧ କରିଥିଲେ । ସେ ନିଜ ଶକ୍ତିକୁ ଚିହ୍ନିଲେ ଏବଂ ରାବଣର ନାଭିକୁ କେନ୍ଦ୍ର କରି ଶର ଚଳାଇଲେ । ଫଳରେ ତାର ସବୁଦିନ ପାଇଁ ଅନ୍ତ ହୋଇଗଲା । ଅଧର୍ମ ବିରୋଧରେ ଧର୍ମର ଜୟ ହୋଇଥିଲା । ସନ୍ଥ କବୀର କହିଛନ୍ତି - 'କସ୍ତୁରୀ କୁଣ୍ଡଳ ବସୈ, ମୃଗ ଢୁଣ୍ଢେ ବନ ମାହି । ଏସେ ଘଟ ଘଟ ରାମ ହୈ, ଦୁନିଆ ଦେଖେ ନାହିଁ ।' ଯେପରି ମୃଗର ନାଭିରେ କସ୍ତୁରି ରହିଥାଏ, କିନ୍ତୁ ସେ ତାକୁ ଜଙ୍ଗଲରେ ଖୋଜିଥାଏ । ଠିକ୍ ସେହିପରି ଈଶ୍ୱର ଅର୍ଥାତ୍ ପ୍ରକୃତ ଶକ୍ତି ଆମ ଭିତରେ ହିଁ ରହିଛି, କିନ୍ତୁ ଆମେ ତାର ସାମର୍ଥ୍ୟକୁ ଚିହ୍ନି ପାରିନଥାଉ । ପବିତ୍ର ବାଇବେଲରେ ମଧ କୁହାଯାଇଛି - ନିଜ ଭିତରକୁ ଦେଖ ନିଜକୁ ଜାଣ ।

ଶ୍ରୀରାମ ଚରିତମାନସରେ ଆଉ ଏକ ଚୌପାୟୀରେ ଗୋସ୍ୱାମୀ ବର୍ଣ୍ଣନା କରିଛନ୍ତି - 'ଜାନତ ତୁମହିଁ ତୁମହିଁ ହୋଇ ଜାଇ' । ଅର୍ଥାତ୍ ଯିଏ ଈଶ୍ୱରଙ୍କୁ ଜାଣିନେଇଛି, ସେ ନିଜେ ଈଶ୍ୱର ହୋଇଯାଇଛି । ଆମ ଭିତରେ ଅସୀମ ଶକ୍ତି ରହିଛି । ଏହାକୁ ସକ୍ରିୟ ରଖିବା କରିବା ଲାଗି ଏକାଗ୍ର ହେବା ଅତ୍ୟନ୍ତ ଜରୁରୀ । ଯଦି ଆମେ ଏକାଗ୍ରଚିତ୍ତ ହୋଇ କୌଣସି କାର୍ଯ୍ୟ କରୁ, ତାହେଲେ ଆମ ଶକ୍ତି ସୁପ୍ତ ହେବନାହିଁ । ଶ୍ରୀରାମ ଗୁରୁ ବଶିଷ୍ଠ ଏବଂ ଗୁରୁ ବିଶ୍ୱାମିତ୍ରଙ୍କ ଆଶ୍ରମରେ ରହି କେବଳ ଯୋଗ-ଧ୍ୟାନ ନୁହେଁ ବରଂ ସନ୍ଧ୍ୟାବନ୍ଦନା ଏବଂ ଗାୟତ୍ରୀ ମନ୍ତ୍ର ଜପକୁ ମଧ ନିଜ ଦିନଚର୍ଯ୍ୟାରେ ସାମିଲ କରିଥିଲେ । ଏହାଦ୍ୱାରା ସେ ନିଜ ଭିତରେ ଥିବା ଶକ୍ତିକୁ ଜାଗ୍ରତ କରିଥିଲେ । ପ୍ରକୃତରେ ମନୁଷ୍ୟର ମସ୍ତିଷ୍କ ଶକ୍ତିର କୌଣସି ସୀମା ନାହିଁ । ଯଦି ଆମେ ନିଜ ଭିତରର ଶକ୍ତିକୁ ଜାଗ୍ରତ କରିବାର ଅଛି, ତାହେଲେ ମସ୍ତିଷ୍କକୁ ଏକାଗ୍ରତାର ଚରମ ସୀମାକୁ ନେଇଯିବାର ଅଛି । ନକାରାତ୍ମକ ବିଚାର ଆମର ଅନ୍ତରୀଣ ଶକ୍ତିକୁ ଆଚ୍ଛାଦିତ କରି ରଖିଥାଏ, ଯେଉଁ କାରଣରୁ ଏହାର ଆଲୋକ ବାହାରକୁ ଆସିପାରିନଥାଏ । ଉଦାହରଣ ସ୍ୱରୂପ ଯଦି ମନୁଷ୍ୟ ଥକା ଅନୁଭବ କରିଥାଏ, ତାହେଲେ ସର୍ବପ୍ରଥମେ ସେ ଏହା ଭାବିଥାଏ ଯେ ସେ ଥକିଯାଇଛି । ଯାହାର ଫଳସ୍ୱରୂପ ଅନ୍ତରୀଣ ଶକ୍ତିର ଆଲୋକ ମଧ ଦୁର୍ବଳ ହୋଇଯାଏ । ଅନ୍ୟପଟେ ଯଦି ମସ୍ତିଷ୍କରେ ସକାରାତ୍ମକ ବିଚାର ଉତ୍ପନ୍ନ ହୋଇଥାଏ, ତାହେଲେ ଅନ୍ତରୀଣ ଶକ୍ତି ମଧ ସକ୍ରିୟ ହୋଇଯାଏ । ଶ୍ରୀରାମ ହେଉଛନ୍ତି ସତ୍ୟ ଏବଂ ଲକ୍ଷ୍ମଣ ସମର୍ପଣର ପ୍ରତୀକ । ଯେଉଁମାନଙ୍କ ଜୀବନରେ ସତ୍ୟ ଏବଂ ସମର୍ପଣ ରହିବ, ତାଙ୍କର ସମସ୍ତ ଅନୁଷ୍ଠାନ ପୂରଣ ହେବ । ଶ୍ରୀରାମ ମଧ କେବେହେଲେ ଧର୍ମକୁ କର୍ମକାଣ୍ଡ ମଧ୍ୟରେ ସୀମିତ ରଖିନଥିଲେ । ଗରିବ, ଦୁଃଖି, ବଞ୍ଚିତ, ପୀଡ଼ିତଙ୍କ ସହାୟତାକୁ ହିଁ ସେ ଧର୍ମ ବୋଲି ଗ୍ରହଣ କରିନେଇଥିଲେ । ସଫଳତା ମିଳିଯିବା ପରେ ଅର୍ଥାତ୍ ଅଯୋଧ୍ୟାର ରାଜା ହେବା ପରେ ମଧ ସେ ସଂଯମ ବଜାୟ ରଖିଥିଲେ । ଅନ୍ତର୍ମନର ଯାତ୍ରା ଲାଗି ସଂଯମ ସହିତ ସଦାଚାରର ମଧ ଆବଶ୍ୟକତା ରହିଛି । ଜୀବନରେ ଆପଣଙ୍କ ପରିଚୟ ଅନ୍ତର୍ମନ ସହିତ ହେଲେ ବ୍ୟକ୍ତିତ୍ୱରେ ଶୁଦ୍ଧତା ଏବଂ ସୌମ୍ୟତା ଆସିଥାଏ । ଭେଦଭାବରୁ ବଞ୍ଚିତ ଶ୍ରୀରାମଙ୍କ ପାଇଁ ଛୁଆଁ ଅଛୁଆଁ, ଧନୀ ଗରିବ, ଉଚ୍ଚନୀଚ ମଧ୍ୟରେ କୌଣସି ଭେଦଭାବ ନଥିଲା । ତେଣୁ ଶ୍ରୀରାମଙ୍କୁ ସାକ୍ଷାତ ଧର୍ମର ବିଗ୍ରହ ବୋଲି କୁହାଯାଇଛି - ରାମୋ ବିଗ୍ରହବାନ ଧର୍ମଃ । ଶ୍ରୀରାମଙ୍କ ସତ୍ୟନିଷ୍ଠା ବିଷୟରେ ମହର୍ଷି ବାଲ୍ମିକୀ ଲେଖିଛନ୍ତି - 'ରାମଃ ଦ୍ୱିର୍ନ ଭୋ' - ରାମ ଦୁଇ ଥର କୁହନ୍ତି ନାହିଁ । ଆଚରଣ କଥା କହିଲେ - ଶୂର୍ପଣଖା ପରମ ରୂପବତୀ ହୋଇ ଶ୍ରୀରାମଙ୍କ ସମ୍ମୁଖରେ ପ୍ରକଟ ହୋଇଥିଲା । ଏକ ପତ୍ନୀ ବ୍ରତ ଏବଂ ସଦାଚାରୀ ରାମ ତାକୁ ନାକଚ କରିଦେଇଥିଲେ । ଯଦି ରାମଙ୍କ ଭଳି ଏହି ଗୁଣକୁ ଆମେ ନିଜ ଭିତରେ ସମାହିତ କରିଦେବୁ, ତାହେଲେ ଅନ୍ତର୍ମନରେ ଶକ୍ତିକୁ ସହଜରେ ଜାଗ୍ରତ କରାଯାଇପାରିବ ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨

# ଦାରାଧିନ ସ୍ତଥା ସ୍ୱର୍ଗଃ...

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ନାରୀଙ୍କୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ । ନାରୀଙ୍କୁ ତାଙ୍କ ମହାନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ୍ୟ ଦିଆଯାଇଛି । ସତ୍ୟଯୁଗରେ ସାବିତ୍ରୀ, ତ୍ରେତୟା ଯୁଗରେ ସୀତା, ଅନୁସୂୟା, ଦ୍ୱାପରରେ କୁନ୍ତୀ, ଦ୍ରୌପଦୀ ଆଦି ନିଜ ନିଜର ପବିତ୍ରତା ଓ ପରାକାଷ୍ଠା ବଳରେ ଯୁଗେ ଯୁଗେ ବନ୍ଦିତ । ଇତିହାସରୁ ଜଣାଯାଏ ଝାନସୀରାଣୀ ଲକ୍ଷ୍ମୀବାଇ, ସରୋଜିନୀ ନାଇଡୁ, ଅରୁଣା ଆସଫ୍ ଅଲ୍ଲୀ, ସୁଚେତା କୃପାଳିନୀ, କମଳା ନେହେରୁ, କସ୍ତୁରବା ଗାନ୍ଧୀ, ମଦରଟେରେସା, ଇନ୍ଦିରାଗାନ୍ଧୀ, ନନ୍ଦିନୀ ଶତପଥୀ ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି ।

ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି । ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା । ତେଣୁ ତ୍ରୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି - 'ଅଯଜ୍ଞୋ ବା ଏଷ ପୋଞ୍ଚପତ୍ନୀକଃ ।। ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା । ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ । ନାରୀ ସର୍ବଦା କଲ୍ୟାଣକାରୀ । ସେ ପୂଜ୍ୟା । ଗୃହର ଦୀପ୍ତି । ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି । କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ । ମନୁ ସଂହିତାରେ ବର୍ଣ୍ଣିତ ଅଛି - 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି । ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ ।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜ ପ୍ରତି ଗୁରୁବାଣୀ ପ୍ରଦାନ କରି କହିଛନ୍ତି 'ମଣିଷର କାମ ପ୍ରବୃତ୍ତିକୁ ଦମନ କରିବା ପାଇଁ ମାତୃ ଭାବ ଗୋଟିଏ ମହୌଷଧି ଭଳି କାର୍ଯ୍ୟ କରିଥାଏ । ମଣିଷର ଆଦି ବାକ୍‌ସ୍ଫୁରଣର ପ୍ରଥମ ଶବ୍ଦ ହେଉଛି ମାଆ ।' ଏହା ନିଃସନ୍ଦେହ ମନ ଭିତରେ ମାତୃଭାବ ଜାଗରିତ ହେଲେ ମଣିଷର କୁପ୍ରବୃତ୍ତି ଅବଦମିତ ହୁଏ । ପ୍ରାଚୀନ ଇତିହାସର ତଥ୍ୟରୁ ଜଣାଯାଏ ମାଆ ଜଗତ୍‌ଜନନୀ ଦୁର୍ଗାଙ୍କର ବିଶ୍ୱବିମୋହନ ମାତୃମୂର୍ତ୍ତି ଦର୍ଶନ କରି ମହିଷାସୁରର ଉତ୍କଟ କାମ ପ୍ରବୃତ୍ତି ଅବଦମିତ ହୋଇଥିଲା । ସେହିପରି ଦୁରାଚାରୀ ରାବଣ ସତୀ ସୀତାଙ୍କୁ ଅପହରଣ କରିବା ପରେ ତାଙ୍କର ମାତୃତ୍ୱମୟୀ ବ୍ୟକ୍ତିତ୍ୱର ପ୍ରଭାବରେ ଅଭିଭୂତ ହୋଇ ତାଙ୍କୁ ମା' ବ୍ୟତୀତ ଆଉ କିଛି ବି ଭାବିପାରି ନଥିଲା । ପରମ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆମ ସମୟରେ ମାତୃ ଜାତିଙ୍କୁ ସମ୍ଭାଷଣ ପ୍ରଦାନରେ କହିଛନ୍ତି - 'ଝିଅ ମୋର, ତୁମର ସେବା, ତୁମର ଚାଲିବା, ତୁମର ଚିନ୍ତା, ତୁମର କହିବା - ପୁରୁଷ ଜନସାଧାରଣଙ୍କ ମଧ୍ୟରେ ଯେପରି ଏପରି ଗୋଟିଏ ଭାବର ସୃଷ୍ଟି କରେ - ଯେଉଁଥିରେ ସେମାନେ ଅବନତ ମସ୍ତକରେ, ନତଜାନୁ ହୋଇ ସସମ୍ଭ୍ରମେ, ଭକ୍ତି ଗଦ ଗଦ କଣ୍ଠରେ ମା'ମୋର, ଜନନୀ ମୋର, କହି ମୁଗ୍ଧ ହୁଅନ୍ତି, ବୁଦ୍ଧ ହୁଅନ୍ତି, ତୃପ୍ତ ହୁଅନ୍ତି, କୃତାର୍ଥ ହୁଅନ୍ତି - ତେବେ ହିଁ ତୁମେ ଝିଅ - ତେବେ ହିଁ ତୁମେ ସତୀ ।'

ପରମପୁରୁଷ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦୃଷ୍ଟିରେ ନାରୀ ଓ ପୁରୁଷ ଉଭୟଙ୍କର ଉଲ୍ଲେଖଯୋଗ୍ୟ ସମାନ୍ତରାଳ ବୈଶିଷ୍ଟ୍ୟ ରହିଛି । ନାରୀ ଜୀବନର ବୈଶିଷ୍ଟ୍ୟ ହେଲା - ସ୍ନେହ, ମମତା, ପ୍ରୀତି, ପ୍ରେମ, ସେବା, ସଂରକ୍ଷଣ, ପ୍ରେରଣା ଓ ସୁପ୍ରଜନନ । କୁମାରୀ, ବଧୂ ଏବଂ ମାଆ ଭୂମିକାରେ ନାରୀର ଅବଦାନ ମନୁଷ୍ୟ ଜୀବନକୁ ମଧୁମୟ କରିଉଠାଏ । ଗୋଟିଏ ହାତରେ ଗୃହକର୍ମ ଓ ଅନ୍ୟ ଏକ ହାତରେ ଗୃହ ଶାସନ । ଦୁଇପକ୍ଷ ବିଶିଷ୍ଟ ସମାଜ ଜୀବନରେ ନାରୀ ଗୋଟିଏ ପକ୍ଷ ଓ ପୁରୁଷ ଅନ୍ୟ ଏକ ପକ୍ଷ । ପୁରୁଷ ବୈଶିଷ୍ଟ୍ୟ ମଧ୍ୟରେ ରହିଛି - ପୂରଣ ପ୍ରବଣତା, ସାହସ, ବୀର୍ଯ୍ୟ, ପରାକ୍ରମ ଓ ଆଦର୍ଶପ୍ରାଣତା । ପୁରୁଷ ଛୁଟି ଚାଲେ ଆଦର୍ଶଙ୍କ ପଛରେ ଓ ନାରୀ ଛୁଟି ଚାଲେ ପୁରୁଷ ପଛରେ, ଆଦର୍ଶପ୍ରାଣତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ।

ପୁରୁଷ ଓ ନାରୀର ଅଧିକାର ସେମାନଙ୍କର ଏହିପରି ବୈଶିଷ୍ଟ୍ୟରୁ ହିଁ ଭଗବାନ ନିର୍ଦ୍ଧାରଣ କରିଛନ୍ତି । ନାରୀର ସ୍ୱାଧୀନତା ତାଙ୍କର ବୈଶିଷ୍ଟ୍ୟରେ, ଆଉ ଏହି ବୈଶିଷ୍ଟ୍ୟ ଯେଉଁଠାରେ ମୁଖର ଓ ପ୍ରେରଣା ପରିପୁଷ୍ଟ, ସେହିଠାରେ ହିଁ ରହିଛି ନାରୀର ମୁକ୍ତି ବା ସ୍ୱାଧୀନତା । ନରର ବୃତ୍ତିଗୁଡ଼ିକ ଯେଉଁ ନାରୀ ଠାରେ ପରିପୋଷିତ ଓ ପରିବର୍ଦ୍ଧିତ ହୁଏ ଅର୍ଥାତ୍ ଯେଉଁ ନାରୀ ଯେଉଁ ନରର ବୃତ୍ତି ଗୁଡ଼ିକ ନେଇ ସନ୍ତୁଷ୍ଟ, ପୁଷ୍ଟ ଓ ସମ୍ବର୍ଦ୍ଧନାରେ ଯତ୍ନବତୀ, ସେହି ନରନାରୀର ମିଳନ ହିଁ ଶୁଭ । ନାରୀର ଅର୍ନ୍ତନିହିତ ଝୁଙ୍କ୍, ମାତୃତ୍ୱରେ, ଯେଉଁମାନେ ମାତୃତ୍ୱକୁ ଖର୍ବ କରି ନାରୀତ୍ୱର ପ୍ରତିଷ୍ଠା କରିବାକୁ ଚାହାଁନ୍ତି ସେମାନେ ସର୍ବନାଶୀ ।

ନାରୀ ପୁରୁଷର ପରିପୋଷକ, ଉଭୟ ମିଶି ଏକ, ନାରୀ ହେଉଛି ପୁରୁଷ ସତ୍ତାର ବାକୀ ଅଂଶ । ସ୍ୱାମୀ ହେଉଛି ସ୍ତ୍ରୀର ସତ୍ତା, ପୁରୁଷର ଏହି ଉଦ୍‌ବେଳାୟିତ ଅବସ୍ଥାକୁ ଅକ୍ଷୁର୍ଣ୍ଣ ରଖିବା ନିମିତ୍ତ ତାକୁ ପୁରୁଷ ଶ୍ରେଷ୍ଠ, ଇଷ୍ଟ, ଗୁରୁ ବା ପୁରୁଷୋତ୍ତମ ସହିତ ସଂଲଗ୍ନ ହେବା ଏକାନ୍ତ ଆବଶ୍ୟକ, ନଚେତ୍ ପୌରୁଷ୍ୱ ଲୋପ ପାଇଯାଏ ।

ସହପ୍ରତିରତ୍ୱିକ ଓ ପ୍ରଫେସର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

### ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଭାବନୀୟ ଘଟଣା

# ଛୁଆ ଜନ୍ମ ପରେ ମାଆର ମୃତ୍ୟୁ, ଅଭିଯୋଗ ଅଣିଲେ ପରିବାର ଲୋକ

**ନୟାଗଡ,(ମହାଭାରତ) :** ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଭାବନୀୟ ଘଟଣା। ଛୁଆ ଜନ୍ମ ପରେ ମାଆର ମୃତ୍ୟୁ। ଚିକିତ୍ସାରେ ଅବହେଳା ଅଭିଯୋଗ ଆଣିଲେ ପରିବାର ଲୋକେ। ମୃତ ମହିଳାଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଗତ କାଲି ସକାଳେ ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ବ୍ଲକ କୁମ୍ଭାପଡା ଗାଁର ସାବିତ୍ରୀ ସେଠୀଙ୍କୁ ପ୍ରସବ ପାଇଁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସକାଳ ୬ଟା ରେ ସାବିତ୍ରୀ ମେଡିକାଲରେ ଆଡ଼ିମିସନ୍ ହୋଇଥିବା ବେଳେ, ଅପରାହ୍ନ ୨ ଟାରେ ଅପରେସନ ପରେ ଶିଶୁ ପୁତ୍ର ଜନ୍ମ ଦେଇଥିଲେ। ଡେଲିଭରି ପରେ ଉଭୟ ମାଆ ଓ ଛୁଆ ସୁସ୍ଥ ଥିଲେ। ହେଲେ ହଠାତ୍ ରାତି ୧୨ ଟାରେ ସାବିତ୍ରୀ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କର ବିପି ବଢ଼ିଯାଇଥିଲା। ପରୀକ୍ଷା ପରେ ଦାୟିତ୍ୱ ରେ ଥିବା ଡାକ୍ତର ସାବିତ୍ରୀଙ୍କୁ ରକ୍ତ ର ଆବଶ୍ୟକ ବୋଲି ପରିବାର ଲୋକଙ୍କୁ ଜଣାଇଲେ। ପରିବାର ଲୋକେ ଡାକ୍ତରଙ୍କ କଥା ଅନୁଯାୟୀ ନୟାଗଡ଼ ରକ୍ତ ଭଣ୍ଡାରରୁ ଓ ପଜେଟିଭ୍ ରକ୍ତ ଅଣିଲେ। ସାବିତ୍ରୀ ଙ୍କୁ ରକ୍ତ





ଦେବାର ୨୦ ମିନିଟ୍ ପରେ ସାବିତ୍ରୀଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଡେଲିଭରି ଅପରେସନ ବେଳେ କିଛି ତ୍ରୁଟି ପାଇଁ ସାବିତ୍ରୀଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ସାବିତ୍ରୀଙ୍କର ଏହା ଦ୍ୱିତୀୟ ପ୍ରସବ ଘଟଣା ହୋଇଥିବା ବେଳେ, ସେ ସୁସ୍ଥ ଅବସ୍ଥାରେ ଡେଲିଭରି ପାଇଁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ସେପଟେ ପରିବାର ଲୋକ ଙ୍କ ଅଭିଯୋଗ ପରେ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ମେଡିକାଲ ପକ୍ଷରୁ ସାବିତ୍ରୀଙ୍କର ଶବ ବେବଚ୍ଛେଦ କରାଯାଇଛି।

### ସିମେଣ୍ଟ ଇଟା ପ୍ରସ୍ତୁତ ଗ୍ରାଇଣ୍ଡର ମ୍ୟାସନ୍‌ରେ ଫଶି ଶ୍ରମିକର ମୃତ୍ୟୁ

# କ୍ଷତି ପୂରଣ ଦାବିରେ ପରିବାର, ଶବ ବାବେଚ୍ଛେଦରେ ବାଧାପ୍ରାପ୍ତ

**ବିଷମ କଟକ,(ମହାଭାରତ) :** ରାୟଗଡା ଜିଲ୍ଲା ବିଷମ କଟକ ଥାନା ଅନ୍ତର୍ଗତ ଦୁର୍ଗୀ ଠାରେ ଅବସ୍ଥିତ ଏକ ସିମେଣ୍ଟ ଇଟା ତିଆରି ଫେକ୍ଟ୍ରି ଗ୍ରାଇଣ୍ଡର ରେ ଫସି ଜଣେ ଶ୍ରମିକ ର ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣ ହେଲେ ଦୁର୍ଗୀ ଗ୍ରାମ ପଞ୍ଚାୟତ ରିଙ୍ଗାବାଇ ଗ୍ରାମର ଅଜିତ ପିଡିକାକକ୍ଷ (୩୫)। ଘଟଣା ରୁ ପ୍ରକାଶ ଯେ ପ୍ରତ୍ୟେକ ଦିନ ଭଳି ଆଜି ମଧ୍ୟ ଦୁର୍ଗୀ ମାଣିକେଶ୍ୱରି କ୍ରସର ପରିଷରରେ ରହିଥିବା ସିମେଣ୍ଟ ଇଟା ଫ୍ୟାଟ୍ରି ରେ ଶ୍ରମିକ ମାନେ କାର୍ଯ୍ୟରତ ଥିଲେ। ଇଟା ପ୍ରସ୍ତୁତି ଚାଲିଥିବା ବେଳେ ହଠାତ୍ ଗ୍ରାଇଣ୍ଡର ମ୍ୟାସିନ୍ ଭିତର କୁ ଶ୍ରମିକ ଖସି ପଡିଥିବା ବେଳେ ଶ୍ରମିକ ଜଣକ ଗୁରୁତର ଆହତ ହୋଇଥିଲେ। ଆହତ ଅବସ୍ଥାରେ ଶ୍ରମିକ କୁ ଉଦ୍ଧାର କରି ସହକର୍ମୀ ମାନେ ପ୍ରଥମେ ଦୁର୍ଗୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ସ୍ଥାନାନ୍ତର କରିଥିଲେ। ଆହତ ଶ୍ରମିକ କୁ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଦୁର୍ଘଟଣା ସମ୍ବନ୍ଧରେ ବିଷମ କଟକ ଥାନା ରେ ଏକ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଆଧାର ରେ ବିଷମ କଟକ ପୋଲିସ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଁଚି ଶବ ଜବତ କରିଛି। ଏହା ସହିତ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଛି ସେ ନେଇ ତଦନ୍ତ କରାଯିବା ବୋଲି ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢୀ ସୂଚନା ଦେଇଛନ୍ତି। ତେବେ ମୃତ ଶ୍ରମିକ ଙ୍କ ପରିବାର ଏବଂ ସମ୍ପର୍କୀୟ ମାନେ କ୍ଷତିପୁରଣ ଦାବି କରୁଛନ୍ତି। ପରିବାର କ୍ଷତିପୁରଣ ଦାବି କରୁଥିବାରୁ ସୋମବାର ଶବ ବ୍ୟବଛେତ ହୋଇଥିଲା। ଘୋଟନା ରୁ ପ୍ରକାସ ଯେ ମୃତକ ଜଣକ ଭାଇ କୁମଦ ପିଡିକାକକ୍ଷ ଥାନାରେ ଅଭିଯୋଗ କରିଛନ୍ତି ଯେ କ୍ରସର ମାଲିକ ବି. ସୁରେଶ ରାଓ ଆସି ମତେ ସାଧକ୍ଷ କାଗଗ ରେ ସାଇନ୍ କରି ନେଇ ଥିଲେ କଣ ପାଇଁ ବୋଲି ପୋଚରି ବାରୁ କିଛି କୋହିନଥିଲେ। ମୁ ପରେ ଶୁଣିବାକୁ ପାଇଲି ଯେ ମୋ ଭାଇ ମେସିନ୍‌ଷୋ ସଫା କରୁଥିବା ସମୟରେ ମେସିନ୍ ଚାଲୁ ହେବାରୁ ମୋ ଭାଇ ମେସିନ୍‌ରେ ଫୋଷି ମୃତ୍ୟୁ ବରଣ କରିଥିବା ଖବର ବିଳମ୍ବରେ ଶୁଣି ବାକୁ ପାଇଲି।

# ଆସିକା ବ୍ଲକର ବିଭିନ୍ନ ସ୍ଥାନରେ ନନ୍ଦ ଉତ୍ସବ ପାଳିତ

**ଆସିକା,(ମହାଭାରତ) :** ଆସିକା ବ୍ଲକର ବିଭିନ୍ନ ସ୍ଥାନରେ ନନ୍ଦ ଉତ୍ସବ ମହାଡମ୍ବର ସହ ପାଳିତ ହୋଇଯାଇଛି। ଆସିକା ବ୍ଲକର ନଳବଣ୍ଟା ପଞ୍ଚାୟତ ର ଖଡଭାଗ ଗ୍ରାମରେ ଗୋପାଳ ସମାଜ ଧରାକୋଟ ତାଲୁକା ପକ୍ଷରୁ ନନ୍ଦ ଉତ୍ସବ ପାଳନ କରାଯାଇଛି। ସେହିପରି ଆସିକା ବ୍ଲକ ଆଲ୍ଲିପୁର ଗ୍ରାମରେ ଷୋହଳ ଖଣ୍ଡ ଗୋପାଳ ସମାଜ ପକ୍ଷରୁ ଦଶମତମ ନନ୍ଦଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପ୍ରାତଃ ସମୟରୁ କୃଷ୍ଣଙ୍କ ନଗର ପରିକ୍ରମା, ଘୃତ ଯଞ୍ଜ,ଆରତୀ, ପୁଷ୍ପାଞ୍ଜଳି ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ଖଡଭାଗ ସମାଜ ପକ୍ଷରୁ ଏକ ବାର୍ଷିକ ବୈଠକ ଅଗାଡି ଗୌଡ଼ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ରାମଚନ୍ଦ୍ର ପୁର, କଳାସୁତା, ରିଷିପୁର, ପୋଡ଼ଙ୍ଗି, ପାକିଡ଼ି, ପଙ୍କଲବାଡ଼ି, ନଳବଣ୍ଟା, କୀର୍ତିପୁର, ବାଡୁଳା, ଖଣ୍ଡ ଦେଉଳି, ମୁଣ୍ଡମରାଇ, ପଥରକ୍ଷ, ଖରିଗୁମା, ଧରାକୋଟ, କୁଲାଗଡ଼, ବାଖରକଟା ଅଞ୍ଚଳରୁ ହଜାର ହଜାର କୃଳ ଲୋକ ଉପସ୍ଥିତ ଥିଲେ। ସେହିପରି ଘୁମୁସର ତାଲୁକା ଷୋହଳ ଖଣ୍ଡ ଗୋପାଳ ସମାଜ ପକ୍ଷରୁ ବାବନପୁର ମୁଠା ପକ୍ଷରୁ ଲୋକନାଥ ମନ୍ଦିର ପ୍ରାଙ୍ଗଣରେ ନନ୍ଦ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସିକା ବ୍ଲକ ହରିଡ଼ାପଦର ମୁକ୍ତେଶ୍ୱର ଗୋପାଳ ସମାଜ ପକ୍ଷରୁ ମଧ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଦେବଗଡ଼,(ମହାଭାରତ) :** ଦେବଗଡ ଜିଲ୍ଲା ତିଳେଇବଣୀ ବ୍ଲକ ତିଳେଇବଣୀ ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୧୨୧ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୦୭ ଟି ବ୍ୟକ୍ତିଗତ ଏବଂ ୧୪ଟି ସାମୁହିକ ଅଭିଯୋଗ ହୋଇଥିବା ଜଣାପଡିଛି। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ୦.୦୪ ଜମିର ପଟ୍ଟା, ରାସ୍ତା ମରାମତି ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ ପଣ୍ଡା, ବନଖଣ୍ଡ ଅଧିକାରୀ ମଗର ଧନାଜି ରାଓସେ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତିଳେଇବଣୀ ରଘୁନାଥ ପାଣିଗ୍ରାହୀ, ତହସିଲଦାର ସୂର୍ଯ୍ୟ କାନ୍ତ ବରିହା, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ତିଳେଇବଣୀ ଗ୍ରାମପଞ୍ଚାୟତ ସରପଞ୍ଚ ସୁସ୍ମିତା ଏକ୍କା ସମେତ ସମସ୍ତ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଉପ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ଅଞ୍ଚଳର ସମସ୍ୟା ଜଣାଇଲେ ନର୍ଲା ସାମ୍ବାଦିକ ସଂଘ

**କଳାହାଣ୍ଡି,(ମହାଭାରତ) :** କଳାହାଣ୍ଡି ଜିଲ୍ଲା ନର୍ଲା ସାମ୍ବାଦିକ ସଂଘ ଓଜେୟୁ ଶାଖା ପକ୍ଷରୁ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଗ୍ରସ୍ତ କରି ଗତ ଶୁକ୍ରବାର ଦିନ,ବିଧାନସଭା ପରିସରରେ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଓ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀଯୁକ୍ତ। ମୁକେଶ ମହାଲିଙ୍ଗ ଙ୍କୁ ତାଙ୍କ ନିଜ ନିଜ କାର୍ଯ୍ୟାଳୟ ରେ ସାକ୍ଷାତ କରି ନର୍ଲା ଅଞ୍ଚଳ ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଓ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ମାନ ଉପସ୍ଥାପନ କରିଛନ୍ତି ଯଥା ନର୍ଲା ଠାରେ ଏକ ସରକାରୀ ଆଇଟିଆଇ କଲେଜ , ଓ ନର୍ସିଂ ଟ୍ରେନିଂ କଲେଜ ଖୋଲିବା ସହ ବୃହତ୍ ଏକ ଶିକ୍ଷ ପ୍ରତିଷ୍ଠାନ ସ୍ଥାପନ ପାଇଁ ଅବଗତ କରିଛନ୍ତି ଏହା ହେଲେ ନର୍ଲା ଅଞ୍ଚଳର ପ୍ରତିବର୍ଷ ବିଭିନ୍ନ କଲେଜ ରୁ ଉତିର୍ଣ୍ଣ ହେଉଥିବା ଯୁକ୍ତ ଦୁଇ ଓ ଯୁକ୍ତ ତିନି ହଜାର



ହଜାର ଛାତ୍ରଛାତ୍ରୀ କୌଣସି କର୍ମ ନିଯୁକ୍ତି ନ ପାଇ ଦାଦନ ଖଟିବା ପାଇଁ ବାଧ ହେଉଥିବା ପରିସ୍ଥିତି କୁ ଏଡ଼ାଇ ଦିଆଯାଇ ପାରିବ ବୋଲି ସଂଘ ପକ୍ଷରୁ ସରକାର ଙ୍କୁ ଅବଗତ କରାଯାଇଛି,ସେହିଭଳି ସ୍ୱାସ୍ଥ୍ୟ ମନ୍ତ୍ରୀ ମାନ୍ୟବର ମୁକେଶ ମହାଲିଙ୍ଗ ଙ୍କୁ ନର୍ଲା ଠାରେ ଯଥାଶୀଘ୍ର ଏକ ବହୁମୁଖି ଉନ୍ନତ ମାନର ମେଡିକାଲ ଖୋଲିବା ସହ, ରକ୍ତ ଭଣ୍ଡାର ବ୍ୟବସ୍ଥା ଓ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରିଛନ୍ତି ଯାହା ଫଳରେ ଅଞ୍ଚଳର ଗରିବ ଶ୍ରେଣୀର ଲୋକ ମାନଙ୍କୁ ଉନ୍ନତ ମାନର ବହୁ ବିଧ ସ୍ୱାସ୍ଥ୍ୟ ସେବା ସାଧାରଣ ଲୋକଙ୍କ ହାତ ପାହାନ୍ତା ରେ ଉପଲବ୍ଧ ହୋଇ ପାରିବା ସହ,ଅନେକ ଗରିବ ଶ୍ରେଣୀର ଲୋକେ ବହୁଳ ଖର୍ଚ୍ଚାନ୍ତ ରୁ ମୁକ୍ତି ପାଇ ପାରିବେ ବୋଲି ସଂଘ ପକ୍ଷରୁ ମାନ୍ୟବର ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଅଛି ମାନ୍ୟବର ମନ୍ତ୍ରୀ ମଧ ନର୍ଲା ପ୍ରେସ ଆସୋସିଏସନ୍‌ର ସମସ୍ତ ପ୍ରତିନିଧି ମାନଙ୍କ କଥାକୁ ସମ୍ମାନ ର ସହ ଗ୍ରହଣ କରି ଆଗାମୀ ଦିନରେ ତତ୍ ସଂଲଗ୍ନ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରି ପର୍ଯ୍ୟାୟ କ୍ରମେ ସମସ୍ତ ସମସ୍ୟା ର ସମାଧାନ ନିଶ୍ଚିତ ରୂପେ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ମାତିଛନ୍ତି ବାଇକ୍ ଚୋର

**ଦାନଗଦି,(ମହାଭାରତ) :** କଳିଙ୍ଗନଗରରେ ଦିନକୁ ଦିନ ଅସନ୍ତୋଷ ବଢିବା ସମୟରେ ଅନେକ ଲୋକେ କାରଖାନାରେ କାର୍ଯ୍ୟ କରୁଛନ୍ତି, କାର୍ଯ୍ୟ କରୁଥିବା କର୍ମଚାରୀ ବାଇକ୍‌ରେ ଯାତାୟାତ କରିବାସହ ବାଇକ୍ ଷ୍ଟାଣ୍ଡରେ ବାଇକ୍ ନିର୍ଭୟରେ ରଖି କାରଖାନା ଭିତରକୁ ପ୍ରବେଶ କରି ନିଜ ନିଜର କର୍ମ ଜାରିରଖିଥିବାବେଳେ, ଦିନକୁ ଦିନ ଅନେକ ବାଇକ୍ ହେଉଛି ଚୋରି ଦିନମଜୁରିଆ କର୍ମଚାରୀ ଯାହାବି ରୋଜଗାର କରି ନିଜ କାର୍ଯ୍ୟ କୁ ଯିବାପାଇଁ ବାଇକ୍ ଟିଏ କିଣି କର୍ମ ଚଳାଉଥିବା ବେଳେ, ବାଇକ୍ ଚୋରଙ୍କ ପାଇଁ ଚିନ୍ତାରେ ସରା କଳିଙ୍ଗନଗର ବାସୀ,ଗତ ୨୬/୦୮/୨୪ ତାରିଖ ଦିନ ଗାଡ଼ି ନମ୍ବର OD34B5903, ସାରଙ୍ଗପୁର ଗ୍ରାମର ଭଗବାନ୍ ମାଲିକ୍ ନାମକ ବ୍ୟକ୍ତି କାରଖାନାକୁ ବାଇକ୍ ନେଇ ଯାଇଥିବା ସମୟରେ କାରଖାନା ଭିତରୁ ବାଇକ୍ ନଥିବା ଜଣାପଡ଼ିଛି, ବିଗତ କିଛି ଦିନ ହେବ ବାଇକ୍ ଲୁଟେରା କଳିଙ୍ଗନଗରରେ ମାତିଥିବା ବେଳେ ଟାଟା ୩ ନମ୍ବର ଗେଟ୍ ପାଖରୁ ଅନେକ ବାଇକ୍ ମଧ ହେଉଛି ଚୋରି,କିଛି ଦିନ ହେବ ବାରଗାଡ଼ିଆ ଗ୍ରାମରେ ଦୁଇଟି ଗାଡ଼ି ଚୋରି ହୋଇଥିବାବେଳେ, ଦିନକୁ ଦିନ ଏହା ବୃଦ୍ଧିହେବାରେ ଲାଗିଛି,ଏହାକୁ ପ୍ରଶାସନ ନିୟନ୍ତ୍ରଣ ନକଲେ ଆଗାମୀ ଦିନରେ ଅନେକ ସମସ୍ୟା ଆଣିପାରେ କଳିଙ୍ଗନଗରରେ ବସବାସ କରୁଥିବା ଜନସାଧାରଣଙ୍କ ପାଇଁ।

# ନୀଳକଣ୍ଠେଶ୍ୱରଙ୍କ ପିଠରେ ସଙ୍ଗୀତ ସନ୍ଧ୍ୟା



**ବାଲିପାଟଣା,(ମହାଭାରତ) :** ପବିତ୍ର ଜନ୍ମାଷ୍ଟମୀ ପର୍ବ ବିଭିନ୍ନ ମଠ ମନ୍ଦିର ଏବଂ ଘରେ ପାଳନ ହୋଇ ଯାଇଛି। ସରାଟ ମୌଜା ନୀଳକଣ୍ଠେଶ୍ୱର ମହାଦେବ ଙ୍କ ପିଠରେ ଜନ୍ମାଷ୍ଟମୀ ଉତ୍ସବ ଓ ସଙ୍ଗୀତ ସନ୍ଧ୍ୟା ଆୟୋଜନ ହୋଇଥିଲା। ଖ୍ୟାତି ସମ୍ପନ୍ନ ବଂଶୀବାଦକ ଗୁରୁ ରାଜକିଶୋର ଦଳ ବେହେରା ଉତ୍ସବ ଆୟୋଜନ କରିଥିଲେ। ସୁସଜିତ ଦୋଳିରେ ରାଧା କୃଷ୍ଣଙ୍କୁ ଝୁଲଣ ଅନୁଷ୍ଠିତ ହୋଇଥିଲା। ଗୁରୁ ଶ୍ରୀ ଦଳ ବେହେରା ଏବଂ ତବଲା ବାଦକ ଗୁରୁ କୁଳମଣି ସାହୁ ସୁନ୍ଦର ବଂଶୀବଦାନ ଓ ବାଦ୍ୟ ପରିବେଷଣ କରିଥିଲେ। କୁନି କଳାକାର ମାନେ ଓଡିଶୀ ଓ ଭଜନ ରେ ନୃତ୍ୟ ପରିବେଷଣ କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ଭାରତ ଭୁଷଣ ମହାନ୍ତି , ସମ୍ବାଦିକ ରମେଶ ରଥ , ବସନ୍ତ ଦାଶ , ମାନସ ପଣ୍ଡା , ଶିବ ପ୍ରସାଦ ଜେନା , ନରହରି ବେହେରା , ଦେବେନ୍ଦ୍ର ସ୍ୱାଇଁ , ସତ୍ୟଜିତ ରାୟ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟ ପକ୍ଷରେ ପ୍ରତ୍ୟେକ ଘରେ ଶ୍ରୀକୃଷ୍ଣ ଙ୍କୁ ଖଟୁଲି ଓ ଆସ୍ଥାନ ରେ ସ୍ଥାପନ କରି ପୂଜା ଅର୍ଚନା ଓ ଜନ୍ମାଷ୍ଟମୀ ବ୍ରତ ପାଠ କରା ଯାଇଥିଲା। ଶେଷରେ ସୁସ୍ୱାଦୁ ସାତ୍ୱିକ ଖାଦ୍ୟ ଭୋଗ କରାଯାଇଥିଲା।

# ବାଇକ ଦୃଘଟଣାରେ ଚାଳକ ଗୁରୁତର

**ପାଟଣା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ମୁରୁସୁଆଁ ନିକଟରେ ଏକ ବାଇକ ଦୃଘଟଣା ଘଟିଛି। ଦୃଘଟଣାରେ ଚାଳକ ଜଣକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରଯାଇ ଛି। ବାଇକ ଚାଳକ ଜଣକ ଟାଙ୍ଗରପଡା ପଞ୍ଚାୟତ ଝାଲିଆପଡ଼ା ଗ୍ରାମ ର ରୂପକ ନାଏକ ବୋଲି ଜଣାପଡିଛି। ସେ କୌଣସି କାମରେ ତୁରୁମୁଙ୍ଗା ଯାଇ ଫେରୁଥିବା ବେଳେ ମୁରୁସୁଆଁ ପଞ୍ଚାୟତ ଅନ୍ତର୍ଗତ ଦେଉଗାଁ ନିକଟରେ ବାଇକ ଟି ଭାରସାମ୍ୟ ହରାଇ ଖସି ପଡିଥିଲା। ସ୍ଥାନୀୟ ଲୋକେ ଦେଖି ବାଇକ ଚାଳକକୁ ଉଦ୍ଧାର କରି ଆମ୍ବୁଲାନ୍ସ କୁ ଖବର ଦେଇଥିଲେ। ଖବର ପାଇ ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଞ୍ଚି ବାଇକ ନେଇ ପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି କରିଥିଲେ। ଆହତ ବାଇକ ଚାଳକଙ୍କ ଡାହାଣ ଗୋଡ଼ର ଦୁଇଟି ଜାଗା ଗଭୀର ଆହତ ଲାଗିଥିବା ବେଳେ ଡାକ୍ତର ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରଯାଇ ଥିବା ଜଣାପଡିଛି।

# ଏଜୁକେସନ ଫାଓଣ୍ଡେସନ ସେକେଣ୍ଡ ଚାନ୍ସ ଦଶମରେ ୮୪% ବିଦ୍ୟାର୍ଥୀ ଉତୀର୍ଣ୍ଣ

**ବିଷମ କଟକ,(ମହାଭାରତ) :** ସର୍ବ ଭାରତ ସ୍ତର ରେ କାର୍ଯ୍ୟରତ ସେଚ୍ଛାସେବୀ ଅନୁଷ୍ଠାନ ପ୍ରଥମ ଏ ଜୁକେସନ୍ ଫାଉଡେସନ ପ୍ରୋଗ୍ରାମ ଶିକ୍ଷା ର ଅଗ୍ରଗତି ପାଇଁ ମାଟ୍ରିକ ପାସ୍ ରୁ ବଞ୍ଚିତ ଥିବା ମହିଳା ଓ ବାଳିକାଙ୍କୁ ପାସ୍ କରିବା ର ବ୍ୟବସ୍ଥା କରା ଯାଇଛି ଏହି ସଂଗଠନ ତରଫ ରୁ ରାୟଗଡା ଜିଲ୍ଲାରେ ୨୦୧୨ ମସିହାରୁ କାର୍ଯ୍ୟକ୍ରମ ଚାଲିଆସୁଛି। ଚଳିତ ବର୍ଷ ବିଷମ କଟକ ବ୍ଲକ୍ ରେ ୧୮୯ ଜଣ ନାମ ଲେଖାଇଥିଲେ ଏବଂ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ୧୫୮ ଜଣ ବାଳିକା ଓ ମହିଳା ମାନେ ପାସ୍ କରିଛନ୍ତି। ଏହି ବିଦ୍ୟାର୍ଥୀ ମାନେ ଡୁକୁମ, ଦୁର୍ଗୀ, କୁମାରଧାମୁନି, ହୁକୁମତୁଳା, କୁର୍ଲି, ଶିଖବନ୍ଧ କ୍ଲଷ୍ଟର ରେ ପାଠ ପଢୁଥିଲେ, ଏହି ଅନୁଷ୍ଠାନ ର ଶିକ୍ଷକ ବବି ସୂର୍ଯ୍ୟ, ପ୍ରତିମା ଗୌଡ଼, ରସାନନ୍ଦ କୁମ୍ଭାର, , ହରିଶ କରକାରିଆ, ପିତାମ୍ବର ନାଗ, ଆକାଶ ପରିଛା, ଦିଲୀପ ଲିମା, ପ୍ରଶାନ୍ତ ଦାଶ ପ୍ରଭୁତି ଶିକ୍ଷା ଦାନ କରିଥିଲେ। ପରୀକ୍ଷା ଫଳ ଶୁଣି ଅଭିଭାବକ ଓ ଛାତ୍ର ଛାତ୍ରୀ ମାନେ ପ୍ରଥମ ଏଜୁକେସନ ର ରାଜ୍ୟ ସଂଯୋଜିକା ଶ୍ରୀମତୀ ପୁଷ୍ପାଞ୍ଜଳି ପରିଡା,ଷ୍ଟେଟ ଚୋଡିନେଟର ରାମ ପ୍ରସାଦ ମହାନ୍ତି ଏବଂ ଜିଲ୍ଲା ସଂଯୋଜକ ସୁରେନ୍ଦ୍ର କୁମାର ପଶାୟତ ଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ପୂର୍ବ ଶତ୍ରୁତାକୁ ନେଇ କାର ପୋଡି ଦେଲେ ଦୁର୍ବୃତ୍ତ

**ଅନୁଗୋଳ,(ମହାଭାରତ) :** ଅନୁଗୋଳ ଜିଲ୍ଲା ବଅଁରପାଳ ଥାନାର ତଳମୂଳ ପାଟଣା ତେଲି ସାହିରେ ଦୃବର୍ତ୍ତମାନେ କାର ପୋଡି ଦେଇଥିବା ନେଇ ବଅଁରପାଳ ଥାନାରେ ଅଭିଯୋଗ ହୋଇଛି। କାର ପୋଡି ର ଶିକାର ହୋଇଥିବା



ବ୍ୟକ୍ତି ଜଣଙ୍କ ହେଲେ ତଳମୂଳ ପାଟଣା ତେଲି ସାହିର ପୁରନ୍ଦର ସାହୁ ଙ୍କ ପୁଅ ନରେନ୍ କୁମାର ସାହୁ। ଅଭିଯୋଗକାରୀଙ୍କ ଲିଖିତ ଅଭିଯୋଗ ଅନୁଯାଇ ଗତ ଅଗଷ୍ଟ ୨୩ ତାରିଖ ଦିନ ସନ୍ଧ୍ୟା ସମୟରେ କିଛି ଦୁର୍ବୃତ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ଜୀବନ ରେ ମାରିଦେବା ସହ ପେଟ୍ରୋଲ ଢାଳି ଗାଡି ପୋଡି ଦେବା ଭଳି ଧମକ ଦେଇଥିଲେ। ନରେନ୍ ଏହି ଅଭିଯୁକ୍ତଙ୍କ ନାମରେ ଅଭିଯୋଗ ଆଣିଛନ୍ତି କି ଅଗଷ୍ଟ ୨୬ ତାରିଖ ରାତି ପ୍ରାୟ ୧୨ଟା ୪୦ ମିନିଟ ସମୟରେ ଗ୍ୟାରେଜ୍ ରେ ଥିବା ରେନଲ୍ଟ କୁଇଡ଼ି କାର ଓଡ଼ି ୩୩ ଏନ୍ ୨୧୨୬ କୁ ପେଟ୍ରୋଲ ଢାଳି ପୋଡି ଦେଇଛନ୍ତି ବୋଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଲିଖିତ ଅଭିଯୋଗ ପରେ ଥାନା ପକ୍ଷରୁ ତଦନ୍ତ ଜୋରଦାର୍ ଆରମ୍ଭ କରିଛନ୍ତି।

# ଗୋପାଳଙ୍କ ଜନ୍ମବିଧି ଏକ ସଂଙ୍ଗେ ନିଆରା ବିଧିରେ ଅନୁଷ୍ଠିତ



**ବାଣପୁର,(ମହାଭାରତ) :** ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ଖୋର୍ଦ୍ଧା ଜିଲ୍ଲା ବାଣପୁରର ଆରାଧ୍ୟା ଦେବୀ ମା' ଭଗବତୀ' ଯୋଗମାୟା ଙ୍କ ସହିତ ପ୍ରଭୁ ଗୁରୁଣ୍ଡି ଗୋପାଳଙ୍କ ଜନ୍ମବିଧି ଏକ ସଂଙ୍ଗେ ନିଆରା ବିଧିରେ ଅନୁଷ୍ଠିତ ହୋଇଯାଇଛି। ଭାଦ୍ରବ କୃଷ୍ଣ ଅଷ୍ଟମୀ 'ଜନ୍ମାଷ୍ଟମୀ' ତିଥିର ମଧରାତ୍ରରେ ମା'ଙ୍କ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିର ବେଢ଼ାରେ ଏହି ଉତ୍ସବ ଗୁପ୍ତ ନୀତିର ସହିତ ପାଳିତ ହୋଇଛି। ସଂଧ୍ୟାରେ ମା'ଙ୍କ ବଡ଼ସିଂହାର ପୂର୍ବରୁ ପାଳିଆମାଳି ସେବକ ଶୟନ ଚକଡ଼ା କୁ ଧୋପଖାଳ କରି ଆସନପାରିଥିଲେ। ପୂଜାରୀ ସାଆନ୍ତ ସିଂହାସନରୁ ଶ୍ରୀଶ୍ରୀ ଗୁରୁଣ୍ଡିଗୋପାଳ ଦେବ, ଶ୍ରୀ ଶ୍ରୀଚନ୍ଦ୍ରଶେଖରଦେବ ଓ ମା' କାଠି ଠାକୁରାଣିଙ୍କୁ ଏକତ୍ର ଆଣି ଆସନ ଉପରେ ଉପବେସନ କରାଇ ଦୀପ, ଧୂପ, ପୁଷ୍ପ ଚ୍ନ୍ଦନ ନୈବେଦ୍ୟଠା କରିବା ପରେପରେ ଜନ୍ମବିଧି ଆରମ୍ଭ ହୋଇଥିଲା। ପୂର୍ବରୁ ପଲେଇ ସେବକ ଏନ୍ତୁଡ଼ି ପାଇଁ ପାଳରେ ତିଆରି ଅଟା, ଅଙ୍ଗାର, ଚ୍ଛୁ, ନାଭିକଟା ପାଇଁ ଶିମପତ୍ର ଆଣି ଯୋଗାଇଥିଲେ। ଗୁରୁଣ୍ଡିଗୋପାଳଙ୍କୁ ନାଭିକଟା ମଣ୍ଡପରେ ରଖାଇ ସିମପତ୍ରରେ ନାଭିକଟା ବିଧିକରାଇ ମହାସ୍ନାନ ପରେଚକ୍ଷୁ ଅଙ୍ଗାରନିଆଁରେ ଗୋପାଳଙ୍କୁ ଏନ୍ତୁଡ଼ି ସେକା ବିଧିପରେ ଆସନ ବିଜେ କରାଇଥିଲେ। ପରେ ମା'ଭଗବତୀ ଯୋଗମାୟା , ଚନ୍ଦ୍ରଶେଖର ଏବଂ ଗୁରୁଣ୍ଡିଗୋପାଳଙ୍କ ପାଖରେ ଏକତ୍ର ମୁଆଁ, ରାଶି କୋରା, ନଡ଼ିଆ କୋରା ଇତ୍ୟାଦି ଶୀତଳ ମଣୋହୀ ହୋଇ ଜନ୍ମ ଆଳତୀ ବଢ଼ିଥିଲା ପରେ ଠାକୁର ଠାକୁରାଣିଙ୍କୁ ବଡ଼ ସିଂହାର ପରେ ପହଡ଼ ପଡ଼ିଥିଲା। ଓଡ଼ିଶାର ସର୍ବତ୍ର ବିଷ୍ଣୁ ମନ୍ଦିରମାନଙ୍କରେ ଜନ୍ମାଷ୍ଟମୀରେ କେବଳ ଶ୍ରୀକୃଷ୍ଣଙ୍କ ଜନ୍ମବିଧି ମହାସମାରୋହରେ ପାଳିତ ହେଉଥିବାବେଳେ, ବାଣପୁରର ଏହି ପ୍ରାଚୀନ ଶକ୍ତିପୀଠରେ ଦୁର୍ଗା ମାଧବଙ୍କ ଉପାସନାର ପ୍ରତୀକ ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ମା'ଭଗବତୀ ଯୋଗମାୟାଙ୍କ ମଧ ଧରାବତରଣ ବିଧିବିଧାନ ପରମ୍ପରା ନିଆରା ଢ଼ଙ୍ଗରେ କାହିଁ କେଉଁ କାଳରୁ ପାଳିତ ହୋଇ ଆସୁଛି। ପ୍ରଭୁଶ୍ରୀକୃଷ୍ଣ ମଥୁରାରେ ଜନ୍ମଗ୍ରହଣ କରିବା ପୂର୍ବରୁ ଦେବୀ ଭଗବତୀଙ୍କୁ ଗୋପନଗରୀର ନନ୍ଦ ଯୋଶଦାଙ୍କ ଘରେ ଯୋଗମାୟା 'ବିଜୁଳିକନ୍ୟା' ଭାବରେ ଜନ୍ମ ଗ୍ରହଣ କରି କଂସାସୁର ପରି ଆସୁରିକ ଶକ୍ତିମାନଙ୍କୁ ସଂହାର କରିବାରେ ସହଯୋଗ କରିବାକୁ କରିଥିବା ନିବେଦନ ରକ୍ଷାକରି ମା'ଦେବୀ ଭଗବତୀ ଉକ୍ତଦିନ ଧରାବତରଣ କରିଥିବା କଥା ବ୍ୟାସଦେବଙ୍କ ରଚିତ ସଂସ୍କୃତ ଭାଗବତରେ ଉଲ୍ଲେଖ ଥିବାରୁ ମା'ଙ୍କ ପୀଠରେ ଏହି ଉତ୍ସବ ପାଳନ କରାଯାଉଥିବା କଥା ବିଶ୍ୱାସ କରାଯାଏ ଓ ଭାଦ୍ରବ କୃଷ୍ଣ ନବମୀ ଦିନ ମା'ଭଗବତୀଙ୍କ ବାମ୍ପି ନିକଟରେ ମୀନଧରା ନୀତି ସହିତ ନନ୍ଦ ଉତ୍ସବ ଦିନଏହି ଉତ୍ସବ ବାଣପୁରରେ ଦୁର୍ଗାମାଧବ ଉପାସନାର ଅନନ୍ୟ ପରମ୍ପରା ବୋଲି ଦେବୋତ୍ତର କାର୍ଯ୍ୟାଳୟରୁ ପ୍ରକାଶ।

# ଭୋଲଟାଜ କମ୍ପାନୀର ମନମାନି, ରାସ୍ତା ଖୋଳିବା ପରେ କରୁନାହିଁ ମରାମତି

**ହିନ୍ଦୋଳ,(ମହାଭାରତ) :** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଜନସାଧାରଣଙ୍କ ସୁବିଧା ପାଇଁ ରାଜ୍ୟ ସରକାର ୪ବର୍ଷ ପୂର୍ବରୁ ପ୍ରାୟ ୮୦୦କୋଟି ଟଙ୍କାର ମେଗା ପାନୀୟଜଳ ପ୍ରକଳ୍ପ ଆରମ୍ଭ ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ।ଏହି ପ୍ରକଳ୍ପ ଦ୍ୱାରା ନିର୍ବାଚନ ମଣ୍ଡଳୀର ପ୍ରାୟ ୫ଲକ୍ଷ ଉର୍ଦ୍ଧ ଜନତା ଉପକୃତ ହେବେ। ତେବେ ବଡ଼ବଡ଼ିଆ ପ୍ରଭାବଶାଳୀଙ୍କୁ ଧରି ଏହି ଟେଣ୍ଡର ହାତେଇ ଥିବା ଭୋଲଟାସ କମ୍ପାନୀର ମନମୁଖୀ କାର୍ଯ୍ୟରେ ଅତିଷ୍ଠ ହେଲେଣି ଜନସାଧାରଣ। ହିନ୍ଦୋଳ ଓଡ଼ାପଡ଼ା ବ୍ଲକରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ କରୁଥିବା ଭୋଲଟାଜ କମ୍ପାନୀ ଠିକାଦାର ପାଇପ୍ ବିଛାଇବା ପାଇଁ ପ୍ରତ୍ୟେକ ଗ୍ରାମ ରାସ୍ତାକୁ ଖୋଳି ଦିର୍ଘ ସମୟ ପକାଇ ରଖୁଥିବା ଯୋଗୁଁ ଲୋକମାନ ଯାତାୟାତ ରେ ବାଧା ସୃଷ୍ଟି କରିବା, ପାଇପ୍ ପୋତିବା ପରେ ଗାତରେ ବାଲିଫିଲିଙ୍ଗ୍ କରିବା କଥା କିନ୍ତୁ ଠିକାଦାର ତାହା ନକରି ସେହି ଖୋଳିଥିବା ମାଟି ଫିଲିଙ୍ଗ କରିବା ବେଳେ ରାସ୍ତା ସାରା ମାଟି ପଡି କାଦୁଅ ସୃଷ୍ଟି କରୁଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ସରକାରୀ ଅର୍ଥରେ ନିର୍ମିତ ପକ୍କା ସଡ଼କ ରାସ୍ତା ଭାଙ୍ଗିରୁଜି ନଷ୍ଟ ହେଉଛି ଏବଂ ଲୋକ ମାନେ ତଥା



ଗ୍ରାମର ଛୋଟ ଛୋଟ ପିଲା ମାନେ ସେହି କାଦୁଅ ରାସ୍ତାରେ ଯିବା ଆସିବା କରିବାପାଇଁ ବାଧ ହେଉଥିବା ଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ହିନ୍ଦୋଳ ବ୍ଲକ ହିନ୍ଦୋଳ ଏନ ଏ ସି ସହିତ ବହୁ ସ୍ଥାନରେ ପାଇପ ବିଛାଇବା ପାଇଁ ରାସ୍ତାସାଇଡ ଖୋଳି ଦେଇ ପରେ ସଠିକ ଭାବରେ ମାଟି ଫିଲିଙ୍ଗ ନକରିବା ଯୋଗୁଁ ବହୁ ଛୋଟବଡ଼ ଦୁର୍ଘଟଣା ସହ ଗାଈଗୋରୁ ମଧ ଫସି ଯାଉଛନ୍ତି !ଏହା ଛଡ଼ା କଂକ୍ରିଟ ଖୋଳି ଦେଲା ପରେ ସେହି ସ୍ଥାନକୁ ଆଉ କଂକ୍ରିଟରେ ପୂରଣ କରାଯାଉନାହିଁ।ଭୋଲଟାସ କମ୍ପାନୀକୁ ବାରମ୍ବାର କହିଲେ ମଧ କର୍ଣ୍ଣପାତ କରୁନାହିଁ !ବହୁ ପ୍ରଭାବଶାଳୀ, ବଡବଡିଆଙ୍କୁ ମୋଟା ଅଙ୍କର ହାତ ଗୁଞ୍ଜା ଦେଇ ଟେଣ୍ଡର ହାତେଇ ଥିବା ଏହି କମ୍ପାନୀ ମୁଣ୍ଡରେ ସେହି ପ୍ରଭାବଶାଳୀ ବ୍ୟକ୍ତି ଓ କିଛି କୁଜି ଟାଉଟରଙ୍କ ପ୍ରଚ୍ଛନ୍ନ ସହଯୋଗ ପାଇଁ ଠିକାଦାର ବେପାରବାୟ ରହିବା ସହ ତାହାର କାର୍ଯ୍ୟଶୈଳୀ ମଧ ନିମ୍ନମାନର ଅଟେ। ସେଥିପାଇଁ ସରକାରଙ୍କ ଏହି ବହୁମୁଖୀ ଜନହିତକର ପ୍ରକଳ୍ପର ସୁଫଳ ଜନସାଧାରଣ ପାଇପାରିବେ ବୋଲି ସନ୍ଦେହ। ଏହା ଛଡା ଦୀର୍ଘ ୪ବର୍ଷ ହେ୍ବ ଚାଲିଥିବା ଏହି ପ୍ରକଳ୍ପ ସାରିବାର ନାମ ମଧ ଧରୁନାହିଁ। ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ଉଭୟ ବ୍ଲକର ଜନସାଧାରଣ ଏପଟେ ହାତପାଖରେ ସୁବିଧାରେ ପାନୀୟଜଳ ପାଇବାର ସ୍ୱପ୍ନ ଦେଖୁଥିବା ବାରମ୍ବାର ପ୍ରତାରିତ ହେଉଥିବା ସାଧାରଣ ଜନତା କୁହନ୍ତି ଆମକୁ ମିଥ୍ୟା ପ୍ରତିଶୃତି ଦେଇ ଏମିତି କେତେବର୍ଷ ଏମାନେ ଠକିବେ ? ପ୍ରହସନର ମିଥ୍ୟାପ୍ରତିଶୃତିର ପରଦା ଆମ ଆଖିରୁ ଖୋଲିଲାଣି ଆଗକୁ ନିଶ୍ଚିତ ଜନସାଧାରଣ ଉଚିତ ପଦକ୍ଷେପ ନେବେ। ସମଗ୍ର ହିନ୍ଦୋଳ ନିର୍ବାଚନମଣ୍ଡଳୀ ଉଭୟବ୍ଲକର ହେଉଥିବା ଏହି ମେଗାପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରିତାର ସ୍ୱଚ୍ଛତା ପାଇଁ ଠିକାଦାରଙ୍କ ମନମାନି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ବାଚନ ମଣ୍ଡଳୀର ଗୋପାଳପୁର, ବୀଣାକାରକାଟେଣି ବାସିଙ୍କ ସହ ହିନ୍ଦୋଳ ଜନସାଧାରଣ ଜିଲ୍ଲା ପ୍ରଶାସନ ନିକଟରେ ଦାବୀ କରିଛନ୍ତି।

# ଜଟଣୀ ବ୍ଲକରେ ଯୁଗ୍ମ ଜନ ଶୁଣାଣି ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ

ଜଟଣୀ(ମହାଭାରତ): ଆଜି ଜଟଣୀ ପଞ୍ଚାୟତ ସମିତିର ସଭା ଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜିର ଜନ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ଚଞ୍ଚଳ ରାଣା ନିଜେ ଅଭିଯୋଗ କୁ ଶୁଣିବା ସହ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେବା ସହ ନିଜେ ସ୍ପଟ୍ ଉପରକୁ ଯାଇ ବିଭିଉ କାର୍ଯ୍ୟର ତଦାରଖ କରିଥିଲେ। ଆଜିର ଅଭିଯୋଗ ଶୁଣାଣି ଶିବିର ରେ ୯୦ ଗୋଟି ବିଭିଉ ସଂକ୍ରାନ୍ତୀୟ ଦରଖାସ୍ତ ଗ୍ରହଣ କରାଯାଇଥିଲା । ଆଜିର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଲରା, ମୁଖ୍ୟ ଉଉୟନ ଅଧିକାରୀ ଶ୍ରୀମତୀ କସ୍ତୁରିବାଳା ଜେନା, ଉପ ଜିଲ୍ଲାପାଳ ଭୁବନେଶ୍ୱର ଶ୍ରୀ ନିତୀଶ ତ୍ରିପାଠୀ, ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ବିଡିଓ ଶ୍ରୀମତୀ ରଶ୍ମିତା ନାଥ, ତହସିଲଦାର ଶ୍ରୀମତୀ ପ୍ରୀତିପର୍ଣା ମିଶ୍ର, ଥାନାଧିକାରୀ ଜଟଣୀ ଶ୍ରୀ ସୌମ୍ୟକାନ୍ତ ବଳିଆରସିଂହ, ଜଟଣୀ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ସୂର୍ଯ୍ୟମଣି ପାଟଯୋଶୀ, ବ୍ଲକ ଅଧକ୍ଷ୍ୟା ଶ୍ରୀମତୀ ଜୟନ୍ତୀ ଛୋଟରାୟ ଓ ଜଟଣୀ ପୌର ପରିଷଦର ଅଧକ୍ଷ ଶ୍ରୀ ଅନନ୍ତ ବେହେରା ଙ୍କ ସମେତ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲା ସ୍ତରୀୟ ଉପରିସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

# ପକ୍କା ରାସ୍ତା ନଥିବାରୁ କାଦୁଆ ରାସ୍ତାରେ ଧାନ ତଳି ଲଗାଇ ପ୍ରତିବାଦ କଲେ ଲୋକେ

କରଞ୍ଜିଆ,(ମହାଭାରତ): ପକ୍କା ରାସ୍ତା ନଥିବାରୁ କାଦୁଆ ରାସ୍ତାରେ ଧାନ ତଳି ଲଗାଇ ଅଭିନବ ପ୍ରତିବାଦ କଲେ ଗାଆଁ ଲୋକେ। ଏ ଦୃଶ୍ୟ ହେଉଛି ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲ୍ଲାର ଯଶିପୁର ବ୍ଲକ ପୋଡ଼ାଗୋଡ଼ ପଞ୍ଚାୟତ କାଶିପାଳ ଗାଁ ମାରେଦା-ସାହିର , ଏଠି ୪୦ରୁ ଉର୍ଦ୍ଧ ଆଦିବାସୀ ଶ୍ରେଣୀର ପରିବାର ବସ ବାସ କରନ୍ତି। ହେଲେ ସ୍ୱାଧୀନତା ର ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ଯାଏ ଗାଁ କୁ ପଡ଼ି ପାରିଲା ନାହିଁ ବିକାଶ ର ପାଦ ଚିହ୍ନ, ଗାଁ କୁ ପକ୍କା ସଡକ ଯୋଜନା ରେ ସାମିଲ କରାଯାଇ ପକ୍କା ରାସ୍ତା ଟିଏ ହୋଇ ପାରିଲା ନାହିଁ। ଯାହା ଫଳରେ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଟିଏ ନାହିଁ ବୋଲି କୌଣସି ଯୋଜନା ପହଞ୍ଚି ପାରିନାହିଁ ଏମାନଙ୍କ ପାଖରେ, ନା କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ପାରୁଛନ୍ତି, କାଶୀପାଳ ଗାଁ ରୁ ମାରେଦା ସାହି ଦୁଇ କିଲୋମିଟର ଚାଲି କି ଯିବାକୁ ପଡେ। ଅନ୍ୟ ପଟେ ଯଦିଓ ଗୋଟିଏ ରାସ୍ତା ଆର୍ଥିକ ବର୍ଷ ୨୦୨୨ ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ସେ କଥା ନ କହିବା ଭଲ, ବିଲ ମାଟି ରେ ତିଆରି ହୋଇଥିବା ଯୋଗୁଁ ରାସ୍ତା ର ଅବସ୍ଥା ସମ୍ପୂର୍ଣ୍ଣ ଶୋଚନୀୟ। ଏଭଳି ରାସ୍ତା ଦେଇ ପ୍ରତେକ ଦିନ ଅଙ୍ଗନବାଡି ଶିଶୁ ଠାରୁ ଆରମ୍ଭ କରି ସ୍କୁଲ, କଲେଜ, ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟ କୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ଯାଇଥାନ୍ତି। ଲୋକେ ଖରା ଦିନରେ ଯିବାକୁ ଯେତେବେଳେ କଷ୍ଟ ମନେ କରନ୍ତି ତେବେ ବର୍ଷା ଦିନର ଅବସ୍ଥା କଥା ଭାବିଲା ବେଳକୁ ଅସହାୟ ମନେ ହୁଏ। ଯଦିଓ ରାସ୍ତା କାମ କିଛି ବାଟ ହୋଇଛି ତାହା ମଧ୍ୟ ଖାଲ ଖମା ରେ ଭର୍ତ୍ତି, ଗାଁ ରେ ଯଦି କୌଣସି ବ୍ୟକ୍ତିଙ୍କ ଦେହ ଅସୁସ୍ଥ ବା ଗର୍ଭବତୀ ମହିଳାଙ୍କ ଦେହ ଖରାପ ହୁଏ ତେବେ ପହଞ୍ଚି ପାରେ ନାହିଁ ୧୦୮ ଆମ୍ବୁଲାନ୍ସ, ଖଟିଆ ରେ କିମ୍ବା ତାଙ୍କୁ ବୋହିକି ୨ କିଲୋ ମିଟର କାଶୀପାଳ ଗାଁକୁ ନେବା ପାଇଁ ପଡେ। ଏ ସବୁ ସମସ୍ୟା ବିଷୟ ରେ ବହୁ ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ ପ୍ରଶାସନିକ ଏପରିକି ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏହାର ସମାଧାନ ଦିଗରେ କେବଳ ମିଳିଛି ପ୍ରତିଶ୍ରୁତି,ତେଣୁ ଗାଁ ଲୋକେ ଅସନ୍ତୋଷ ଜାହିର କରି ଶେଷରେ ରାସ୍ତା ଉପରେ ଧାନ ତଳି ଲଗାଇ ରାସ୍ତା ନିର୍ମାଣ ପାଇଁ ଅଭିନବ ପ୍ରତିବାଦ କରିବା ସହ ତୁରନ୍ତ ପକ୍କା ରାସ୍ତା ନିର୍ମାଣ କରିବାକୁ ସରକାରଙ୍କୁ ଦାବି କରିଛନ୍ତି।



# ଖବରକାଗଜ ବିତରକ ମୁଶି ନନାଙ୍କ ପରଲୋକ



ବରୀ,(ମହାଭାରତ):ବରୀ ବ୍ଲକ ଅଧିନସ୍ଥ ନାଥପୁର ପଟଣା ଗ୍ରାମର ଖବର କାଗଜ ବିତରକ ବଳରାମ ଦାଶ (ମୃଷି ନନା)ଙ୍କ ର ରବିବାର ପରଲୋକ ଘଟିଛି। ତାଙ୍କୁ ୬୦ ବର୍ଷ ବୟଷ ହୋଇଥିବା ବେଳେ କିଛିଦିନ ତଳେ ହଠାତ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା। ହେଲେ ଭାଗ୍ୟର ବିଡମ୍ବନା ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ଦିର୍ଘ ୨୮ ବର୍ଷରୁ ଉର୍ଦ୍ଧ ହେବ ଖବର କାଗଜ ବିତରକ ଭାବେ କାର୍ଯ୍ୟ କରୁଥିଲେ। ସେ ଜଣେ ଭଦ୍ର ନମ୍ର ଓ ମେଳାପି ମଣିଷ ଥିଲେ।ତାଙ୍କ ମରଶରୀର ଗ୍ରାମରେ ପହଂଚିବା ପରେ ସ୍ଥାନୀୟ ଲୋକେ ଓ ବରୀ ଅଂଚଳର ସାମ୍ବାଦିକ ମାନଙ୍କ ସହିତ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ଅଶୋକ ସାମଲ ,ଆଇନଜୀବୀ ଭବାନୀ ପ୍ରସାଦ ପଣ୍ଡା ,ସରପଂଚ କୁନା ମଲ୍ଲିକ, ସମିତି ସଭ୍ୟ ଶ୍ରୀଧର ସେଠୀ ପ୍ରମୂଖ ପହଂଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇତିଲେ।

# ଭାରତୀୟ ନୌସେନା ଚିଲିକାକୁ ଡିଜିଏଏଫ୍ଏମ୍ଏସ୍‌ଙ୍କ ପରିଦର୍ଶନ

ଚିଲିକା (ମାହାଭାରତ) ଆର୍ମି ମେଡ଼ିକାଲ କର୍ପସର ଲେଫ୍ଟ ଜେନେରାଲ୍ ଡ଼ାଲଜିତ୍ ସିଂ,ଏଭିଏସ୍ଏମ୍,ଭିଏସ୍ଏମ୍,ପିଏଚ୍ଏସ୍,ଡ଼ିଜିଏଏଫ୍ଏମ୍ଏସ୍ ଏବଂ ବରିଷ୍ଠ କମାଣ୍ଡେଣ୍ଟ୍ ଚଳିତମାସ ୨୪ରୁ୨୬ ତାରିଖ ତିନିଦିନ ଧରି ଭାରତୀୟ ନୌସେନା ଚିଲିକା ଏବଂ ଭାରତୀୟ ନୌସେନା ଡ଼ାକ୍ତରୀ ପୋତର ପରିଦର୍ଶନ କରିଥିଲେ। ଭାରତୀୟ ନୌସେନାର ଯୋଦ୍ଧାଙ୍କ ୧୬ସପ୍ତାହର ପ୍ରାରମ୍ଭିକ ପ୍ରଶୀକ୍ଷଣ ଏବଂ ଅଗ୍ନିବୀରଙ୍କ ସର୍ବୋତ୍କୃଷ୍ଟ ଶାରୀରିକ ଅବସ୍ଥା ହାସଲ ପାଇଁ ନିଅଯାଇଥିବା ପଦକ୍ଷେପ ଗୁଡିକର ଏକ ବିସ୍ତୃତ ଅନ୍ତର୍ନିହିତ ବିଷୟରେ ଅବଗତ କରାଯାଇଥିଲା। କୋମଡ଼ର ବି. ଦୀପକ ଆନିଲ୍,କମାଣ୍ଡିଂ ଅଫିସର୍ ଆଇଏନ୍ଏସ୍ ଚିଲିକା ଏବଂ ତାଲିମ୍ ଅଧାପକଙ୍କ ସହ ଜେନେରାଲ ଡ଼ାଲଜିତ ସିଂଙ୍କ ବାର୍ତ୍ତାଳପ ହୋଇଥିଲା। ନୌସେନାର ଅଗ୍ନିବୀରଙ୍କ ତାଲିମ୍ ବିଷୟରେ ଜ୍ଞାନ ଆହାରଣ କରିବାକୁ ଡ଼ିଜିଏଏଫ୍ଏମ୍ଏସ୍ ତାଲିମ୍ ଭିତ୍ତିଭୂମି ବିଷୟରେ ଏକ ସ୍ୱଳ୍ପ ଭ୍ରମଣ କରିଥିଲେ। ଜେନେରାଲ୍ ଡ଼ାଲଜିତ୍ ସିଂ ଚିଲିକା ନାଭାଲ୍ ବେସ୍‌ରେ ଅବସ୍ଥିତ ସେବା ଡ଼ାକ୍ତରଖାନା ଆଇଏନ୍ଏଚ୍ଏସ୍ ନିବାରିଣୀ ପରିଦର୍ଶନ କରିବା ସହ ତାଲିମପ୍ରାପ୍ତ ତଥା ଷ୍ଟେସନ ସମ୍ପ୍ରଦାୟ ପାଇଁ ଉପଲବ୍ଧ ଚିକିତ୍ସା ସୁବିଧା ତଥା ସେବା ବିଷୟରେ ସୂଚନା ପ୍ରଦାନ କରିଥିଲେ। ସୈନିକମାନଙ୍କ ପାଇଁ ସର୍ବୋଚ୍ଚ ପ୍ରସ୍ତୁତି ଏବଂ କଲ୍ୟାଣ ପାଇଁ ଭାରତୀୟ ସଶସ୍ତ୍ରବାହିନୀର ପ୍ରତିବଦ୍ଧତାକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ଡ଼ିଜିଏଏଫ୍ଏମ୍ଏସ୍ ତାଲିମ୍ ଏବଂ ଚିକିତ୍ସା ସେବା ଉପରେ ଗୁରୁତ୍ୱାରୋପ କରି ଉପସ୍ଥିତ ସୈନିକମାନଙ୍କୁ ସମ୍ବୋଧିତ କରିଥିଲେ ଜେନେରାଲ୍ ଡ଼ାଲଜିତ୍ ସିଂ।

# ଢ଼ିହିରାକୁଲ ଗ୍ରାମରେ ଶ୍ରୀକୃଷ୍ଣଙ୍କ ର ପବିତ୍ର ଜନ୍ମ ଉତ୍ସବ ପାଳିତ

ଉଦଳା (ମହାଭାରତ ):ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥୀରେ ଭଗବାନ ଶ୍ରୀକୃଷ୍ଣ ଙ୍କ ର ପବିତ୍ର ଜନ୍ମ ଉତ୍ସବ ଡିହିରାକୁଲ ଗ୍ରାମରେ ଆନଂଦ ଉଲ୍ଲାସ ର ସହିତ ଭକ୍ତି ଭାବର ସହିତ ପାଳନ କରାଯାଇଅଛି। ଏହି ଅବସରରେ ଗ୍ରାମର ଆଧାତ୍ମିକତାର ବାତାବରଣ ସୃଷ୍ଟି କରୁଥିବା ଶ୍ରୀ ଜଗଉାଥ ମନ୍ଦିର ପ୍ରାଙ୍ଗଣରେ ସକାଳେ ମହାପ୍ରଭୁ ଙ୍କ ର ଦ୍ୱାର ଫିଟାନିତି କରାଯାଇ, ମଂଗଳ ଆଳତୀ, ସକାଳ ଧୂପ ,ନୂତନ ବସ୍ତ୍ର ପରିଧାନ,ବାଲ୍ୟଭୋଗ ପ୍ରଭୃତି ନିତି ସମ୍ପଉ କରାଯାଇ ଅପରାହ୍ନ ୪ଘଟିକା ସମୟରେ କଳସ ସ୍ଥାପନା ପୁର୍ବକ ଅଷ୍ଟମୀ ବିହିତ ଜନ୍ମ ଉତ୍ସବ ପୂଜାର୍ଚ୍ଚନା କରାଯାଇଥିଲାୟ ସନମାନସ୍ପଦ ଗୁରୁଜନ ଅକ୍ଷୟ କୁମାର ସାହୁ ମହାଶୟ ସଂକଳ୍ପ କାର୍ଯ୍ୟ କରି ଜଗତର ମଂଗଳ ପାଇଁ ପ୍ରାର୍ଥନା କରିଥିଲେ।ଅନେକ ଶ୍ରଦ୍ଧାଳୁମାନେ ଉପବାସ ରହି ଭଗବାନ ଶ୍ରୀକୃଷ୍ଣ ଙ୍କ ର ଜନ୍ମ ଉତ୍ସବ ପାଳନ ପାଇଁ ବ୍ରତ ରଖି ପୂଜାର୍ଚ୍ଚନା କରିଥିଲେ।

# ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର



କାକଟପୁର, (ମହାଭାରତ) - ଆଜି କାକଟପୁର ବ୍ଲକ ପରିସରରେ ଜିଲ୍ଲାପାଳ ଙ୍କ ଜିଲ୍ଲା ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେଇଛି। ଏହି ଶିବିର ରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧକ୍ଷତା କରିଥିବା ବେଳେ ପୁରୀ ଜିଲ୍ଲା ଆରକ୍ଷୀ ଅଧକ୍ଷ ପିନାକ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ପ୍ରିୟ ରଞ୍ଜନ ପୃଷ୍ଟି ଙ୍କ ସମେତ ପୁରୀ ଜିଲ୍ଲା ର ବିଭିନ୍ନ ବିଭାଗ ର ପଦାଧିକାରୀ ମାନେ ଯୋଗ ଦେଇଥିଲେ, କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା ଓ ମଣ୍ଡଳ ଉଉୟନ ଅଧିକାରୀ ଶ୍ରୀଯୁକ୍ତ ବିଷ୍ଣୁ ଗୋବିନ୍ଦ ଙ୍କ ସମେତ ବ୍ଲକ ର ବିଭିଉ ବିଭାଗ ର ଅଧିକାରୀ ମାନେ ଯୋଗ ଦେଇଥିଲେ। ଏହି ଶିବିର ରେ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା,ସ୍ୱାସ୍ଥ୍ୟ, ପରିମଳ, ଶିକ୍ଷା, ପାନୀୟଜଳ ସମେତ ସାଧାରଣ ଲୋକ ଙ୍କ ବିଭିଉ ଅଭିଯୋଗ କୁ ନେଇ ଜିଲ୍ଲାପାଳ ଆଲୋଚନା କରିବା ସହିତ ଏହି ସମସ୍ୟା ଗୁଡିକ ର ଯଥା ସମ୍ଭବ ସମାଧାନ କରିବା ପାଇଁ ଉପସ୍ଥିତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି। ସୂଚନା ମୁତାବକ ଆଜି ଏହି ଜନଶୁଣାଣୀ ରେ ୫୮ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଛି, ଅନେକ ସାଧାରଣ ଲୋକ ଙ୍କ ଅଭିଯୋଗ ଅଛି ଯେ ଅନେକ ଥର ଏହିଭଳି ଜନଶୁଣାଣି ଅନୁଷ୍ଠିତ ହେଉଛି କିନ୍ତୁ କେତେ ଲୋକ ଙ୍କ ସମସ୍ୟା ର ସମାଧାନ ହୋଇଛି ? ଏହା ବ୍ୟତୀତ ପ୍ରଚାର ପ୍ରସାର କମ ଥିବାରୁ ବ୍ଲକ ରେ ଏହିଭଳି ଜନଶୁଣାଣି ପ୍ରତି ଅନେକ ଲୋକ ଅବଗତ ହେଇ ପାରୁନାହାନ୍ତି, ବିଜେପି ଓଡ଼ିଶା ରେ ସରକାର ଗଠନ କରିବା ପରେ କାକଟପୁର ବ୍ଲକ ରେ ପ୍ରଥମ ଥର ଜିଲ୍ଲାପାଳ ଙ୍କ ଅଧକ୍ଷତା ରେ ଏହିପରି ଏକ ସାମ୍ବିଧାନିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିବାରୁ ଅନେକ ସାଧାରଣ ଲୋକ ଆଶାବାନ୍ଧି ରହିଛନ୍ତି ଯେ ଏହି ସରକାର ଅମଳ ରେ ହୋଇଥିବା ଜନଶୁଣାଣୀ ରେ ଆମ ଅଭିଯୋଗ ଉପରେ ସାମ୍ବିଧାନିକ କାର୍ଯ୍ୟାନୁଷ୍ଠାନ ହେବ ବୋଲି, ତେବେ ଦେଖିବାକୁ ବାକି ରହିଲା ଆଗାମୀ ଦିନ ରେ ପ୍ରକୃତ ରେ ଏହି ଜନଶୁଣାଣୀ ଲୋକ ଙ୍କ ସମସ୍ୟା ସମାଧାନ କରୁଛି କି ସମସ୍ତ ନିର୍ଦ୍ଦେଶ କାଗଜ କଲମ ରେ ସୀମିତ ରହୁଛି ।

# ୧ ନମ୍ବର ଜୋନ ବିଜେପି ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ

ଅସ୍ତରଙ୍ଗ,(ମହାଭାରତ) - ସମ୍ପୂର୍ଣ୍ଣ ଓଡିଶା ରାଜ୍ୟ ରେ ଚଳିତ ସାଧାରଣ ନିର୍ବାଚନ ରେ ବିଜେପି ବହୁ ମତ ହାସଲ କରି ସରକାର ଗଠନ କରିବା ପରେ, ଏବେ ବିଜେପି ପ୍ରତି ଲୋକ ଙ୍କର ଶ୍ରଦ୍ଧା ବଢ଼ିବାରେ ଅନୁଭୂତ ହେଉଛି। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ଏହି ସମୟ ରୁ ବିଭିଉ ଜିଲ୍ଲା ପରିଷଦ ଜୋନ ରୁ ବିଜେପି ର ସଦସ୍ୟତା ଅଭିଯାନ କର୍ମଶାଳା ଆରମ୍ଭ ହେଇଛି। ଆଜି ପୁରୀ ଜିଲ୍ଲା ର ୧ ନମ୍ବର ଜୋନ ଜିଲ୍ଲା ପରିଷଦ ର ପଞ୍ଚାୟତ କୁ ନେଇ ପିର ଯାହାନିଆ ସ୍ଥିତ କଲ୍ୟାଣ ମଣ୍ଡପ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଛି। ଅସ୍ତରଙ୍ଗ ଅଞ୍ଚଳ ର ବିଶିଷ୍ଟ ସମାଜସେବୀ ତଥା ଯୁବ ବିଜେପି ନେତା ଦିବାକର ଛାଟୋଇ ଙ୍କ ଉଦ୍ୟୋଗ ରେ ଆଜି ୧ ନମ୍ବର ଜୋନ ବିଜେପି ମଣ୍ଡଳ ସଭାପତି ପ୍ରଭାକର ନାୟକ ଏହି ଶିବୀର ରେ ଅଧକ୍ଷତା କରିଥିଲେ। ତାଙ୍କ ନେତୃତ୍ୱ ରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ଆରତୀ ନାୟକ, ବିଜେପି ବରିଷ୍ଠ ନେତା ବାଇଧର ମଲ୍ଲିକ, କାକଟପୁର ର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠି, ପୁରୀ ଜିଲ୍ଲା ବିଜେପି ଉପସଭାପତି ରତିକାନ୍ତ ନାୟକ, ପୁରୀ ଜିଲ୍ଲା ୧୧ନମ୍ବର ଜୋନ ଜିଲ୍ଲା ପରିଷଦ ତଥା ବିଜେପି ପ୍ରଭାରୀ ପ୍ରମୋଦ ରାୟ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଅଧିକାରୀ ବେହେରା,ଯୁବ ନେତା ପ୍ରଦେଶ ନାୟଙ୍କ ସମେତ ନିର୍ବାଚିତ ସରପଞ୍ଚ ସମିତି ସଭ୍ୟ ଓ ୫୦୦ ପାଖାପାଖି ବିଜେପି କର୍ମୀ ଏକତ୍ରିତ ହୋଇ ଏହି ସଭା ରେ ଆଗକୁ ଅସ୍ତରଙ୍ଗ ଅଞ୍ଚଳ ୧ନମ୍ବର ଜୋନ ରେ କିପରି ମଜବୁତ କରାଯିବ ସେଥିପାଇଁ ଆଲୋଚନା କରାଯାଇଛି। ବିଜେପି ର ଶାସନ, ଭାରତ ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଆହ୍ୱାନ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କ ଆଦର୍ଶତା କୁ ଆଖି ରେ ରଖି ଅନେକ ଛାତ୍ର ଯୁବ ଗୋଷ୍ଠୀ ଓ ପଞ୍ଚାୟତ ସ୍ତରରେ ଅନେକ ସାଧାରଣ ଲୋକ ଙ୍କୁ ବିଜେପି ର ପରିବାର ଅନ୍ତର୍ଭୁକ୍ତ କରିବା ସହିତ ତାଙ୍କୁ ନୂତନ ସଦସ୍ୟ ଭାବେ ଗ୍ରହଣ କରିବାକୁ କର୍ମୀ ବୈଠକ ରେ ଆଲୋଚନା କରାଯାଇଛି।

# ଡେଙ୍ଗୁ ରୋଗରେ ଦୁଇଜଣ ମୃତ୍ୟୁ ଘଟଣା

# ସ୍ଥିତି ଅନୁଧ୍ୟାନ କଲେ ସିଡିଏମଓ

ନାରାୟଣପାଟଣା (ମହାଭାରତ )- ଚାରି ଦିନର ଦୁଇ ଜଣ ଙ୍କ ଡ଼େଙ୍ଗୁ ରେ ମୃତ୍ୟୁ ହେବା ଘଟଣା କୁ ଗମ୍ଭୀରତା ସହ ନେଇଛନ୍ତି ଜିଲ୍ଲା ପ୍ରଶାସନ। ଆଜି କୋରାପୁଟ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶନାରେ କୋରାପୁଟ ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲା ଚିକିତ୍ସା ଅଧିକାରୀ ସମେତ ତିନିଜଣିଆ ଟିମ୍ ଏଡିଏମ୍ ମେଡିସିନ ବିଭାଗର ଆର୍ ଏନ୍ ମିଶ୍ର ,ଏଡିଏମ୍ (ଏଫ୍ ଡବ୍ଲୁ)ନୀଳମାଧବ ଶତପଥୀ ,ଏଡିଏମ୍ ଶୁଶାନ୍ତ ସାହୁ ପ୍ରମୁଖ ନାରାୟଣପାଟଣା ଗ୍ରସ୍ତ କରି ତଥ୍ୟ ସଙ୍ଗ୍ରହ କରି ଡେଙ୍ଗୁ ସ୍ଥିତି ଅନୁଧ୍ୟାନ କରିଛନ୍ତି ।ସରକାରୀ ଡାକ୍ତରଖାନା ରେ ରୋଗୀ କାହିଁକି ଚିକିତ୍ସା ନ ହୋଇ ଘରୋଇ ମେଡିକାଲ ତଥା ପଡୋଶୀ ଆନ୍ଧ୍ର ପ୍ରଦେଶ କୁ ଯାଉଛନ୍ତି ସେ ନେଇ ତଦନ୍ତ କରିଥିଲେ । କେଉଁ କାରଣରୁ ଡେଙ୍ଗୁ ଆକ୍ରାନ୍ତ ବଢିଲା , ମୃତ୍ୟୁ ର କାରଣ ,ପରିମଳ ବ୍ୟବସ୍ଥା କିପରି ହେଇଛି ଏ ସମସ୍ତ ଦିଗକୁ ନେଇ ତଦନ୍ତ କରିଛନ୍ତି। ସ୍ଥାନୀୟ ବାସିନ୍ଦା ସରକାର ଡାକ୍ତରଖାନା ବଦଳରେ ଘରୋଇ କ୍ଲିନିକ୍ ରେ ଚିକିତ୍ସିତ ହୋଇ ଭଲ ହୋଇଥିବା ସୁଚନା ପାଇଥିଲେ।ପରେ ଏକ ଘରୋଇ କ୍ଲିନିକ୍ ରେ ଚଢାଉ କରି କ୍ଲିନିକ୍ ର କାଗଜପତ୍ର ଜାଂଚ କରିଥିଲେ । କ୍ଲିନିକ୍ ର ଆବଶ୍ୟକ କାଗଜପତ୍ର ନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ ତଦନ୍ତକାରୀ ଦଳ ।ଏ ଘଟଣା ପ୍ରଘଟ ହେବା ପରେ କ୍ଲିନିକ୍ ରେ ନିର୍ଭର କରି ଚିକିତ୍ସିତ ହେଉଥିବା ଶତାଧିକ ଗ୍ରାମବାସୀ ତଦନ୍ତକାରୀ ଦଳ ସହ ଆଲୋଚନା କରିଥିଲେ। ଯେଉଁଠି ସରକାରୀ ମେଡିକାଲ ରେ ଉତ୍ତମ ମାନର ଚିକିତ୍ସା ମିଳୁନି ,ପଡୋଶୀ ଆନ୍ଧ୍ର ରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସେବା ନପାରି ମୃତ୍ୟୁ ବରଣ କରୁଛନ୍ତି, ସେ ପରିସ୍ଥିତି ରେ ଘରୋଇ କ୍ଲିନିକ୍ ରେ ସଠିକ ଚିକିତ୍ସା ମିଳୁଥିବାରୁ ସ୍ଥାନୀୟ ରୋଗୀ ନିର୍ଭର ହେଉଛନ୍ତି । କ୍ଲିନିକ୍ ବନ୍ଦ ନକରିବାକୁ ତଦନ୍ତକାରୀ ଦଳକୁ ଅନୁରୋଧ କରିଥିଲେ ଗ୍ରାମବାସୀ । ଅନ୍ୟପଟେ ଡେଙ୍ଗୁ ବ୍ୟାପିବା ପାଇଁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ,ନାଳ ନର୍ଦ୍ଦମା ସଫା ନହେବା ମୁଖ୍ୟ କାରଣ । ସରକାର ଡାକ୍ତରଖାନାରେ ବ୍ୟାପକ ବ୍ୟବସ୍ଥା କରାଯାଇଛି , ଆବଶ୍ୟକ ସ୍ଥଳେ କୋରାପୁଟ ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ,ଭୟଭୀତ ନହେବା ସହ ସମସ୍ତେ ମିଶି ସଚେତନ ହେଲେ ଡେଙ୍ଗୁ ରୋଗରୁ ଭଲ ହୋଇପାରିବା ବୋଲି ସିଡିଏମଓ ଶୁଶାନ୍ତ ଦାସ କହିଛନ୍ତି ।ଏଥିସହ ସ୍ଥାନୀୟ ଡାକ୍ତର ବିମଳ ବାଘ ଚିକିତ୍ସା ରେ ଧ୍ୟାନ ଦେଉନଥିବାରୁ ଜନସାଧାରଣ ବଦଳି କରିବାକୁ ଲିଖିତ ଭାବେ ସିଡିଏମଓ ଙ୍କ ଜରିଆରେ ଜିଲ୍ଲା ପାଳ ଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବାକୁ ଦାବି କରିଥିଲେ ।ସିଏଚ୍ ସି ରେ ବିଶେଷଜ୍ଞ ଡାକ୍ତର ନଥିବାରୁ ବ୍ଲକ ବାସିନ୍ଦା ନାନା ସମସ୍ୟାର ସମ୍ମୁଖିନ ହେଉଥିବା ଅଭିଯୋଗ କରିଛନ୍ତି ପରେ ଡାକ୍ତର ଟିମ୍ ସଂକ୍ରମଣ ହେଉଥିବା ଏରିଆ ବୁଲି ସ୍ଥିତି ଅନୁଧ୍ୟାନ କରି ଫେରିଯାଇଛନ୍ତି ।ଏଥି ସହ ବିଜେପି ନେତା କୈଳାସ କୁଲେସିକା ଙ୍କ ନେତୃତ୍ୱରେ ଏକ ଟିମ୍ ବି ଡାକ୍ତରଖାନା ପରିଦର୍ଶନ କରି ସ୍ଥିତି ପରକ୍ଷି କୋରାପୁଟ ରୁ ଆସିଥିବା ସ୍ୱତନ୍ତ୍ର ଡାକ୍ତରୀଦଳ ସହ ଆଲୋଚନା କରିଥିଲେ ।ଆଗକୁ ଯେପରି ସ୍ଥିତି ରେ ସୁଧାର ଆସିବ ସେ ଦିଗରେ ଆଲୋଚନା କରିଥିଲେ ।ପରେ ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ କୋରାପୁଟ ଜିଲ୍ଲାପାଳ ଙ୍କ ସହ ଆଲୋଚନା କରି ବ୍ଲକ ସଦରରେ ଡେଙ୍ଗୁ ମୁକାବିଲା ପାଇଁ ପ୍ରତିକାର ବ୍ୟବସ୍ଥା କରିବାପାଇଁ ଆଲୋଚନା କରିଥିଲେ ।ଜନସାଧାରଣ ଗହଳି ହୋ ହାଲ୍ଲା ଯୋଗୁଁ ଥାନା ଅଧିକାରୀ ଶୁଷମା କୋଅଁର,ସ୍ଥାନୀୟ ତହସିଲଦାର ସଙ୍ଗୀତା ସେନ୍,ବିଡିଓ ପିୟୁଷ ଲୁହାର ସମେତ ଏକ ପ୍ଲାଟୁନ ଫୋର୍ସ ମୁତୟନ ସୋଇଥିଲେ ।

# ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ

ଦାନଗଦୀ(ମହାଭାରତ) : ସରସ୍ୱତୀ ମନ୍ଦିର, କଳିଙ୍ଗନଗର, ସୋଲେଇରେ ଚତୁଦଶତମ ଜନ୍ମାଷ୍ଟମୀ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ମା ବାଗଦେବୀ ଓ ପ୍ରଭୁ ଶ୍ରୀକୃଷ୍ଣଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ମୁଖ୍ୟ ଅତିଥି ବିଶିଷ୍ଟ ପାଲା ଗାୟକ ବଳରାମ ଆଏଚ ଶୁଭ ଉଦଘାଟନ କରିଥିଲେ,ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ପାଲା ଗାୟକ ତଥା ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରକାନ୍ତ ଘଡେଇ ଓ ସନମାନିତଅତିଥି ଭାବେ ପାଲା ଗାୟକ ଜଳଧର ପଣ୍ଡା ଯୋଗଦେଇଥିଲେ। ଅତିଥି ମାନଙ୍କୁ ବିଦ୍ୟାଳୟ ର ସମ୍ପାଦକ ଗୋପୀନାଥ ରାଉତ ଉତ୍ତରୀୟ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ହୋଇଥିବା ପ୍ରତିଯୋଗିତାରେ ମୋଟ ୧୬୦ ଜଣ ଛାତ୍ର ଛାତ୍ରୀ କଂସ, କୃଷ୍ଣ, ରାଧା, ସୁଦମା ଆଦି ବେଶଭୁଷା ଧାରଣ କରି ଅଭିନୟ କରିଥିଲେ। ବିଚାରପତି ଭାବେ ବଳରାମ ଆଏଚ, ଚନ୍ଦ୍ରକାନ୍ତ ଘଡ଼େଇ, ଜଳଧର ପଣ୍ଡା, ଗୋପୀନାଥ ରାଉତ ପିଲାମାନଙ୍କୁ ନିରୀକ୍ଷଣ କରି ବିଭିଉ ପ୍ରଶ୍ନ ପଚାରିଥିଲେ,ଝାନ୍ସୀରାଣୀ ବେହୁରିଆ, ପ୍ରତ୍ୟୁଷା ପାଣିଗ୍ରାହୀ, ଅନିଶ ବାରିକ,ଆଞ୍ଚୋଲ ଦିପ୍ତୀରେଖା, ଶୁଭଶ୍ରୀ ବାରିକ,ଲିପ୍ସାରତୁପଉା ସାହୁ,ଆୟେସା ମହାନ୍ତି, ପ୍ରତୀକ୍ଷାପ୍ରିୟଦର୍ଶନୀ ନାୟକ, ଦିପସିକା ସାହୁ,ପ୍ରୟାଶୀ ଜେନା, କୀର୍ତିମୟୀ ରାଉତରାୟ,ସୁଚିତ୍ରା ବେହେରା ଭଲ ଅଭିନୟ କରି ବିଦ୍ୟାଳୟ ତରଫରୁ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ମାନେ ଜନ୍ମାଷ୍ଟମୀର ମହତ୍ୱ, ଏହା କାହିଁକି ପାଳନ କରାଯାଏ ସେ ବିଷୟରେ ଆଲୋକପାତ କରିଥିଲେ । ଶେଷରେ ବିଦ୍ୟାଳୟ ପରିସରରେ କୃଷ୍ଣଙ୍କୁ ଦୋଳିରେ ବସାଇ ଦଧିହାଣ୍ଡି ଭାଙ୍ଗିବା କାର୍ଯ୍ୟକ୍ରମ ହୋଇଥିଲା, ସତେ ଯେମିତି ବିଦ୍ୟାଳୟ ପରିସର କୃଷ୍ଣମୟ ହେବା ସହ ଗୋପପୁରରେ ଲୀଳାଖେଳା ଚାଲିଥିବା ପରି ଲାଗିଥିଲା, ଆଜିର ଏହି ଜନ୍ମାଷ୍ଟମୀ ଉତ୍ସବରେ ପ୍ରଧାନଗୁରୁଜୀ ସୁବାଷ ଚନ୍ଦ୍ର ଦେଓ ଙ୍କ ସମେତ, ପରିଚାଳନା କମିଟିର ସଦସ୍ୟା, ସଦସ୍ୟ, ଅଭିଭାବକ, ସମସ୍ତ ଗୁରୁଜୀ ଗୁରୁମା ଶିଶୁ ମାନେ ଉପସ୍ଥିତ ଥିଲେ।



# ଆଇଆଇଟି ଭୁବନେଶ୍ୱର ପକ୍ଷରୁ ପ୍ରେରଣାଦାୟୀ କାର୍ଯ୍ୟକ୍ରମ ଆୟୋଜିତ



ଭୁବନେଶ୍ୱର(ମହାଭାରତ):ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ଉଦ୍ୟୋମିତା ସେଲ୍ (ଇ-ସେଲ୍) ଅଭିନବତା,ସୃଜନଶୀଳତା ଏବଂ ଉଦ୍ୟୋଗୀ ସଫଳତାକୁ ସମ୍ମାନ ଜଣାଇ 'ଉଦ୍ୟମିତା ଦିବସ' ଅବସରରେ ଏକ ଇଣ୍ଟରାକ୍ଟିଭ୍ ଏବଂ ପ୍ରେରଣାଦାୟୀ ଅଧିବେଶନର ଆୟୋଜନ କରିଥିଲା। ଏହି ମହାନ ଦିନଟି ବହୁ ଦୂରଦୃଷ୍ଟି ସମ୍ପଉ ଉଦ୍ୟୋଗୀଙ୍କ ସଫଳତାକୁ ପୁନଃବ୍ୟାଖ୍ୟା କରି ଅପାର ମହ□ ବହନ କରେ ଯେଉଁମାନେ କି ଶିଳ୍ପଜଗତରେ ପରିବର୍ତନ ଆଣି ପାରିଛନ୍ତି ।ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେଯୋଗ ଦେଇ ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ଟଉଉଓଖ)ର ସଭାପତି ଶ୍ରୀ ବ୍ରହ୍ମାନନ୍ଦ ମିଶ୍ର ଏହି ସମାବେଶକୁ ସମ୍ବୋଧିତ କରି ଏହି ଅଭିନବ ଯାତ୍ରାରେ ତାଙ୍କ ଜୀବନର ଅଭିଜ୍ଞତା ବାଣ୍ଟିଥିଲେ। ଜଣେ ଅସାଧାରଣ ଟେକ୍ନୋକ୍ରାଟ୍, ଜଣେ ଉଲ୍ଲେଖନୀୟ ସଂଗଠକ ତଥା ପ୍ରେରଣାଦାୟକ ନେତା ଭାବେ ପ୍ରତିଷ୍ଠିତ ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ସେ ଦର୍ଶକଙ୍କୁ ଉଦ୍ୟୋଗ ଓ ଉଦ୍ୟମିତାର ଗୁରୁତ୍ୱ ଉପରେ ଉଲ୍ଲେଖ କରିଥିଲେ। ଆଇଆଇଟି ଭୁବନେଶ୍ୱର, ପ୍ରଫେସର ଶ୍ରୀପଦ୍ କରମଲକର ଛାତ୍ରଛାତ୍ରୀ ଏବଂ ଅନ୍ୟମାନଙ୍କ ସହ ଆଲୋଚନା କରି ଉଦ୍ୟୋମିତା ସମ୍ବନ୍ଧରେ ନିଜର ମତାମତ ପ୍ରକାଶ କରିଥିଲେ। ଅର୍ଥନୀତିର ମେରୁଦଣ୍ଡ ଭାବରେ କାର୍ଯ୍ୟ କରୁଥିବା ଉଦ୍ୟୋଗୀମାନଙ୍କୁ ସେ ପ୍ରଶଂସା କରିଥିଲେ। ଆଇଟିଆଇ ଭୁବନେଶ୍ୱରର ରିସର୍ଚ୍ଚ ଏଣ୍ଟରପ୍ରାଇଜର୍ସିପ୍ ପାର୍କର ସିଇଓ ଡକ୍ଟର ଶୁଭଙ୍କର ପତିଙ୍କ ଦ୍ୱାରା ଇନ୍କ୍ୟୁବେସନ ପଲିସି ସମ୍ପର୍କରେ ଉପକ୍ରମ ପ୍ରଦାନ ସହିତ ଏହି ଅଧିବେଶନ ଆରମ୍ଭ ହୋଇଥିଲା। ଷ୍ଟାର୍ଟଅପ୍ ବକ୍ତା, ଶ୍ରୀ ରିପମ୍ ବରୁହା, ଶ୍ରୀ ଅର୍ନିବାନ୍ ମହାନ୍ତି, ଶ୍ରୀ ପି. ବିଶ୍ୱନାଥ ପାତ୍ର ଏକ ଉଦ୍ୟୋଗୀ ହେବା ପାଇଁ ଆବଶ୍ୟକ ଗୁଣଗୁଡ଼ିକ ଉପରେ ଏକ ପ୍ରେରଣାଦାୟକ ବାର୍ତ୍ତା ଦେଇଥିଲେ । ହୋପୁନ୍ ଇନୋଭେସନ୍ସର ପ୍ରତିଷ୍ଠାତା ଶ୍ରୀ ରିପମ୍ ବରୁହା ତାଙ୍କର ଉଦ୍ୟମିତା ଯାତ୍ରା ବିଷୟରେ ଉଲ୍ଲେଖ କରିଥିଲେ। ହୋପୁନ୍ ଇନୋଭେସନ୍ସ ସୌରଚାଳିତ ରିଭର୍ସ ଟ୍ରାଇକ୍ ଏବଂ ଅନ୍ୟାନ୍ୟ ମାଇକ୍ରୋ-ମୋବିଲିଟି ସମାଧାନର ପ୍ରୋଟୋଟାଇପ୍ ବିକାଶ ପାଇଁ ଜଣାଶୁଣା ଯ ଲେଟସ ଡ୍ରାଇ-ଇଭ। ର ସହ-ପ୍ରତିଷ୍ଠାତା ଶ୍ରୀ ଅର୍ନିବାନ୍ ମହାନ୍ତି, ଏହାର ଅଭିନବ ଇଭି ଦୁଇ ଚକିଆ ଯାନ ସହିତ ୧୮-୨୫ ବର୍ଷ ବୟସ୍କଙ୍କ ପାଇଁ ସହରୀ ଯାତାୟାତକୁ ରୂପାନ୍ତରିତ କରିବାକୁ ଏକ ମିଶନରେ ଅଛନ୍ତି, ଯାହା ଦ୍ରୁତ ଗତିଶୀଳ ଜୀବନଶୈଳୀକୁ ଫିଟ୍ କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ତିଆରି ହୋଇଛି । ସେ ମଧ୍ୟ ତାଙ୍କର ଅଭିଜ୍ଞତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏକ ବାସ୍ତବବାଦୀ ଏବଂ ଇଣ୍ଟରାକ୍ଟିଭ୍ ଅନୁଭୂତି ପ୍ରଦାନ କରୁଥିବା ତଥା ଉପଭୋକ୍ତାମାନଙ୍କ ଉପରେ ଭର୍ଚୁଆଲ୍ ଆବରଣକୁ ସମ୍ପୂର୍ଣ୍ଣ ରୂପେ ଆଚ୍ଛାଦନ କରୁଥିବା ଟ୍ୱିନ୍ଭର୍ସ, ପ୍ଲାଟଫର୍ମରସହ-ପ୍ରତିଷ୍ଠାତା ଶ୍ରୀ ପି. ବିଶ୍ୱନାଥ ପାତ୍ର ତାଙ୍କ ଉଦ୍ୟୋଗୀ ଯାତ୍ରା ପଛରେ ଥିବା ପ୍ରେରଣା ବିଷୟରେ ଉଲ୍ଲେଖ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ଇ-ସେଲର ପ୍ରଫେସର-ଇନ୍-ଚାର୍ଜ ଡକ୍ଟର ଭେନୁଗୋପାଲ ଆରୁମୁରୁ ସଂଯୋଜନା କରିଥିଲେ ଏବଂ ପ୍ରଫେସର ରାଜେଶ ରୋଶନ ଦାଶଙ୍କ ସହ, ଡିନ୍-ଷ୍ଟୁଡେଣ୍ଟ୍ ଆଫେୟାର୍ସ, ଉଦ୍ୟୋଗୀତା ଉପରେ ଜ୍ଞାନ ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମଟି ମୁଖ୍ୟତଃ ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ପାଇଁ ଉଦ୍ଦିଷ୍ଟ ଥିଲା, ଯେଉଁମାନେ ଅଧ୍ୟାପକଙ୍କ ସହ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।



# ମହାଭାରତ ଏଇ ପୃଥିବୀରେ...



ପ୍ରତିଟି ଖବର ହାତ ପାହାନ୍ତାରେ




## ୨୮୭ ଲିଟର ମହୁଲି ମଦ ଜବତ ସହ ୭୦୦୦ ଲିଟର ପଚ ନଷ୍ଟ

**କରଞ୍ଜିଆ,(ମହାଭାରତ) :** ଠାକୁରମୁଣ୍ଡା ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର ଦିନ ଠାକୁରମୁଣ୍ଡା ଅଞ୍ଚଳ ର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୮୭ ଲିଟର ଚୋରା ମହୁଲି ମଦ ଜବତ କରିଥିବା ବେଳେ ମହୁଲି ମଦ ପ୍ରସ୍ତୁତ ପାଇଁ ଥିବା ୭୦୦୦ ଲିଟର ପଚ କୁ ବିଭାଗ ନଷ୍ଟ କରିଛି। ଏଥି ସହିତ ମଦ ପ୍ରସ୍ତୁତି ରେ ବ୍ୟବହୃତ ସାମଗ୍ରୀ ଗୁଡିକୁ ଜବତ କରିଛି। ଠାକୁରମୁଣ୍ଡା ଅବକାରୀ ଥାନା ଅଞ୍ଚଳ ର ବିଭିନ୍ନ ଗ୍ରାମରେ ଚୋରା ମହୁଲି ମଦ କାରବାର ବ୍ୟାପକ ଭାବରେ ହେଉଥିବା ବେଳେ ଅବକାରୀ ବିଭାଗ କିଛିଦିନ ହେବ ତତ୍ପର ହୋଇ ଉଠିଛି। ଠାକୁରମୁଣ୍ଡା ଅବକାରୀ ଥାନା ଓଆଇସି ଭାରତୀ ନାଏକ ଓ ଠାକୁରମୁଣ୍ଡା ଥାନା ଅଧିକାରୀଣୀ ସାବିତ୍ରୀ ଦଳେଇ ଙ୍କ ନେତୃତ୍ୱରେ ଏଏସଆଇ ଦିଲ୍ଲୀପ କୁମାର ଟୁଡୁ,ସସ୍ମିତା ବେହେରା, ଚନ୍ଦ୍ରକାନ୍ତ ମୁଦୁଲି, କରଞ୍ଜିଆ ଅବକାରୀ ଥାନା କର୍ମଚାରୀ ଅଂଶୁମାନ ପରିଡା, ପିତନାଥ ମୁର୍ମୁ, ଆଲୋକ ସୁତାର ପ୍ରମୁଖ ଦିଗଧର ଗ୍ରାମପଞ୍ଚାୟତ ଅନ୍ତର୍ଗତ ନୂଆସହି ଓ ବଡ଼ବିଲ ଗ୍ରାମରେ ଚୋରା ମହୁଲି ମଦ ପ୍ରସ୍ତୁତି ସ୍ଥଳ ଜଙ୍ଗଲ ଭିତରେ ଚଢ଼ାଉ କରିଥିଲେ। ଅବକାରୀ କର୍ମଚାରୀଙ୍କ ଦେଖି ମଦ ପ୍ରସ୍ତୁତକାରୀ ମାନେ ଘଟଣାସ୍ଥଳ ରୁ ଚମ୍ପଟ ମାରିଥିଲେ। ବିଭାଗ ର କର୍ମଚାରୀ ମାନେ



ବଡ଼ବିଲ ଗ୍ରାମରୁ ୨୫୦ ଲିଟର ମହୁଲି ମଦ କୁ ଜବତ କରିଥିବା ବେଳେ ନୂଆସାହି ଜଙ୍ଗଲ ରୁ ୭୦୦୦ ଲିଟର ପଚ କୁ କୁ ନଷ୍ଟ କରିଥିଲେ। ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ସାମଗ୍ରୀ ଗୁଡିକୁ ଜବତ କରି କେଶ ନମ୍ବର ୯୨,୯୩ ଅନୁଯାୟୀ ମାମଲା ରୁଜୁ କରିଥିଲେ। ସେହିପରି ଜରକ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନୂଆପଡା ଗ୍ରାମ ର କିରାଣୀ ନାଏକ ଙ୍କ ଘରୁ ବିକ୍ରି ପାଇଁ ଥିବା ୧୭ ଲିଟର ମହୁଲି ମଦ ଜବତ କରି ମଦବେପାରୀ କିରାଣୀ ମଢେଇ ଙ୍କୁ ବ୍ୟକ୍ତିଗତ ମୁଚାଲିକ ରେ ଛାଡ଼ି କେଶ ନମ୍ବର ୯୪ ଅନୁସାରେ ମାମଲା ରୁଜୁ କରିଥିଲେ। ସେହିପରି କେଶଡ଼ିହା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମିଟୁଆଣି ଗ୍ରାମର ମଦ ବେପାରୀ ରବୀନ୍ଦ୍ର ବେହେରା ଙ୍କ ଘରେ ଚଢ଼ାଉ କରି ତାଙ୍କ ନିକଟରୁ ୨୦ ଲିଟର ମହୁଲି ମଦ ଜବତ କରି ରବୀନ୍ଦ୍ର ଙ୍କୁ କେଶ ନମ୍ବର ୯୫ ଅନୁଯାୟୀ ଗିରଫ କରିଥିବାର ଜଣାଯାଇଛି।

## କୃଷକ ସାଥିଙ୍କ କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ

**ବେଗୁନିଆ,(ମହାଭାରତ) :** ରାଜ୍ୟ ସରକାର ଗ୍ରାମାଞ୍ଚଳରେ କୃଷକ ସାଥି ଓ କୃଷି ବିଭାଗ ମଧ୍ୟରେ ସମନ୍ୱୟ ରଖି ବିଭିନ୍ନ ପ୍ରକାର ସଚେତନତା ମୂଳକ କାର୍ଯ୍ୟ ଓ ସହଯୋଗ କରିବା ପାଇଁ ଆତ୍ମା ପକ୍ଷରୁ କୃଷକ ସାଥି ପ୍ରତି ପଞ୍ଚାୟତରେ ଦୁଇ ଜଣ ନିଯୁକ୍ତ ହୋଇଛନ୍ତି। ତେବେ ସେମାନଙ୍କୁ ଜଣକ ପିଛା ବାର୍ଷିକ ୧୮ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ବେଗୁନିଆ ବ୍ଲକର ୨୧ ଗୋଟି ପଂଚାୟତରେ ୪୨ ଜଣ କୃଷକ ସାଥି ନିଯୁକ୍ତ ହୋଇଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ କୃଷକ ସାଥିମାନେ ବିଭିନ୍ନ ବୃତ୍ତିରେ ନିଯୁକ୍ତ,ସାମ୍ବାଦିକ ଓ କିଛି ବାହାରେ କାର୍ଯ୍ୟ କରୁଥିବା ବେଳେ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ,ଉନ୍ନତ କୃଷିର ପ୍ରଣାଳୀ, ମାଟି ନମୁନା ସଂଗ୍ରହ, ରବି ଫସଲର ବଣ୍ଟନ ଓ ଫସଲ ବୀମା ଯୋଜନା ଆଦି କାର୍ଯ୍ୟକୁ ସଠିକ ଭାବେ କାର୍ଯ୍ୟ କରୁଥିବା ଦର୍ଶାଇ ପ୍ରାପ୍ୟକୁ ହଡ଼ପ କରୁଛନ୍ତି। ଏହି କାର୍ଯ୍ୟରେ ସରକାରଙ୍କ ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇ ନ ପାରିବାରୁ ଚାଷୀମାନେ ସରକାରୀ ଯୋଜନା ଓ ସଚେତନତା ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ରହୁଥିବାରୁ ଅସନ୍ତୋଷ ଦେଖା ଦେଉ ଥିବାର ଦେଖିବାକୁ ମିଳୁଛି।ସେମାନଙ୍କୁ ତୁରନ୍ତ ବିତାଡିତ କରି ଅଭିଜ୍ଞ କାର୍ଯ୍ୟକ୍ଷମ ବ୍ୟକ୍ତି, ଗରିବ ଓ ଅସହାୟ ବ୍ୟକ୍ତିଙ୍କୁ ତାଙ୍କ ସ୍ଥାନରେ ସମସ୍ତଙ୍କ ଜ୍ଞାତସାରରେ ପୁନଃ ନିଯୁକ୍ତ କରିବା ପାଇଁ ସଚେତନ ନାଗରିକ ମାନେ ଦାବି କରିଛନ୍ତି।ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ପଂଚାୟତ ସ୍ତରରେ କିଏ କୃଷକ ସାଥି ଅଛନ୍ତି ଓ ସେମାନଙ୍କ କାର୍ଯ୍ୟ କଣ ବୋଲି ଚାଷୀ ମାନେ ଜାଣି ନ ଥିବା ବେଳେ ଗତ ୭ ତାରିଖ ଦିନ ବେଗୁନିଆ ପଞ୍ଚାୟତ ସମିତି ବୈଠକରେ ସରପଞ୍ଚ ରଞ୍ଜିତା ମହାଭୋଇ ଓ ଆରତ ମାଝୀ କୃଷି ଅଧିକାରୀ ଗଣେଶ୍ୱର ରଥଙ୍କୁ ପ୍ରଶ୍ନ ପଚାରି ଥିଲେ। ଏଥିରେ କୃଷି ଅଧିକାରୀ ଶ୍ରୀ ରଥ କହିଥିଲେ ଯେ ବାସ୍ତବରେ କିଛି କୃଷକ ସାଥି କାର୍ଯ୍ୟରେ ସହଯୋଗ କରୁ ନ ଥିବାର ବିଭିନ୍ନ ମହଲରୁ ଚାଷୀମାନେ ଅଭିଯୋଗ ହୋଇଥିବା କହିବା ସହ ସରପଂଚ ମାନେ ଚାହିଁଲେ ସେମାନଙ୍କ ବିରୁଦ୍ଧରେ ପ୍ରସ୍ତାବ ଆଗତ କରି ତାଙ୍କ ସ୍ଥାନରେ ନୂତନ କୃଷକ ସାଥି ନିଯୁକ୍ତି ହୋଇ ପାରିବ ବୋଲି ମତ ଦେଇଥିଲେ।

## ସାଂସଦ ରୁଦ୍ରନାରାୟଣ ପାଣିଙ୍କ କଳିଙ୍ଗାପାଳ ଗ୍ରାମ ପରିଦର୍ଶନ



**ହିନ୍ଦୋଳ,(ମହାଭାରତ) :** ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ କଳିଙ୍ଗପାଳ ଗ୍ରାମରେ ସୋମବାର ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳନ ଅବସର ରେ ଗ୍ରାମର ବିଭିନ୍ନ ଅନୁଷ୍ଠାନକୁ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ପରିଦର୍ଶନ ରେ ଆସି ସ୍ଥାନିୟ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଛନ୍ତି। ପ୍ରଥମେ ଗ୍ରାମର ଆରାଧ ଠାକୁର ବାଙ୍କବିହାରି ମନ୍ଦିରରେ ପହଞ୍ଚି ଦର୍ଶନ କରି ଜନ୍ମାଷ୍ଟମୀ ଉତ୍ସବରେ ସାମିଲ ହେବା ପରେ ରାମ ମନ୍ଦିର ପରିଦର୍ଶନ କରି ଛାତ୍ର ସଂଗଠନ ଓ ଫାଇଟର କ୍ଲବର ସଦସ୍ୟ ମାନଙ୍କ ସହାୟତାରେ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିବା ସହ ବୁଲି ବୁଲି ଗ୍ରାମର ବହୁ ଜନସାଧାରଣଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ଏହାପରେ ସରପଞ୍ଚ ତପସ୍ୱିନୀ ମିଶ୍ର ପାଳଚକଡା ଗ୍ରାମର ସଭାପତି ଗିରିଶ ଚନ୍ଦ୍ର ସର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୃଥକ ପୃଥକ ଭାବେ ବହୁ ଜନସାଧାରଣ ସାଂସଦ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସର ରେ ଗ୍ରାମର ସାମାଜିକ କର୍ମି ସ୍ୱର୍ଗତ ବିଷ୍ଣୁ ସର ଙ୍କ ଅକାଳ ବିୟୋଗ ଖବର ଶୁଣି ମୃତକଙ୍କ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜେପି ନେତା ଭାସ୍କର ନାୟକ , ମନୋଜ ପଟନାୟକ , ଗିରିଷ ସେଠି, ବିମଳ ମହାପାତ୍ର , ମୃତ୍ୟୁଞ୍ଜୟ ପାଳ , ବୁଦ୍ଧଦେବ ସର , ନରେଶ ପାଳ , ପ୍ରଦୀପ ସର , ସନ୍ତୋଷ ସାହୁ ଓ ହରିହର ଗୁରୁ ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହା ପରେ ରାସୋଳ ଥାନ କୁ ପରିଦର୍ଶନରେ ଆସି ଥାନାଧିକାରୀ ବିଧୁଭୁଷଣ ମିଶ୍ର ଙ୍କ ସହ ଆଲୋଚନା କରି ପୋଲିସ ଜନସାଧାରଣଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରି ଲୋକ ମାନଙ୍କର ସମସ୍ୟା ଦୁର ସହ ଉଚିତ ନ୍ୟାୟ ପ୍ରଦାନ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦଳର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୧୧ ନାବିକଙ୍କୁ ଉଦ୍ଧାର କଲା ତଟରକ୍ଷୀ ବାହିନୀ-୩ ନିଖୋଜ

**ପାରାଦୀପ,(ମହାଭାରତ) :** ପଶ୍ଚିମବଙ୍ଗ ସାଗରଦୀପର ଦକ୍ଷିଣରୁ ୯୦ ନଟିକାଲ ମାଇଲ୍ ଦୂରରେ ଏମଭି ଆଇଟିଟି ନାମକ ପଣ୍ୟବାହୀ ଜାହାଜ ବୁଡି ଯାଉଥିବାର ଖବର ପାଇ ପାରାଦୀପ ତଟରକ୍ଷୀ ବାହିନୀ ଘଟଣାସ୍ଥଳରେ ପହଂଚି ଜାହାଜରୁ ୧୧ଜଣ ନାବିକଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିବା ବେଳେ ଜାହାଜରେ ଥିବା ଅନ୍ୟ ତିନିଜଣ ନାବିକଙ୍କ ସନ୍ଧାନ ମିଳି ପାରିନାହିଁ। ଉଦ୍ଧାର ୧୧ ଜଣ ନାବିକଙ୍କୁ ମଙ୍ଗଳବାର ଦିନ ପାରାଦୀପ ତଟରକ୍ଷୀ ବାହିନୀ କାର୍ଯ୍ୟାଳୟକୁ ଅଣାଯାଇ ଥିବା ତଟରକ୍ଷୀ ବାହିନୀ ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି। ଘଟଣାରୁ ପ୍ରକାଶଯେ, ରବିବାର ଦିନ ବିଳମ୍ବିତ ରାତିରେ ଜାହାଜଟି କୋଲକତାରୁ ପୋର୍ଟ ବ୍ଲେୟାରକୁ ଯାଉଥିବା ଏମଭି ଆଟିଟି ପଣ୍ୟବାହୀ ଜାହାଜଟି ପଶ୍ଚିମବଙ୍ଗ ସାଗରଦୀପର ଦକ୍ଷିଣରୁ ୯୦ ନଟିକାଲ ମାଇଲ୍ ଦୂରରେ ଗଭୀର ସମୁଦ୍ର ମଧ୍ୟରେ ବୁଡି ଯାଉଥିଲା। ଏ ସମ୍ପର୍କରେ ତଟରକ୍ଷୀ ବାହିନୀର ଉତ୍ତର ପୂର୍ବ କ୍ଷେତ୍ରୀୟ କାର୍ଯ୍ୟାଳୟ କୋଲକତାକୁ ସୂଚନା



ମିଳିଥିଲା। ଏହା ପରେ ତଟରକ୍ଷୀ ବାହିନୀର ଏୟାରକ୍ରାଫ୍ଟ ସମୁଦ୍ର ମଧ୍ୟରେ ପହଂଚି ଖୋଜାଖୋଜି ଆରମ୍ଭ କରିଥିଲା। ଏୟାରକ୍ରାଫ୍ଟଠାରୁ ସୂଚନା ମିଳିବା ପରେ ପ୍ରତିକୂଳ ପାଗ ଯୋଗୁଁ ସମୁଦ୍ର ଅଶାନ୍ତ ଥିବା ସତ୍ତ୍ୱେ କୋଷ୍ଟଗାର୍ଡ ଜାହାଜ ଅମୋଘ ଓ ସାରଙ୍ଗ ଘଟଣାସ୍ଥଳରେ ପହଂଚି ଥିଲା। ଜାହାଜରୁ ୧୧ ଜଣ ନାବିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା ପରେ ଏମଭି ଆଇଟିଟି ଜାହାଜର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତରିତ କରାଯିବା ନେଇ ତଟରକ୍ଷୀ ବାହିନୀ



ଦ୍ୱାରା ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି। ଏହି ଏମଭି ଆଇଟିଟି ଜାହାଜଟି ମୁମ୍ବାଇଠାରେ ପଂଜୀକୃତ ହୋଇଥିବା ଏକ ପଣ୍ୟବାହୀ ଜାହାଜ।

## ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି

**ପାଟଣାଗଡ,(ମହାଭାରତ) :** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଭରତବହାଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଆଜି ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଓ ସଚେତନତା



ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରରେ ମୋଟ ୧୨୨ ରୁ ଉର୍ଦ୍ଧ ଅଭିଯୋଗ କାରି ଲମ୍ବା ଧାଡ଼ିରେ ଠିଆ ହୋଇ , ରେସନ କାର୍ଡ ୪୬ ଗୋଟି , ବାର୍ଦ୍ଧକ୍ୟ ଭର୍ତ୍ତା ୨ , ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ଅନେକ ଅଭିଯୋଗ ପତ୍ର ଦେଇଥିଲେ ଗ୍ରାମ ବାସି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାଟଣାଗଡ ବିଡିଓ ସୁମନ ମିଞ୍ଜ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଏବିଡିଓ ମେନକା ମେହେର , ଜିପିଓ ନିଳକଣ୍ଠ କାଲସାଏ , ସରପଞ୍ଚ ଆନନ୍ଦିନି ବୁଡେକ , ଇଓ ଘାସିରାମ ରଣା , ଜିଆରଏସ୍ ଠଣ ସୁନ୍ଦର ଖୁଟୁଲା ସମେତ ସମସ୍ତ ବିଭାଗର ସରକାରୀ କର୍ମଚାରୀ ଉପସ୍ଥିତ ରହି ଥିଲେ।

## ଜନ୍ମାଷ୍ଟମୀ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ



**କୋରାଇ,(ମହାଭାରତ) :** ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ମୁଖ୍ୟ କାର୍ଯ୍ୟାଳୟ ସନ୍ତରା ଛକ ଠାରେ ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ବିଧି ବଧ ଭାବେ ପୂଜାର୍ଚ୍ଚନା କରି ଜନ୍ମାଷ୍ଟମୀ ପାଳନ ହୋଇଯାଇଛି। ଏହି ଅବସରରେ ଭାଗବତ ପଢିବା ସଙ୍ଗେ ସଙ୍ଗେ ନାମ ସଂକୀର୍ତ୍ତନ ଓ ଭଜନ ଗାନ କରାଯାଇଥିଲା। ଏହା ପରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଙ୍କ ବଳିଦାନ ଦିବସ ଓ ବିଶ୍ୱହିନ୍ଦୁ ପରିଷଦ ପ୍ରତିଷ୍ଠା ଦିବସ ପାଳନ ପାଇଁ କୋରାଇ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ସମ୍ପାଦକ ଭୂପତି ଭୂଷଣ ଦାଶ ଙ୍କ ସଭାପତିତ୍ୱ ରେ ଏକ ସଭା ର ଆୟୋଜନ କରାଯାଇଥିଲା ଏହି ସଭା ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଘ ଜିଲ୍ଲା ପ୍ରଚାରକ ରଶ୍ମିରଞ୍ଜନ ମହାକୁଡ, ସଙ୍ଘ ର ବଶିଷ୍ଠ କାର୍ଯ୍ୟ କର୍ତ୍ତା କୃଷ୍ଣ ଚନ୍ଦ୍ର ଲେଙ୍କା ବିଶ୍ୱହିନ୍ଦୁ ପରିଷଦ ପ୍ରତିଷ୍ଠା ଦିବସ ବିଷୟରେ ବିବରଣୀ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯାଜପୁର ଜିଲ୍ଲା ପୂର୍ବତନ ବିଶ୍ୱହିନ୍ଦୁ ପରିଷଦ ସଭାପତି ପ୍ରସନ୍ନ ସାମଲ, ଯାଜପୁର ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ସମ୍ପାଦକ ରାଜକିଶୋର ମଲ୍ଲିକ ସ୍ୱାମୀଜୀଙ୍କ ଉପରେ ପୁଷ୍ପ ମାଲ୍ୟ ଦେଇ ସ୍ୱାମୀଜୀଙ୍କ ଜୀବନ କି ଭଳି ହିନ୍ଦୁ ସମାଜ ପ୍ରତି ସ୍ମରଣୀୟ ହୋଇ ରହିବ ସେ ବିଷୟରେ ଆଲୋକ ପାତ କରିଥିଲେ। ଏହି କାର୍ଯ୍ୟକ୍ରମ ଟି କୁ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟ କର୍ତ୍ତା ରାଇଚରଣ ସାହୁ,ଲକ୍ଷ୍ମୀଧର ମଲ୍ଲିକ, ଅକ୍ଷୟ ମଲ୍ଲିକ,କୃପାସିନ୍ଧୁ ସହୁ , ଅଜୟ ମଲ୍ଲିକ, ରାମଚନ୍ଦ୍ର ଓଝା , ପଦ୍ମନାଭ ଶତପଥୀ, ଲୋକନାଥ ବିଶ୍ୱାଳ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ସ୍ୱାମୀଜୀଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ସ୍ୱାମୀଜୀଙ୍କ ହତ୍ୟାକାରୀଙ୍କୁ ଗିରଫ କରି ଉଚିତ ଦଣ୍ଡ ବିଧାନ କରାଯାଉ ବୋଲି ଦାବି କରିଥିଲେ।

## ଯୋଡ଼ାରେ ଦୋରାବ ଜୀ ଟାଟାଙ୍କ ଜନ୍ମଜୟନ୍ତୀ ପାଳିତ



**ଯୋଡ଼ା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଯୋଡ଼ା ଟାଟା ଷ୍ଟିଲ୍ ଯୋଡ଼ା ୟୁନିଟ୍ ପକ୍ଷରୁ ମଙ୍ଗଳବାର ଦୋରାବ ଜୀ ଟାଟାଙ୍କ ୧୬୫ ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଟାଟା ଷ୍ଟିଲ୍ ଯୋଡ଼ାର ଚିଫ୍ ରାଜେଶ କୁମାର ଅନ୍ୟାନ୍ୟ ୟୁନିଟ୍ ର ଚିଫ୍, ମୁଖ୍ୟ, କର୍ମଚାରୀ, ଅଧିକାରୀ ଏବଂ ଶ୍ରମିକ ମାନଙ୍କ ସହ ମିଶି ସ୍ଥାନୀୟ ଦୋରାବ ଜୀ ବଟାନିକାଲ ପାର୍କ ପ୍ରାଙ୍ଗଣରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏତଦବ୍ୟତୀତ, ଯୋଡ଼ା ଇଷ୍ଟ ଖଣି, ଖଣ୍ଡବନ୍ଧ ଖଣି, ଫେରୋ ପ୍ଲାଣ୍ଟ, ନୀଳାଚଳ ଖଣି ଓ ମାଙ୍ଗାନିଜ ଗ୍ରୁପ୍ ଅଫ୍ ମାଇନ୍ସର କର୍ମଚାରୀ ଓ ଅଧିକାରୀମାନଙ୍କ ଦ୍ୱାରା ମଧ୍ୟ ଏହି ଦୂରଦ୍ରଷ୍ଟାଙ୍କୁ ପୁଷ୍ପ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସମସ୍ତେ ଦୋରାବ ଜୀ ଙ୍କ ଭଳି ବ୍ୟକ୍ତିତ୍ୱର ସ୍ମୃତିଚାରଣ କରିଥିଲେ ଓ ବିଶେଷକରି ଭାରତରେ ଶିଳ୍ପାୟନ ର ଅଗ୍ରଗତି ରେ ତାଙ୍କର ପ୍ରମୁଖ ଭୂମିକା ସହ ସ୍ୱଦେଶୀ ଜାଗରଣ ର ପୁରୋଧା ହିସାବରେ ତାଙ୍କର ଅବଦାନ ଅତୁଳନୀୟ ଓ ଏତଦବ୍ୟତୀତ, ଅଲିମ୍ପିକ୍ସ ଭଳି ଆନ୍ତର୍ଜାତୀୟ ସ୍ତର ପ୍ରତିଯୋଗୀତା ରେ ଭାରତର ପ୍ରତିନିଧିତ୍ୱ କୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କର ପ୍ରଚେଷ୍ଟା ମଧ୍ୟ ଅବର୍ଣ୍ଣନୀୟ ଓ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇବା ତଥା ଶ୍ରମିକ କଲ୍ୟାଣ ଏବଂ ପରୋପକାର ର ଅଗ୍ରଦୂତ ହିସାବରେ ସେ ଚିର ସ୍ମରଣୀୟ ଓ ଏହି ଦିବସ ଟି କୁ ମନେ ରଖିବା ପାଇଁ ବହୁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା।

## ଅଧ୍ୟକ୍ଷଙ୍କ ଛାତ୍ରଛାତ୍ରୀଙ୍କୁ ନିର୍ଯ୍ୟାତନା ଅଭିଯୋଗ

### ନ୍ୟାୟ ଦାବିରେ ଧାରଣାରେ ବସିଛନ୍ତି



**ବିଷମ କଟକ, (ମହାଭାରତ) :** ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ସଦର ମହକୁମା ଠାରେ ଅବସ୍ଥିତ ଜିଲା ଶିକ୍ଷକ ତାଲିମ ଅନୁଷ୍ଠାନ (ଡିଆଇଇଟି) ଠାରେ ଅଧ୍ୟକ୍ଷଙ୍କ ଛାତ୍ରୀଛାତ୍ରଙ୍କୁ ନିର୍ଯ୍ୟାତନା ଦେଇଥିବା ଅଭିଯୋଗ ରେ ଚଳିତ ମାସ ୨ ତାରିଖରେ ଅନୁଷ୍ଠାନର ଛାତ୍ର ଛାତ୍ରୀ ମାନେ ରାୟଗଡା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଅଧକ୍ଷ ଙ୍କ ବିରୋଧ ରେ ସଙ୍ଗିନ ଅଭିଯୋଗ ସବୁ ଆଣିଥିଲେ। ଛାତ୍ର ଛାତ୍ରୀ ମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗୁଣପୁର ଉପଜିଲ୍ଲାପାଳ ଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ଅନୁଷ୍ଠାନ ରେ ପହଁଚି ବିଦ୍ୟାଳୟ ଛାତ୍ର ଛାତ୍ରୀ, ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା, ହଷ୍ଟେଲ ୱାର୍ଡେନ୍ ଙ୍କୁ ଦୀର୍ଘ ସମୟ ଧରି ପଚରା ଉଚରା କରି ଫେରିଥିଲେ। ହେଲେ ତଦନ୍ତ କୁ ୨୨ ଦିନ ବିତିଥିଲେ ସୁଦ୍ଧା ତଦନ୍ତ ରିପୋର୍ଟ ସାର୍ବଜନିନ କରାଗଲା ନାହିଁ କି ଅଧ୍ୟକ୍ଷ ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବାରୁ କାର୍ଯ୍ୟାନୁଷ୍ଠାନ ଦାବିରେ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟ ସମ୍ମୁଖରେ ବସି ଧାରଣା ଦେଇଥିବା ଦେଖିବାକୁ ମିଳିଛି। ଅନୁଷ୍ଠାନରେ ଲାଗି ରହିଥିବା ଅସାନ୍ତ ବାତାବରଣ କୁ ସ୍ୱାଭାବିକ କରିବା ନିମନ୍ତେ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ର ନିର୍ଦ୍ଦେଶକ ଅନୁଷ୍ଠାନ ଅଧ୍ୟକ୍ଷ ସରତ କୁମାର ସେଠଙ୍କୁ କୌଣସି କାରଣ ନ ଦର୍ଶାଇ ତାଙ୍କୁ ଦାୟୀତ୍ୱରୁ ହଟାଇ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଜଗନ୍ନାଥ ମେହେରଙ୍କୁ ଅଧ୍ୟକ୍ଷ ଦାୟୀତ୍ୱ ତୁଲାଇବା ନିମନ୍ତେ ଏକ ନିର୍ଦ୍ଦେଶ ନାମା ଜାରି କରିଛନ୍ତି। ଅଧ୍ୟକ୍ଷଙ୍କୁ ନିଜ ଦାୟୀତ୍ୱରୁ ହଟାଇ ଶ୍ରୀ ମେହେରକୁ ଦାଇତ୍ୱ ଦେଇ ଥିବା ଖବର ପାଇବାପରେ ଛାତ୍ର ଛାତ୍ରୀ ମାନେ ଧାରଣା ରୁ ଉଠି ଥିଲେ।

### ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନା ଅଧୀନରେ

## ସୂଚନା ଶିକ୍ଷା ଯୋଗାଯୋଗ ଅଭିଯାନ ତଥା ସାଚୁରେସନ ଶିବିର

**ରାୟଗଡ,(ମହାଭାରତ) :** ପ୍ରଧାନମନ୍ତ୍ରୀ ଜନମନ ଅଧୀନରେ ଥିବା ସୂଚନା ଶିକ୍ଷା ଯୋଗାଯୋଗ ଅଭିଯାନ ତଥା ସାଚୁରେସନ ଶିବିର ବିଷମକଟକ ବ୍ଲକ୍ ଅନ୍ତର୍ଗତ କୁର୍ଲି ଗ୍ରାମ ପଞ୍ଚାୟତର ଭାଟିଗୁମା ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଉପରଗୁମା ବସବାସ କରୁଥିବା ଗ୍ରାମବାସୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ଗାଁର ବିଶେଷ ଭାବେ ଅନୁନ୍ନତ ଜନଜାତି ଜନସଂଖ୍ୟାର ୯୦ ଜଣ ଅଂଶଗ୍ରହଣକାରୀ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଜଗବନ୍ଧୁ ମେହେର, ସହକାରୀ ମଂଗଳ ଅଧିକାରୀ , ଡ଼ଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା,ଚାଟିକଣକ୍ଷ (ବ୍ଲକ ନୋଡାଲ ଅଫିସର)। ସାଦାଶିବ ନାୟକ, ବିଡିଓ ବିଷମକଟକ ବ୍ଲକ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ, ଶିକ୍ଷା ବିଭାଗର ପ୍ରତିନିଧୀଙ୍କ ସହ ଗ୍ରାମୀଣ ଜଳ ଓ ପରିମଳ, କୃଷି ବିଭାଗ, ରାଜସ୍ୱ ବିଭାଗ, ପଞ୍ଚାୟତ ରାଜ ଏବଂ, ମହିଳା ଏବଂ ଶିଶୁ



ବିକାଶ, ପଶୁପାଳନ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ, ଟାଟା ପାୱାର , ସମ୍ପୃକ୍ତ ୱାର୍ଡ ସଦସ୍ୟ ଏବଂ ନାଗରିକ ସମାଜର ପ୍ରତିନିଧୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୁର୍ଲି ସରପଞ୍ଚ ଶ୍ରୀମତୀ ସ୍ୱାର୍ଦିନୀ ୱାଡେକା ଉଦଘାଟନ କରିଥିଲେ। ବିଡ଼ିଓ ସଦାଶିବ ନକ୍ଷୟକଙ୍କ ଦ୍ୱାରା ସ୍ୱାଗତ ସମ୍ବୋଧନ ପରେ, ପ୍ରତ୍ୟେକ ଅଧିକାରୀ ନିଜ ନିଜ ବିଭାଗ ଦ୍ୱାରା ପ୍ରାୟୋଜିତ ବିଭିନ୍ନ ଯୋଜନା ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଏହାପରେ ବିଭିନ୍ନ ବିଭାଗ ତରଫରୁ ଆବେଦନ ପତ୍ର ଗୁଡିକ ସଂଗ୍ରହ କରାଯାଇଥିଲା। ଆବେଦନଗୁଡ଼ିକର ମଧ୍ୟରେ ଭତ୍ତା ୧ଗୋଟି, ଜନ୍ମ ପ୍ରମାଣ ପତ୍ର ନିମନ୍ତେ ୨୭ଗୋଟି, ଖାଉଟି କାର୍ଡ ନିମନ୍ତେ ୨୭ଟି, ଜାତି ପ୍ରମାଣ ପତ୍ର ନିମନ୍ତେ ୮୭ଟି, କୃଷି ସମ୍ବନ୍ଧୀୟ ୫୭ଟି, ବିଦ୍ୟୁତ ଯୋଗାଣ ନିମନ୍ତେ ୧୦ଟି, ଜଙ୍ଗଲ ଜମି ପଟ୍ଟା ନିମନ୍ତେ ୭ଟି, ମିଶନ ଶକ୍ତି ପାଇଁ ୪୦ଟି ଏବଂ ଆଧାର କାର୍ଡ ନିମନ୍ତେ ୨୨ଟି ଆବେଦନ ଦାଖଲ କରିଥିଲେ। ସେହିପରି ଗୁଣପୁରର କିଟୁଙ୍ଗ ଠାରେ ଏକ ସଚେତନତା ତଥା ହିତାଧିକାରୀ ସାଚୁରେସନ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଶିମା ରାଓ, ସ୍ୱତନ୍ତ୍ର ଅଧିକାରୀ, ଲାଂଝିଆ ସଉରା ଉନ୍ନୟନ ସଂସ୍ଥା ପୁଟିସିଂ ଅଧକ୍ଷତା କରିଥିଲେ ଏବଂ ନିହର ରଂଜନ ପଟ୍ଟନାୟକ, ଜଗନ୍ନାଥପୁର ସ୍ୱାସ୍ଥ୍ୟ ଅଧିକାରୀ, ସରୋଜ କୁମକ୍ଷର ନେମାଲପୁରୀ, ରାଜସ୍ୱ ପର୍ଯ୍ୟବେକ୍ଷକ, ଜେଇ ଆରଡବ୍ଲୁଏସ୍ଏସ ; ଅବତାର ଶବର, ଏ. ଆର.ଆଇ ; ଏବଂ ଓପିଲିପିର ପ୍ରୋଜେକ୍ଟ ମ୍ୟାନେଜର୍। ଏହି ଶିବିରରେ ୩୨୮ ଜଣ ଅଂଶଗ୍ରହଣକାରୀ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ଅନୁନ୍ନତ ଜନଜାତି ପରିବାରକୁ ୩୨୭ କାର୍ଡ ବଣ୍ଟନ, ୨୫ ଜାତିଗତ ପ୍ରମାଣ ପତ୍ର ପ୍ରଦାନ, ଦୁଇଟି ସେଲଫି ପଏଣ୍ଟ ସୃଷ୍ଟି କରାଯାଇଥିଲା ଏବଂ କ୍ୟାମ୍ପ ସ୍ଥାନରେ ୧୨ ଟି ହୋର୍ଡିଂ, ପୋଷ୍ଟର ଏବଂ ବ୍ୟାକଡ୍ରପ୍ ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ବିଶେଷ ଭାବେଅନୁନ୍ନତ ଜନଜାତି ସମ୍ପ୍ରଦାୟର ଆବଶ୍ୟକତାକୁ ସଫଳତାର ସହିତ ସମାଧାନ କରାଯାଇଥିଲା। ସେହିପରି ମୁନିଗୁଡା ବ୍ଲକର ମୁନିଖୁଲ ଗ୍ରାମପଂଚାୟତରେ ଘରଘର ବୁଲି ବିଶେଷ ଭାବେ ଅନୁନ୍ନତ ଜନଜାତିଙ୍କ ସମସ୍ୟା ପଚାରି ବୁଝିଥିଲେ। ଜାତି ପ୍ରମକ୍ଷଣ ପତ୍ର ନିମନ୍ତେ ୧୦ଜଣ ଓ ୨ଟି ଆଇଏଫ ଆବେଦନ ପତ୍ର ଗ୍ରହଣ କରିଥିଲେ।

## ବରୀ ବ୍ଲକ ଅଦକ୍ଷଙ୍କ ଘର ବାହୁଡା

**ବରୀ,(ମହାଭାରତ) :** ଆଜି ଶଙ୍ଖ ବବନରେ ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ, ପ୍ରାକ୍ତନ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ପ୍ରତାପ ଜେନା ଓ ପ୍ରତାପ ଦେଓଙ୍କ ଉପସ୍ଥିତିରେ ବିଜେଡି ଦଳରେ ଯୋଗ ଦେଲେ ବରୀ ବ୍ଲକ ଅଧକ୍ଷ ଅଶୋକ କୁମାର ଗେଡି। ପ୍ରକାଶ ଥାଉକି କୁଚକ୍ରିଙ୍କ ମିଥ୍ୟା ପ୍ରରୋଚନାରେ କିଛି ଦିନ ତଳେ ବରୀ ବ୍ଲକ ଅଧକ୍ଷ ବିଜେଡି ପରିତ୍ୟାଗ କରି ବିଜେପିରେ ଯୋଗ ଦେଇଥିଲେ। ସେହିପରି ବରୀ ବ୍ଲକ ଅନ୍ୟସପୁର ପଂଚାୟତ ସମିତି ସଭ୍ୟ ରମେଶ ସାହୁ, ବାଲିଆ ସମିତି ସଭ୍ୟା ମାନସୀ ଦାସ, ଗୋଠକୁଣ୍ଡ ସରପଂଚ ପ୍ରତିନିଧି ସହଦେବ ବେହେରା ଦୁଇ ଦିନ ତଳେ ବିଜେପି ଦଳ ଚାଡି ଶଙ୍ଖ ଭବନରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଦେବ, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଉପସ୍ଥିତରେବିଜେଡିରେ ମିଶି ବରୀ ବିଜେଡି ଓ ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକଙ୍କ ହାତ ମୁଠାକୁ ଟାଣ କରିବା ସହିତ ବରୀ ରାନୀତିରେ ହଟ ଚମଟ ସୃଷ୍ଟି କରିଥିଲେ। ବିଶ୍ୱ ରଞ୍ଜନଙ୍କ ଅନବଗତ ସେବା ଓ ସଂଗଠନ ପାଇଁ ଚଳିତ ଥର ସର୍ବାଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ବିଜୟୀ ହେବା ପରେ ବରୀ ଉନ୍ନତି କିପରି ହେବ ସେ ନେଇ ଉଦ୍ୟମ ଜାରି



ରଖୁଚିବା ବେଳେ କିଛି କୁଚକ୍ରୀ ବିଶ୍ୱ ସଂଗଠନକୁ ନଷ୍ଟ କରିବାକୁ ଯୋଜନା କରି ଫେଲ ମାରିଛନ୍ତି। ଆଜି ବରୀ ବ୍ଲକ ଅଧକ୍ଷ ଅଶୋକ କୁମାର ଗେଡି ବିଜେଡିରେ ଯୋଗ ଦାନ ପରେ ବରୀ ଅଂଚଳରେ ବିଶ୍ୱ ସଂଗଠନ ପକ୍ଷରୁ ବାଣ ଫୁଟାଇ ମିଠା ବାଂଟି ଖୁସି ମନାଉଥିବା ବେଳେ ବରୀ ବିଜେପିକୁ ଏକ ବଡ ଝଟକା ବୋଲି ସାଧାରଣରେ ଆଲୋଚନା ଯୋର ଧରିଛି।

## ବ୍ଲକସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ କର୍ମଶାଳା

**ଆସିକା,(ମହାଭାରତ) :** ଆସିକା ବ୍ଲକ ସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ କର୍ମଶାଳା ଆସିକା ପଞ୍ଚାୟତ ସମିତି ସଭାଗୃହ ଠାରେ ଆସିକା ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ଆସିକା ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ, ବିଡ଼ିଓ ଫକୀର ଚରଣ ପରିଡା, ବିଧାୟକ ପ୍ରତିନିଧି ସଂମ୍ବିତ ପାଢ଼ୀ, ବିଜୟ ସ୍ୱାଇଁ, ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଚଳିତ ଖରିଫ ଋତୁ ରେ ବ୍ଲକ ରେ ଚାଷୀ ମାନଙ୍କ ଦ୍ୱାରା ଚାଷ କାର୍ଯ୍ୟ ହୋଇଥିବା ଜମି ଏବଂ ଖାଲି ପଡ଼ିଥିବା ଚାଷ ଜମି ଗୁଡିକୁ ସର୍ଭେରର ମାନଙ୍କ ମାଧ୍ୟମରେ ରେ ମୋବାଇଲ ଇ -ଚାଷ ଆପ ରେ ଡିଜିଟାଲ ସର୍ଭେ କରିବାକୁ କର୍ମଶାଳା ହୋଇଥିଲା। ଆସିକା ବ୍ଲକ ର ୨୭ ପଂଚାୟତ ପ୍ରାୟ ୧୦୦ ରୁ ଉର୍ଦ୍ଧ ଗ୍ରାମରେ ଥିବା ସର୍ଭେୟର ଏହି କାର୍ଯ୍ୟରେ ନିୟଜିତ ହୋଇଛନ୍ତି।

# ଜୟ ଶାହ ଆଇସିସି ଅଧ୍ୟକ୍ଷ



ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି): ବର୍ତ୍ତମାନ ବିସିସିଆଇ ସମ୍ପାଦକ ଭାବେ କାର୍ଯ୍ୟ କରୁଥିବା ଜୟ ଶାହ ଆଇସିସିର ଅଧ୍ୟକ୍ଷ ହୋଇଛନ୍ତି। ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେ ଡିସେମ୍ବରରୁ କାର୍ଯ୍ୟଭାରତ ସମ୍ଭାଳିବେ। ଗ୍ରେଗ ବାର୍କଲେଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଜୟ ଶାହ ପଦକ ସମ୍ଭାଳିବେ।

ଆଇସିସି ଅଧ୍ୟକ୍ଷ ପଦ ରେସରେ ସାମିଲ ହେବାକୁ ଜଣେ ଆଶାୟୀଙ୍କୁ ପ୍ରୋପଜର ଓ ସେକେଣ୍ଡରର ଆବଶ୍ୟକତା ରହିଥିଲା। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଖୋଲାଖୋଲି ଭାବେ ଶାହଙ୍କୁ ସମର୍ଥନ କରିଥିଲେ। ତଣୁ ସେ ଆଇସିସିର ଅଧ୍ୟକ୍ଷ ହେବା ଏକ ପ୍ରକାରର ନିଶ୍ଚିତ ହୋଇଯାଇଥିଲା।

ବିଶେଷ କରି ଲସ୍ ଏଞ୍ଜେଲ୍ସରେ ୨୦୨୮ ଅଲିମ୍ପିକ୍ସରେ କ୍ରିକେଟ ଏହାର ଅନ୍ତର୍ଭୁକ୍ତ ହେବା ସହିତ ଏହି ଖେଳକୁ ଅଧିକ ଲୋକପ୍ରିୟ କରିବା ପାଇଁ ତାଙ୍କର ଉଦ୍ଦେଶ୍ୟ ପ୍ରକାଶ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)ର ଚେୟାରମ୍ୟାନ୍ ଭାବରେ ମନୋନୀତ କରାଯାଇଥିବାରୁ ସେ କୃତଜ୍ଞ ବୋଲି ଶାହା କହିଛନ୍ତି।

କ୍ରିକେଟକୁ ଆହୁରି ବିଶ୍ୱବ୍ୟାପୀ କରିବା ପାଇଁ ମୁଁ ଆଇସିସି ଦଳ ଏବଂ ଆମର ସଦସ୍ୟ ରାଷ୍ଟ୍ରମାନଙ୍କ ସହିତ ଘନିଷ୍ଠ ଭାବେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ। ଆମେ ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଛିଡା ହୋଇଛୁ ଯେଉଁଠାରେ ଏକାଧିକ ଫର୍ମାଟର ସହଭାଗିତାକୁ ସନ୍ତୁଳିତ କରିବା, ଉନ୍ନତ ଜ୍ଞାନକୌଶଳର ଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଆମର ମାର୍କେ ଇଭେଣ୍ଟଗୁଡ଼ିକୁ ନୂତନ ବିଶ୍ୱ ବଜାରରେ ପରିଚିତ କରାଇବା ଅଧିକ ଗୁରୁତ୍ୱପୂର୍ଣ୍ଣ। ପୂର୍ବ ଅପେକ୍ଷା କ୍ରିକେଟ୍‌କୁ ଅଧିକ ଅନ୍ତର୍ଭୁକ୍ତ ଏବଂ ଲୋକପ୍ରିୟ କରିବା ଆମର ଲକ୍ଷ୍ୟ।

ଶାହ ମାତ୍ର ୩୫ ବର୍ଷ ବୟସରେ ଆଇସିସି ଅଧ୍ୟକ୍ଷ ହେବାର ରେକର୍ଡ କରିଛନ୍ତି।। ସେ ସବୁଠାରୁ କନିଷ୍ଠ ବ୍ୟକ୍ତି ଭାବେ କ୍ରିକେଟର ସବୁଠାରୁ ବଡ଼ ସଂସ୍ଥାର ମୁଖ୍ୟ ହେବେ। ଏହାବାଦ ଶାହ ୫ମ ଭାରତୀୟ ଭାବେ ଏହି ପଦରେ ଅଳଙ୍କୃତ କରିବେ। ଏହା ପୂର୍ବରୁ ଜଗମୋହନ ଡାଲମିଆ, ଶରଦ ପାୱାର, ଏନ ଶ୍ରୀନିବାସନ ଓ ଶଶାଙ୍କ ମନୋହର ଆଇସିସିର ମୁଖ୍ୟ ପଦରେ ରହିଥିଲେ। କାରଣ ଭୋଟ୍ ଦେବାକୁ ଥିବା ୧୬ଜଣ ସଦସ୍ୟଙ୍କ ସହ ତାଙ୍କର ଭଲ ସମ୍ପର୍କ ରହିଥିଲା।

ଆଇସିସି ଅଧ୍ୟକ୍ଷ ପ୍ରତ୍ୟେକ ଦୁଇ ବର୍ଷ ଲେଖାଏ ତିନି ଟର୍ମ ପାଇଁ କାର୍ଯ୍ୟଭାର ସମ୍ଭାଳନ୍ତି। ନ୍ୟୁଜିଲ୍ୟାଣ୍ଡର ଗ୍ରେଗ ବାର୍କଲେ ୨୦୨୦ରେ ଆଇସିସିର ଅଧ୍ୟକ୍ଷ ଭାବରେ ନିଯୁକ୍ତ ହୋଇଥିଲେ। ୨୦୨୨ରେ ମଧ୍ୟ ପୁନର୍ବାର ତାଙ୍କୁ ଦାୟିତ୍ୱ ମିଳିଥିଲା। ଚଳିତ ବର୍ଷ ନଭେମ୍ବରରେ ତାଙ୍କର ଚାରି ବର୍ଷର କାର୍ଯ୍ୟକାଳ ଶେଷ ହେବ କିନ୍ତୁ ସେ ତୃତୀୟ ଥର ପାଇଁ ଆଇସିସି ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଲଢିବେ ନାହିଁ ବୋଲି ମନା କରି ଦେଇଛନ୍ତି।

ଯଦି ଏକାଧିକ ବ୍ୟକ୍ତି ନାମାଙ୍କନ ଦାଖଲ କରନ୍ତି, ତେବେ ନିଶ୍ଚିତ ରୂପେ ନିର୍ବାଚନ ଅନୁଷ୍ଠିତ ହୋଇଥାନ୍ତା। ତେବେ ଶାହା ଏକମାତ୍ର ନାମାଙ୍କନପତ୍ର ଭରିଥିଲେ। ଆଇସିସି ନିୟମ ଅନୁସାରେ, ଚେୟାରମ୍ୟାନ୍ ନିର୍ବାଚନରେ ୧୬ଟି ଭୋଟ୍ ରହିଛି। ପୂର୍ବରୁ ଅଧ୍ୟକ୍ଷ ହେବାକୁ ହେଲେ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ପଡୁଥିଲା। ବର୍ତ୍ତମାନ କିନ୍ତୁ ବିଜୟ ହେବା ପାଇଁ ପ୍ରାର୍ଥୀଙ୍କୁ ନଅଟି ଭୋଟ୍ ଅର୍ଥାତ ୫୧% ସମର୍ଥନ ସହ ସଂଖ୍ୟାଗରିଷ୍ଠତା ଆବଶ୍ୟକ।

# ଭାରତରେ ହେବ ମହିଳା ହକି ଇଣ୍ଡିଆ ଲିଗ୍

ଭୁବନେଶ୍ୱର, ୨୭।୮ : ଭାରତରେ ହେବ ମହିଳା ହକି ଇଣ୍ଡିଆ ଲିଗ୍। ଏହା ଆସନ୍ତା ଡିସେମ୍ବରରେ ଆରମ୍ଭ ହୋଇ ଫେବୃୟାରୀ ପର୍ଯ୍ୟନ୍ତ ଚାଲିବ। ଏହି ସର୍ବପ୍ରଥମ ମହିଳା ଲିଗ୍‌ରେ ୬ଟି ଫ୍ରାଞ୍ଚାଇଜ୍ ଦଳ ଭାଗନେବେ। ବିଶ୍ୱର ଶ୍ରେଷ୍ଠ ୧୬ଟି ହକି ଦଳର ଖେଳାଳିମାନେ ଏହି ଲିଗ୍‌ରେ ଅଂଶଗ୍ରହଣ କରିବେ ବୋଲି ସୋମବାର ପ୍ରକାଶ କରିଛନ୍ତି ହକି ଇଣ୍ଡିଆ। ସଭାପତି ଦିଲୀପ ତିର୍କୀ। ଏହା ରାଜ୍ୟ ଏବଂ ଦେଶର ଯୁବ ଖେଳାଳିଙ୍କ ପାଇଁ ଏକ ଭଲ ପ୍ଲାଟଫର୍ମ ହେବ ସେମାନେ ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କ ସହ ଖେଳିବେ, ଡ୍ରେସିଂରୁମ୍ ଶେୟାର କରିବେ ଓ ଭାବ ବିନିମୟର ସୁଯୋଗ ପାଇବେ। ଡିସେମ୍ବରରେ ହକି ଇଣ୍ଡିଆ। ଲିଗ୍ (ଏଚ୍‌ଆଇଏଲ୍-ପୁରୁଷ) ମଧ୍ୟ ଅନୁଷ୍ଠିତ ହେବ।




ଏଚ୍‌ଆଇଏଲ୍ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଏବଂ ମହିଳା ହକି ଇଣ୍ଡିଆ। ଲିଗ୍ ରାଞ୍ଚିରେ ଖେଳାଯିବ ଏହାର କାର୍ଯ୍ୟସୂଚୀ ପରେ ପ୍ରକାଶ ପାଇବ ଓଡ଼ିଶା ଚାହିଁଲେ ଏକ ଫ୍ରାଞ୍ଚାଇଜ୍ ଭିତ୍ତିକ ଦଳ ଖେଳାଇ ପାରିବ ସବୁକିଛି ଆଉ କିଛିଦିନ ମଧ୍ୟରେ ସ୍ପଷ୍ଟ ହୋଇଯିବ ବୋଲି ଦିଲୀପ ପ୍ରକାଶ କରିଛନ୍ତି। ତିନି ଥର ଅଲିମ୍ପିକ୍ସର ଅନୁଭବ ରଖିଥିବା ଦିଲୀପ ହକି ଇଣ୍ଡିଆ ସଭାପତି ଦାୟିତ୍ୱ ନେବାପରେ ଭାରତୀୟ ଦଳର ପ୍ରଦର୍ଶନ କ୍ରମେ ଉନ୍ନତି ହୋଇଛି। ୨୦୨୨ ହାଙ୍ଗଝୋ ଏସିଆନ ଗେମ୍ସରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ୨୦୨୪ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି ଇତିହାସ ପୃଷ୍ଠାରେ ନୂଆ ଅଧ୍ୟାୟ ଯୋଡ଼ିଛି। ଏଥିରେ ସ୍ୱାଭାବିକଭାବେ ଉଲ୍ଲସିତ ଅଛନ୍ତି ଦିଲୀପ ଆମେ ଦାୟିତ୍ୱ ନେବାପରେ ଅନେକ ପଦକ୍ଷେପ ନେଇଥିଲୁ। ୨୦୨୩ ହକି ବିଶ୍ୱକପରେ ଭାରତ ଯେପରି ପ୍ରଦର୍ଶନ କଲା ତାହା ଆପଣମାନେ ସମସ୍ତେ ଦେଖିଲେ ତେଣୁ ଆମେ କୋଚିଂ ଷ୍ଟାଫ୍ ବଦଳାଇବାକୁ ନିଷ୍ପତ୍ତି ନେଲୁ ଏହି ନିଷ୍ପତ୍ତି ବହୁତ କାମ ଦେଲା। କ୍ରେଗ୍ ଫୁଲଟନଙ୍କ ପ୍ରଶିକ୍ଷଣରେ ଭାରତ ଏବେ କ୍ରମାଗତ ଭଲ ପ୍ରଦର୍ଶନ କରି ଚାଲିଛି। ଭାରତୀୟ ହକି ଦଳର ଭଲ ପ୍ରଦର୍ଶନ ପଛରେ ଓଡ଼ିଶା ସରକାରଙ୍କର ବଡ଼ ଅବଦାନ ରହିଛି। ଓଡ଼ିଶା ପ୍ରାୟୋଜକ ହେବାପରେ ଅଧିକାଂଶ ଟୁର୍ନାମେଣ୍ଟରେ ଭାରତୀୟ ଦଳ ଭଲ ଖେଳି ଆସୁଛି ମୋ ମତରେ ଓଡ଼ିଶା ସରକାର ହେଉଛନ୍ତି ଭାରତୀୟ ହକିର ବ୍ୟାକ୍ ବୋନ୍ ଏବଂ ଲକି ସ୍ପୋନସର ବୋଲି ଦିଲୀପ ପ୍ରକାଶ କରିଛନ୍ତି।

# ଏଲ୍‌ଏସ୍‌ଜିରେ ରହିବାକୁ କେ.ଏଲ୍ ରାହୁଲଙ୍କ ଇଚ୍ଛା

କୋଲକାତା, ୨୭।୮ : ବରିଷ୍ଠ ଭାରତୀୟ ବ୍ୟାଟ୍ସମ୍ୟାନ କେ.ଏଲ ରାହୁଲ ଲକ୍ଷ୍ନୌ ସୁପର ଜିଆଣ୍ଟସ ଦଳରେ ଆଇପିଏଲର ପରବର୍ତ୍ତୀ ସିଜିନ ଖେଳିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ନିକଟରେ ସେ ଲକ୍ଷ୍ନୌ ସୁପର ଜିଆଣ୍ଟସ ମାଲିକ



ସଞ୍ଜୀବ ଗୋଏଙ୍କାଙ୍କୁ ଭେଟି ତାଙ୍କୁ ବଜାୟ ରଖିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଟିମ ଇଣ୍ଡିଆର ପୂର୍ବତନ ଉପ-ଅଧିନାୟକ ରାହୁଲ ଆଉ ଟି-୨୦ ଫର୍ମାଟରେ ଭାରତୀୟ ଦଳର ଅଂଶ ନୁହଁନ୍ତି। ରାହୁଲ ପ୍ରଥମ ଦୁଇଟି ଆଇପିଏଲରେ (୨୦୨୨ ଏବଂ ୨୦୨୩) ଏଲଏସଜିକୁ ପ୍ଲେ-ଅଫ ନେଇଥିଲେ, କିନ୍ତୁ ଗୌତମ ଗମ୍ଭୀରଙ୍କ ପରାମର୍ଶ ତାଙ୍କ ଅବଦାନଠାରୁ ଅଧିକ କାରଣ ବୋଲି ବିବେଚନା କରାଯାଏ। ଏହାର କାରଣ ହେଉଛି ଯେତେବେଳେ ଗମ୍ଭୀର ୨୦୨୪ରେ ମେଣ୍ଟର ପଦ ଛାଡିଥିଲେ, ଲକ୍ଷ୍ନୌ ସୁପର ଜିଆଣ୍ଟସ ଦଳ ପଏଣ୍ଟ ଟେବୁଲରେ ସପ୍ତମ ସ୍ଥାନ ଅଧିକାର କରିଥିଲା।

ରାହୁଲ କୋଲକାତା ଆସି ସଞ୍ଜୀବ ଗୋଏଙ୍କାଙ୍କୁ ଆରପିଜି ମୁଖ୍ୟ କାର୍ଯ୍ୟାଳୟରେ ଭେଟିଥିଲେ। ସେ ଗୋଏଙ୍କାଙ୍କୁ ସ୍ପଷ୍ଟ ଭାବରେ କହିଛନ୍ତି, ସେ ରଖିବାକୁ ଚାହୁଁଛନ୍ତି। ଯେପର୍ଯ୍ୟନ୍ତ ବିସିସିଆଇ ଏକ ଧାରଣ ନୀତି ସହିତ ବାହାରକୁ ଆସିବ, ଏଲଏସଜି ପରିଚାଳନା ଏହାର ଯୋଜନା ପ୍ରସ୍ତୁତ କରିବାକୁ କିମ୍ବା ପ୍ରକାଶ କରିବାକୁ ଚାହୁଁନାହିଁ।

ରାହୁଲ ନିଜକୁ ବଜାୟ ରଖିବାକୁ ଚାହାଁନ୍ତି, କିନ୍ତୁ କେତେ ଜଣଙ୍କୁ ରଖାଯିବ ଏବଂ ନୂଆ ପର୍ସ କ'ଣ ସେ ଜାଣିବା ପର୍ଯ୍ୟନ୍ତ ସେ କାହାକୁ ରଖିପାରିବେ ନାହିଁ। ଏହି ବୈଠକ ସମ୍ପର୍କରେ ଏଲଏସଜି ପରିଚାଳନା ପକ୍ଷରୁ କୌଣସି ବିବୃତ୍ତି ହୋଇନାହିଁ। ଗତ ବର୍ଷ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ପରାଜୟ ପରେ ଗୋଏଙ୍କାଙ୍କ ସହ ରାହୁଲଙ୍କ ଝଗଡା ଭିଡିଓ ଭାଇରାଲ ହୋଇଥିଲା ଏହାପରେ ରାହୁଲ ଲକ୍ଷ୍ନୌ ଛାଡିବା ନେଇ ଚର୍ଚ୍ଚା ହୋଇଥିଲା।

## ଜୁନିୟର, ମହିଳା କ୍ରିକେଟରଙ୍କ ଲାଗି ବଡ଼ ଘୋଷଣା

ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘରୋଇସ୍ତରରେ ସମସ୍ତ ମହିଳା ଓ ଜୁନିୟର କ୍ରିକେଟ ପ୍ରତିଯୋଗିତାର ପ୍ଲେୟର ଅଫ୍ ଦି ମ୍ୟାଚ ଓ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟଙ୍କ ଲାଗି ପୁରସ୍କାର ବ୍ୟବସ୍ଥା ଲାଗୁ କରିଛି। ବିସିସିଆଇ ସମ୍ପାଦକ ଜୟ ଶାହା ସୋସିଆଲ ମିଡିଆରେ ତାଙ୍କର ଏକ ପୋଷ୍ଟରେ ଏ ବିଷୟରେ ଟୁଇଟ୍ କରିଛନ୍ତି।



ତଦନୁସାରେ ପୁରୁଷ କ୍ରିକେଟରେ ବିଜୟ ହଜାରେ ଓ ସୟଦ ମୁସ୍ତାକ ଅଲି ଟୁର୍ନାମେଣ୍ଟ ଲାଗି ପୁରସ୍କାର ବ୍ୟବସ୍ଥା କରାଯାଇଛି। ସେହିପରି ଡୋମେଷ୍ଟିକ୍ କ୍ରିକେଟ ପ୍ରୋଗ୍ରାମ୍ ଅନ୍ତର୍ଗତ ମହିଳା ବିଭାଗର ସମସ୍ତ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ପ୍ଲେୟର ଅଫ୍ ଦି ମ୍ୟାଚ ଓ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟଙ୍କୁ ଆର୍ଥିକ ସୁରସ୍କାର ପ୍ରଦାନ କରାଯିବ। ଏତଦ୍‌ବ୍ୟତୀତ ସିନିୟର ପୁରୁଷଙ୍କ ପାଇଁ ବିଜୟ ହଜାରେ ଓ ସୟଦ ମୁସ୍ତାକ ଅଲି ଟୁର୍ନାମେଣ୍ଟର ପ୍ଲେୟର ଅଫ୍ ଦି ମ୍ୟାଚ୍‌ଙ୍କ ଲାଗି ପୁରସ୍କାର ବ୍ୟବସ୍ଥା କରାଯାଇଛି। ଘରୋଇ ସର୍କିଟରେ ଉଲ୍ଲେଖନୀୟ ପ୍ରଦର୍ଶନକୁ ସ୍ୱୀକୃତି ଦେବା ଲକ୍ଷ୍ୟରେ ଏହି ପୁରସ୍କାର ଦିଆଯିବ।

# ସୂର୍ଯ୍ୟକୁମାରଙ୍କ ସ୍ୱପ୍ନ ଅଧୁରା

ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି): ନିକଟରେ ଶ୍ରୀଲଙ୍କା ବିପକ୍ଷରେ ଖେଳାଯାଇଥିବା ଟି-୨୦ ସିରିଜରେ ସୂର୍ଯ୍ୟକୁମାର ଯାଦବଙ୍କୁ ଭାରତର ଅଗ୍ରଣୀ ଦେଖିବାକୁ ମିଳିଥିଲା। ରୋହିତ ଶର୍ମା ଅନ୍ତର୍ଜାତୀୟ ଟି-୨୦ରୁ ଅବସର ନେବା ପରେ ସୂର୍ଯ୍ୟଙ୍କୁ ଟି-୨୦ ଦଳର ଦାୟିତ୍ୱ ଦିଆଯାଇଥିଲା। ତେବେ ଏହା ପୂର୍ବରୁ ମଧ୍ୟ ସୂର୍ଯ୍ୟ ଭାରତର ଟି-୨୦ ଦଳର ଦାୟିତ୍ୱ ନେଇଥିଲେ ଯେ ସେ ଟି-୨୦ର ନିୟମିତ ଅଧିନାୟକ ହୋଇଛନ୍ତି ତଥାପି ଏହା ସତ୍ତ୍ୱେ ସୂର୍ଯ୍ୟଙ୍କର ଗୋଟିଏ ଇଚ୍ଛା ପୂରଣ ହୋଇନାହିଁସ୍।

ସୂର୍ଯ୍ୟ କହିଛନ୍ତି, ସେ ମଧ୍ୟ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇବାକୁ ଚାହୁଁଛନ୍ତି। ଟେଷ୍ଟ ଦଳରେ ପ୍ରବେଶ କରିବା ପାଇଁ ସେ ଘରୋଇ କ୍ରିକେଟ ଖେଳିବେ ବୋଲି କହିଛନ୍ତି। ଟେଷ୍ଟ ଦଳରେ ଯୋଗଦେବା ତାଙ୍କ ହାତରେ ନାହିଁ, କିନ୍ତୁ ଘରୋଇ ଟୁର୍ନାମେଣ୍ଟ ଖେଳିବା ତାଙ୍କ ହାତରେ ଅଛି।




ସୂର୍ଯ୍ୟକୁମାର ଯାଦବ କହିଛନ୍ତି, ଅନେକ ଖେଳାଳି ଅଛନ୍ତି ଯେଉଁମାନେ ଟେଷ୍ଟ ଦଳରେ ନିଜର ସ୍ଥାନ ପାଇବା ପାଇଁ କଠିନ ପରିଶ୍ରମ କରିଛନ୍ତି। ମୁଁ ମଧ୍ୟ ସେହି ଟେଷ୍ଟ ଦଳରେ ସ୍ଥାନ ପାଇବାକୁ ଚାହୁଁଛି। ଯେତେବେଳେ ମୁଁ ଭାରତ ପାଇଁ ମୋର ଟେଷ୍ଟ ଡେବ୍ୟୁ କରିଥିଲି, ଅନେକ ଯେଉଁ ଖେଳାଳିମାନେ ସୁଯୋଗ ପାଇଥିଲେ ସେମାନେ ଭଲ ପ୍ରଦର୍ଶନ କରିଥିଲେ।

ସୂର୍ଯ୍ୟ ଆହୁରି କହିଛନ୍ତି, ଯଦି ମୁଁ ଭବିଷ୍ୟତରେ ଖେଳିବାକୁ ଚାହେଁ, ଏହା ମୋ ନିୟନ୍ତ୍ରଣରେ ନାହିଁ ବର୍ତ୍ତମାନ ଏହି ଟୁର୍ନାମେଣ୍ଟ (ବୁଚି ବାବୁ) ଖେଳିବା, ଦୁଲିପ ଟ୍ରଫି ଖେଳିବା ମୋର ନିୟନ୍ତ୍ରଣରେ ଅଛି ଏବଂ ତାପରେ ଆମେ ଦେଖିବା କଣ ହେବ।

ସୂର୍ଯ୍ୟଙ୍କୁ ୫ ସେପ୍ଟେମ୍ବରରୁ ଦୁଲିପ ଟ୍ରଫିରେ ଖେଳାଯିବ ଦୁଲିପ ଟ୍ରଫି ପୂର୍ବରୁ ସେ ମଙ୍ଗଳବାର କୋଏମ୍ବାଟୁରରେ ଟିଏନ୍‌ସିଏ ଏକାଦଶ ବିପକ୍ଷରେ ବୁଚି ବାବୁ ଆମନ୍ତ୍ରଣ ଟୁର୍ନାମେଣ୍ଟରେ ମୁମ୍ବାଇ କ୍ରିକେଟ ଆସୋସିଏସନ ପାଇଁ ଖେଳିବେ। ସୂଚନାଯୋଗ୍ୟ ଯେ, ୨୦୨୩ରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ବର୍ଡର-ଗାଭାସ୍କର ଟ୍ରଫିରେ ସୂର୍ଯ୍ୟ ଟିମ ଇଣ୍ଡିଆ ପାଇଁ ଟେଷ୍ଟ ଡେବ୍ୟୁ କରିଥିଲେ ଯଦିଓ ସେ ଏପର୍ଯ୍ୟନ୍ତ କେବଳ ଗୋଟିଏ ଟେଷ୍ଟ ମ୍ୟାଚ ଖେଳିଛନ୍ତି ଏବେ ଯେତେବେଳେ ସେ ଟିମ ଇଣ୍ଡିଆ। ପାଇଁ ଦ୍ୱିତୀୟ ଟେଷ୍ଟ ଖେଳିବାର ସୁଯୋଗ ପାଇବେ ତାହା ଦେଖିବା ମଜାଦାର ହେବ।

# ଏଚ୍‌ଏସ୍ ପ୍ରଣୟଙ୍କୁ ଚିକେନଗୁନିଆ

ନୂଆଦିଲ୍ଲୀ, ୨୭।୦୮ : ଭାରତର ଶ୍ରେଷ୍ଠ ମାନ୍ୟତାପ୍ରାପ୍ତ ପୁରୁଷ ସିଙ୍ଗଲ୍ସ ବ୍ୟାଡ଼ମିଣ୍ଟନ ଖେଳାଳି ଏଚ୍‌ଏସ୍ ପ୍ରଣୟ ଚିକେନଗୁନିଆ। ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଛନ୍ତି। ସେ ନିଜ ଅଫିସିଆଲ୍ ସୋସିଆଲ୍ ମିଡିଆ। 'ଏକ୍ସ' ପୃଷ୍ଠାରେ ଏବିଷୟରେ ସୂଚନା ଦେଇଛନ୍ତି।



ସେ ଲେଖିଛନ୍ତି, ପ୍ରବଳ ଜ୍ୱର ଏବଂ ଶରୀରରେ ଅସହ୍ୟ ଯନ୍ତ୍ରଣା ହେବାରୁ ମୁଁ ଡାକ୍ତରଖାନାଙ୍କ ପରାମର୍ଶ ଅନୁସାରେ ବିଭିନ୍ନ ପରୀକ୍ଷା କରାଇଥିଲା।

ରିପୋର୍ଟରେ ମୋତେ ଚିକେନଗୁନିଆ। ହୋଇଥିବା ଜଣାପଡ଼ିଥିଲା। ଏବେ ଯନ୍ତ୍ରଣା କମିଥିଲେ ମଧ୍ୟ ଦୁର୍ବଳ ଲାଗୁଛି। ଫଳରେ ମୁଁ ଆଗାମୀ କିଛି ଟୁର୍ଣ୍ଣାମେଣ୍ଟ ନଖେଳିବା ନେଇ ନିଷ୍ପତ୍ତି ନେଇଛି। ସମ୍ପୂର୍ଣ୍ଣ ସୁସ୍ଥ ଏବଂ ମ୍ୟାଚ୍ ଫିଟ୍ ହେବା ପରେ ମୁଁ ଆକ୍ସନକୁ ଓହ୍ଲାଇବି କଠିନ ସମୟରେ ମୋତେ ସମର୍ଥନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି। ପ୍ୟାରିସ୍ ଅଲିମ୍ପିକ୍ସରେ ପ୍ରଣୟ ପ୍ରି-କ୍ୱାର୍ଟରରେ ଲକ୍ଷ୍ୟ ସେନଙ୍କଠୁ ହାରି ବିଦାୟ ନେଇଥିଲେ। ଏହାପରେ ସେ ଜାପାନ ଓପନରୁ ଓହରି ଯାଇଥିଲେ। ଆସନ୍ତାକାଲିଠୁ କୋରିଆ ଓପନ ଆରମ୍ଭ ହେଉଥିବାବେଳେ ଆଗାମୀ ସେପ୍ଟେମ୍ବର ଚାଇନା ଓପନ ସୁପର ୧୦୦୦ ଟୁର୍ଣ୍ଣାମେଣ୍ଟ ରହିଛି। ପ୍ରଣୟଙ୍କ ଚାଇନା ଓପନ ଖେଳିବା ମଧ୍ୟ ଅନିଶ୍ଚିତତା ମଧ୍ୟରେ ରହିଛି।

# ଏଆଇର ବ୍ୟବହାର କରିବ ପିସିବି

ନୂଆଦିଲ୍ଲୀ, ୨୭/୮ : ପାକିସ୍ତାନ କ୍ରିକେଟର ଅବସ୍ଥା ଧିରେ ଧିରେ ଖରାପ ହେବାକୁ ଯାଉଛି। ବାଂଲାଦେଶ ମଧ୍ୟରେ ୨ଟେଷ୍ଟ ମ୍ୟାଚର ସିରିଜର ପ୍ରଥମ ମୁକାବିଲାରେ ଟିମକୁ ପରାଜୟର ଶିକାର ହେବାକୁ ପଡ଼ିଥିଲା। ବାଂଲାଦେଶ ସିରିଜରେ ୧-୦ରେ ଆଗରେ ଅଛି। ଏହି ପରାଜୟ ପରେ ପାକିସ୍ତାନ ଟିମକୁ ସବୁଆଡୁ ସମାଲୋଚନାର ଶିକାର ହେବାକୁ ପଡୁଛି।




ପ୍ରତ୍ୟେକ ସିରିଜ ସହ ପାକିସ୍ତାନର କ୍ରିକେଟ ପ୍ରଦର୍ଶନରେ ଖରାପ ପ୍ରଦର୍ଶନକୁ ଦେଖି ଦେଶର ବୋର୍ଡ଼ ଟ୍ୟାଲେଣ୍ଟ ଖୋଜିବା ଲାଗି ଏକ ଅଭିନବ ଉପାୟ ପ୍ରୟୋଗ କରିଛି।

ପାକିସ୍ତାନ କ୍ରିକେଟ ବୋର୍ଡ଼ର ପ୍ରମୁଖ ମୋହସିନ ନକବୀ ଖୁଲାସା କରିଛନ୍ତି କି ଦେଶର ଘରୋଇ ପ୍ଲାଟଫର୍ମରୁ ଖେଳାଳୀ ଚୟନ ପ୍ରାୟ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଉପଯୋଗ କରି କରାଯାଉଛି। ଏଆଇର ବ୍ୟବହାର ଇନଫର୍ମେଶନ ଟେକ୍ନୋଲୋଜୀ, ଇ-କମର୍ସ ଏବଂ କେତେକ ଅନ୍ୟ ବ୍ୟବସାୟ କ୍ଷେତ୍ରରେ ପ୍ରମୁଖ ବ୍ୟବହାର ହେଉଛି। ପିସିବି ନିଜ ଖେଳାଳୀଙ୍କୁ ଚୟନରେ ଏଆଇକୁ ଉପଯୋଗ କରି ଖୋଲାଖୋଲି କହିବାରେ ପ୍ରଥମ ବୋର୍ଡ଼ ହୋଇଯାଇଛି।

ପ୍ରେସ କନଫରେନ୍ସରେ ନକବୀ ଗଣମାଧ୍ୟମକୁ ଜାତୀୟ ଟିମର ଖରାପ ପ୍ରଦର୍ଶନ ବିଷୟରେ କହିଥିଲେ। ନକବୀ ପାକିସ୍ତାନର ଟି-୨୦ ବିଶ୍ୱକପ ୨୦୨୪ରେ ଖୁବଶୀଘ୍ର ଦଳ ବାହାରିବାକୁ ନେଇ କହିଥିଲେ କି ସର୍ଜରୀର ଆବଶ୍ୟକ ଉପରେ ଯୋର ଦିଆଯାଇଥିଲା। କିନ୍ତୁ ସେବେଠାରୁ ବହୁତ କିଛି ବଦଳି ନାହିଁ। ପିସିବି ଅଧ୍ୟକ୍ଷ କହିଥିଲେ କି ସମସ୍ୟା ଏହା କି ଚୟନ ସମିତି ନିକଟରେ ଖେଳାଳୀଙ୍କୁ ଚୟନ କରିବା ଲାଗି କେଣସି ତଥ୍ୟ ନାହିଁ। ମୁଁ ସର୍ଜରୀ କଥା ଏଥିଲାଗି କହିଥିଲି କି କାରଣ ଆମେ ନିଜ ସମସ୍ୟାକୁ ଠିକ୍ କରିବାର ଆବଶ୍ୟକତା ଅଛି। କିନ୍ତୁ ଯେତେବେଳେ ଆମେ ଦେଖିବା କି ତାକୁ କିଭଳି ସମାଧାନ କରାଯିବ ତ ଆମ ପାଖରେ କେଣସି ପ୍ରକାରର ସଠିକ୍ ତଥ୍ୟ କିମ୍ବା ଖେଳାଳୀଙ୍କ ସୂଚୀ ନାହିଁ। ଯାହାଦ୍ୱାରା ଆମକୁ ସାହାଯ୍ୟ ମିଳିପାରିବ। ପୂରା ବ୍ୟବସ୍ଥା ଗଡ଼ବଡ଼ ଥିଲା। ଚାମ୍ପିୟନ କପରେ ବହୁତ ଭଲ ପ୍ରତିଭା ସାମ୍ନାକୁ ଆସିବେ ଏବଂ ଆମ ପାଖରେ ହେଉଥିବା ଖେଳର ରେକର୍ଡ଼ ରହିବ। ସର୍ଜରୀ ଲାଗି ଆପଣଙ୍କୁ ଏହା କରିବାକୁ ସବୁ ଉପକରଣର ଜରୁରୀ ହୋଇଥାଏ।

ପିସିବି ଆହୁରି କହିଛି କି, ଆମ ପାଖରେ ବହୁତ ଖେଳାଳୀ ଥିଲେ। ଯାହାଙ୍କ ରେକର୍ଡ଼ ଆମ ପାଖରେ ନଥିଲା। ଏହି କପ୍ ଘରୋଇ କ୍ରିକେଟକୁ ମଜବୁତ କରିବ। ଆମ ପାଖରେ ୧୫୦ଖେଳାଳୀଙ୍କ ସୂଚୀ ହେବ ଏବଂ ପରେ ଆମେ ଯାହା ସର୍ଜରୀ କରିବାରେ ଅଛି ତାହା ଚୟନ ସମିତି କରିବ। ଲୋକେ ଏଭଳି କହିଥିଲେ କି ଆଜି ସବୁ କରିନିଅନ୍ତୁ, ୪-୫ଖେଳାଳୀଙ୍କୁ ହଟାଇ ଦିଅନ୍ତୁ ଏବଂ ତାଙ୍କଠାରୁ ଆଶ୍ୱସ୍ତ ପାଆନ୍ତୁ ଆପଣ କାହାକୁ ସେତେବେଳ ପର୍ଯ୍ୟନ୍ତ ହଟାଇପାରିବେନି। ଯେତେବେଳ ପର୍ଯ୍ୟନ୍ତ ଆପଣଙ୍କ ପାଖରେ ତାଙ୍କ ସ୍ଥାନ ନେବା ଲାଗି କେଣସି ଭଲ ଖେଳାଳୀ ହୋଇନାହାନ୍ତି।

# ଆଦିତ୍ୟନାଥଙ୍କୁ ଭେଟିଲେ ରିଙ୍କୁ ସିଂ



ଲକ୍ଷ୍ନୌ, ୨୭।୮ : ଭାରତୀୟ ଦଳର ତାରକା ବ୍ୟାଟ୍ସମ୍ୟାନ ରିଙ୍କୁ ସିଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟିଛନ୍ତି ସେ ମୁଖ୍ୟମନ୍ତ୍ରୀଙ୍କୁ ଲକ୍ଷ୍ନୌରେ ଥିବା ତାଙ୍କ ସରକାରୀ ବାସଭବନରେ ଭେଟି ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଏହି ସମୟରେ ତାଙ୍କୁ ଧଳା ଟି-ଶର୍ଟ ଏବଂ କଳା ପ୍ୟାଣ୍ଟରେ ଦେଖିବାକୁ ମିଳିଥିଲା।

ଏହି ସାକ୍ଷାତବେଳେ ଉତ୍ତରପ୍ରଦେଶର ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ଡାନିସ୍ ଆଜାଦ ଅନସାରୀ ମଧ୍ୟ ଉପସ୍ଥିତ ଥିଲେ। ରିଙ୍କୁ ସୋସିଆଲ ମିଡିଆ। ମାଧ୍ୟମରେ ଏହି ସାକ୍ଷାତର ଫଟୋ ଶେୟାର କରିଥିଲେ। ଦ୍ୱିତୀୟ ଫଟୋରେ, ରିଙ୍କୁ ମଧ୍ୟ ବ୍ୟାଟ ଉପରେ ଯୋଗୀଙ୍କ ଅଟୋଗ୍ରାଫ ନେଉଥିବାର ନଜର ଆସିଥିଲେ। ଏହି ଫଟୋଗୁଡ଼ିକର କ୍ୟାପସନ ଦେଇ ଭାରତୀୟ ବ୍ୟାଟ୍ସମ୍ୟାନ ଲେଖିଛନ୍ତି, ମାନ୍ୟବର ମୁଖ୍ୟ ଯୋଗୀ ଆଦିତ୍ୟନାଥ ଜୀଙ୍କୁ ଭେଟି ଅତ୍ୟନ୍ତ ଗର୍ବିତ ଅନୁଭବ କରୁଛି ଏହି ସୁଯୋଗ ପାଇଁ ମୁଁ କୃତଜ୍ଞ।

ସୂଚନାଯୋଗ୍ୟ ଯେ, ଆଜିକାଲି ରିଙ୍କୁ ୟୁପି ଟି-୨୦ ଲିଗ ୨୦୨୪ରେ ଅଂଶଗ୍ରହଣ କରୁଛନ୍ତି ଟିମ ଇଣ୍ଡିଆ। ପାଇଁ ରିଙ୍କୁ ଏପର୍ଯ୍ୟନ୍ତ ୨ଟି ଦିନିକିଆ। ଏବଂ ୨୩ ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି।

# ଟି-୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଘୋଷଣା

## ହରମନପ୍ରୀତଙ୍କ ନେତୃତ୍ୱରେ ଖେଳିବ ଭାରତ, ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ସୁଯୋଗ

ନୂଆଦିଲ୍ଲୀ, ୨୭।୮ : ମହିଳା ଟି-୨୦ ବିଶ୍ୱକପ ୨୦୨୪ ପାଇଁ ଭାରତ ଦଳ ଘୋଷଣା କରିଛି। ହରମାନପ୍ରୀତ କୌରଙ୍କ ଦ୍ୱାରା ଅଧିନାୟକ ହୋଇଥିବା ଟିମ ଇଣ୍ଡିଆ ଅଭିଜ୍ଞ ଖେଳାଳି ତଥା ଯୁବ ଖେଳାଳିଙ୍କ ପାଇଁ ସୁଯୋଗ ପାଇଛି। ସ୍ମୃତି ମନ୍ଧାନା ଏବଂ ଶେଫାଳି ବର୍ମା ଟିମ ଇଣ୍ଡିଆରେ ସାମିଲ ଅଛନ୍ତି। ଟିମ ଇଣ୍ଡିଆରେ ରାଧା ଯାଦବ ଏବଂ ଜେମିମା ରୋଡ୍ରିଗେଜ ମଧ୍ୟ ସ୍ଥାନ ପାଇଛନ୍ତି। ମହିଳା ଟି-୨୦ ବିଶ୍ୱକପ ୨୦୨୪ ଅକ୍ଟୋବର ୩ରୁ ଆରମ୍ଭ ହେବ। ଭାରତର ପ୍ରଥମ ମ୍ୟାଚ ନ୍ୟୁଜିଲାଣ୍ଡ ମହିଳା ଦଳ ବିପକ୍ଷରେ ଏହି ମ୍ୟାଚ ୪ ଅକ୍ଟୋବରରେ ଖେଳାଯିବ। ୟୁଏଇରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ।

ଭାରତ ଅଧିନାୟକ ହରମାନପ୍ରୀତ କୌରଙ୍କୁ ଦେଇଛି। ଟିମ ଇଣ୍ଡିଆ। ସ୍ମୃତି ମନ୍ଧାନା, ଶେଫାଳି ବର୍ମା ଏବଂ ଦୀପ୍ତି ଶର୍ମାଙ୍କୁ ସୁଯୋଗ ଦେଇଛି। ଏମାନଙ୍କ ସହିତ ଜେମିମା ରୋଡ୍ରିଗେଜ, ରିଚା ଘୋଷ ଏବଂ ଯଶିକା ଭାଟିଆ। ମଧ୍ୟ ସୁଯୋଗ ପାଇଛନ୍ତି। ପୂଜା ବସ୍ତ୍ରାକର, ରେଣୁକା ସିଂ, ହେମଲତା, ଶୋଭନା ଏବଂ ରାଧା ଯାଦବଙ୍କୁ ମଧ୍ୟ




ଏକ ସୁଯୋଗ ଦିଆଯାଇଛି। ଏହି ମ୍ୟାଚ ଦୁବାଇରେ ଖେଳାଯିବ ଟିମ ଇଣ୍ଡିଆ। ମୋଟ ୪ଟି ଗ୍ରୁପ ମ୍ୟାଚ ଖେଳିବ। ଏଥିମଧ୍ୟରୁ ୩ଟି ମ୍ୟାଚ ଦୁବାଇରେ ଏବଂ ଗୋଟିଏ ମ୍ୟାଚ ଶାରଜାଠାରେ ଖେଳାଯିବ।

ଭାରତ ଏବଂ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ମ୍ୟାଚକୁ ପ୍ରଶଂସକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଅକ୍ଟୋବର ୬ରେ ଟିମ ଇଣ୍ଡିଆ। ପାକିସ୍ତାନ ବିପକ୍ଷରେ ପଡ଼ିଆରେ ରହିବ। ଏହି ମ୍ୟାଚ ଦୁବାଇରେ ଖେଳାଯିବ। ଟିମ ଇଣ୍ଡିଆର ଶେଷ ଗ୍ରୁପ ମ୍ୟାଚ ଅଷ୍ଟ୍ରେଲିଆ। ବିପକ୍ଷରେ ହେବ। ଏହି ମ୍ୟାଚ ଅକ୍ଟୋବର ୧୩ରେ ଶାରଜାଠାରେ ଖେଳାଯିବ। ଏହାପୂର୍ବରୁ ଶ୍ରୀଲଙ୍କା ବିପକ୍ଷରେ ଏକ ମ୍ୟାଚ ହେବ। ଏହି ମ୍ୟାଚ ଅକ୍ଟୋବର ୯ରେ ଖେଳାଯିବ।

ଆଇସିସି ମହିଳା ଟି-୨୦ ବିଶ୍ୱକପ ୨୦୨୪ ପାଇଁ ଭାରତ ଦଳ: ହରମାନପ୍ରୀତ କୌର (ଅଧିନାୟକ), ସ୍ମୃତି ମନ୍ଧାନା (ଉପ-ଅଧିନାୟକ), ଶେଫାଳି ବର୍ମା, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗୁସ, ରିଚା ଘୋଷ (ଉଇକେଟ୍‌କିପର), ଯଷ୍ଟିକା ଭାଟିଆ। (ଉଇକେଟ୍‌କିପର), ପୂଜା ବସ୍ତ୍ରାକର, ଅରୁନ୍ଧତୀ ରେଡ୍ଡୀ, ରେଣୁକା ସିଂ ଠାକୁର, ଦୟାଲନ ହେମଲତା, ଆଶା ଶୋଭନା, ରାଧା ଯାଦବ, ଶ୍ରେୟଙ୍କା ପାଟିଲ, ସାଜନା ସାଜିଭାନ। ରିଜର୍ଭ ଖେଳାଳି ଉମା ଛେତ୍ରୀ, ତନୁଜା କନାର ଏବଂ ସାଇମା ଠାକୁର।

# ଖୋଲିଲା ପାଣ୍ଡ୍ୟାଙ୍କ ଗୁମର !

ନୂଆଦିଲ୍ଲୀ, ୨୭।୮ (ଏଜେନସି): କ୍ରିକେଟର୍ ହାର୍ଦ୍ଦିକ ପାଣ୍ଡ୍ୟାଙ୍କଠାରୁ ଛାଡପତ୍ରନେବା ପରେ ଅଭିନେତ୍ରୀ ନତାଶା ଷ୍ଟାନକୋଭିକ ନିକଟରେ ଏକ କ୍ରିପ୍ଟିକ ନୋଟ ଶେୟାର କରିଛନ୍ତି ଟିମ ଇଣ୍ଡିଆ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ଛାଡପତ୍ର ହେବାର ପ୍ରକୃତ କାରଣ ହେଉଛି ତାଙ୍କର ଅହଂକାର ବୋଲି ଚର୍ଚ୍ଚା ହେଉଥିଲା ନତାଶାଙ୍କ ଏହି ନୋଟ ଦେଖି ପ୍ରଶଂସକମାନେ ଅନୁମାନ କରୁଛନ୍ତି, ଭାଇରାଲ ଖବର ପଛରେ ନିଶ୍ଚିତ କିଛି ସତ୍ୟତା ଅଛି।

ଯଦିଓ ନତାଶା ଏପର୍ଯ୍ୟନ୍ତ ସର୍ବସାଧାରଣରେ ଏହାର କାରଣ ବିଷୟରେ କହିନାହାଁନ୍ତି, କିନ୍ତୁ ସେ ଇନଷ୍ଟାଗ୍ରାମ ଷ୍ଟୋରୀରେ ଏକ ପୋଷ୍ଟ ଶେୟାର କରି ପ୍ରେମ କିପରି ହେବା ଉଚିତ ଏବଂ ଏହା କିପରି ହେବା ଉଚିତ ନୁହେଁ ସେ ବିଷୟରେ ବର୍ଣ୍ଣନା କରିଛନ୍ତି। ନୋଟରେ ଲେଖାଥିଲା, ପ୍ରେମ



ଧୈର୍ଯ୍ୟବାନ ଏବଂ ଦୟାଳୁ ଅଟେ। ଏହା ଇର୍ଷାପରାୟଣ ହେବା ଉଚିତ୍ ନୁହେଁ। ଏହା ଅନ୍ୟମାନଙ୍କୁ ଅପମାନିତ କରେ ନାହିଁ ଏହା ସ୍ୱାର୍ଥପର ନୁହେଁ। ଏହା ସହଜରେ କ୍ରୋଧିତ ହୁଏ ନାହିଁ। ଏହା ଭୁଲକୁ ସହ୍ୟ କରେ ନାହିଁ। ଏହା ସର୍ବଦା ସୁରକ୍ଷା କରେ। ସେ ଏହି ପୋଷ୍ଟକୁ ଶେୟାର କରିବା ମାତ୍ରେ, ପ୍ରଶଂସକ ହୃଦୟଙ୍ଗମ କରିଛନ୍ତି। ହାର୍ଦ୍ଦିକଙ୍କ ସହ ତାଙ୍କର ତିକ୍ତ ସମ୍ପର୍କ ଏବଂ ଏହା ଛାଡପତ୍ର ହେବାର ପ୍ରକୃତ କାରଣ।

ମାସେ ଧରି କଳ୍ପନାଜଳ୍ପନା ପରେ ଚଳିତ ବର୍ଷ ଜୁଲାଇରେ ହାର୍ଦ୍ଦିକ ଏବଂ ନତାଶା ମିଳିତ ବିବୃତ୍ତିରେ ଛାଡପତ୍ର ଘୋଷଣା କରିଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ